# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, January 23/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 61 | ମୂଲ୍ୟ ₹୭/-




### ବିବାହ କଲେ ମେଘା

ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍ଲଙ୍କୁ ବିବାହ କରିଛନ୍ତି।

୦୨

୧୪

### ଅର୍ଶଦୀପଙ୍କ ରେକର୍ଡ

ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହେବାର ରେକର୍ଡ କରିଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଲବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# ଶୀତଳଭଣ୍ଡାର ପାଇଁ ୬୦% ପର୍ଯ୍ୟନ୍ତ ରିହାତି

ରାଜ୍ୟ କ୍ୟାବିନେଟ ବୁଧବାର ୧୦ଟି ପ୍ରସ୍ତାବ ଉପରେ ମୋହର ମାରିଛି। ପ୍ରତ୍ୟେକ ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ନିର୍ମାଣ ସହ ନବୀକରଣ କଲେ ୫୦ରୁ ୬୦% ରିହାତି(ସବ୍‌ସିଡି) ବ୍ୟବସ୍ଥା ଘୋଷଣା କରାଯାଇଛି। ଏହାସହ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ଭାଜପା ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ଯେଭଳି ଖୁବ୍‌ଶୀଘ୍ର ପୂରଣ କରିବ, ସେନେଇ ତତ୍ପରତା ଦେଖାଉଥିବାବେଳେ ଆସନ୍ତା ବଜେଟ ପୂର୍ବରୁ କ୍ୟାବିନେଟରେ ଏହି ନିଷ୍ପତ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ପ୍ରତିଶ୍ରୁତି ପାଳନ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବା ମଧ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହୋଇଛି। ତେଣୁ ଷୋଡ଼ଶ ଅର୍ଥ କମିଶନଙ୍କଠାରୁ ରାଜ୍ୟ ପାଇଁ ୧୨,୬୫,୧୪୮ କୋଟି ଟଙ୍କାର ଦାବି କରାଯିବାକୁ କ୍ୟାବିନେଟରେ ସ୍ଥିର କରାଯାଇଛି।

## ରାଜ୍ୟ କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବରେ ମୋହର

### ୫ ହଜାର ଡାକ୍ତର ପଦବୀ ପୂରଣ ହେବ

ଭୁବନେଶ୍ୱର,୨୨।୧(ଅନିଲ ଦାସ)

ଶୀତଳଭଣ୍ଡାର ଅଭାବରୁ ରାଜ୍ୟରେ ଉତ୍ପାଦିତ ଖାଦ୍ୟଶସ୍ୟ ମହଜୁଦ ରଖିବା ନେଇ ସମସ୍ୟା ସୃଷ୍ଟି ହେଉଛି। ତିରୋଟ ସମୟରେ ରାଜ୍ୟରେ ଖାଦ୍ୟଶସ୍ୟ ଓ ପନିପରିବା ଦର ଆକାଶଛୁଆଁ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ସବ୍‌ଡିଭିଜନରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। 'ଶୀତଳଭଣ୍ଡାର ପାଇଁ ଆର୍ଥିକ ସହାୟତା' ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ ମିଳିଛି। ରାଜ୍ୟର ୫୮ଟି ସବ୍‌ଡିଭିଜନରେ ଅତିକମ୍‌ରେ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ ଲକ୍ଷ୍ୟରେ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଏହାଦ୍ୱାରା ରାଜ୍ୟର କୃଷକମାନଙ୍କୁ ସେମାନଙ୍କ ☞ ପୃଷ୍ଠା-୪

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରେନ୍: ୧୧ ମୃତ

ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ଟ୍ରେନ୍ ଚକରୁ ହଠାତ୍ ଧୂଆଁ ବାହାରିବାରେ ଲାଗିଲା। ଟ୍ରେନ୍‌ରେ ନିଆଁ ଲାଗିଯାଇଛି ଭାବି ଅନେକ ଯାତ୍ରୀ ଏହାର ଚେନ୍ ଟାଣିବା ସହ ତଳକୁ ଡେଇଁ ପଡ଼ିଥିଲେ। ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଟ୍ରାକ୍ ଉପରେ ଧାଉଁଥିବାବେଳେ ବିପରୀତ ଦିଗରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ଅନ୍ୟୁନ ୧୧ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ କେତେଜଣ ଆହତ ହୋଇଥିବା କୁହାଯାଉଛି। ମହାରାଷ୍ଟ୍ରର ପରନ୍ଦା ରେଳଷ୍ଟେଶନ ନିକଟରେ ବୁଧବାର ଅପରାହ୍ନରେ ଘଟିଥିବା ଏହି ଦୁର୍ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଗୁଜବରୁ ଟ୍ରାକ୍‌କୁ ଡେଇଁଥିଲେ

ଜଳଗାଁଓ,୨୨।୧(ପି.ଟି.)

ଉତ୍ତର ମହାରାଷ୍ଟ୍ରର ଜଳଗାଁଓ ଜିଲାରେ ବୁଧବାର ଅପରାହ୍ନ ୫ଟାରେ ଅକାରଣେ ୧୧ ଟ୍ରେନ୍ ଯାତ୍ରୀଙ୍କ ଜୀବନ ଯାଇଛି। ଲକ୍ଷ୍ନୌ-ମୁମ୍ବାଇ ପୁଷ୍ପକ ଏକ୍ସପ୍ରେସ୍‌ରେ ଯାତ୍ରୀମାନେ ଯାଉଥିବାବେଳେ ମହେଜୀ ଓ ପରଧାଡ଼େ ଷ୍ଟେଶନ୍ ମଝିରେ ଉକ୍ତ ଟ୍ରେନ୍‌ରେ ନିଆଁ ଲାଗିଯାଇଥିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ଫଳରେ କେତେଜଣ ଯାତ୍ରୀ ଆତଙ୍କିତ ହୋଇ ଏହାର ଚେନ୍‌କୁ ଟାଣିଥିଲେ। ଟ୍ରେନ୍ କିଛି ସମୟ ପାଇଁ ଅଟକିଯାଇଥିବାବେଳେ ୩୦ରୁ ୪୦ ଯାତ୍ରୀ ପ୍ରାଣ ବିକଳରେ ଟ୍ରାକ୍‌କୁ ଡେଇଁବାରେ ଲାଗିଲେ। ଏହି ସମୟରେ ☞ ପୃଷ୍ଠା-୪

# ସୁଭଦ୍ରା ଯୋଜନାରେ ଆବେଦନ କରିଛନ୍ତି ୧୫୭ ପୁରୁଷ

ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାରେ ଅନେକ ପୁରୁଷ ଆବେଦନ କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ରାଜ୍ୟର ୧୫୭ ଜଣ ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସୁଭଦ୍ରା ଯୋଜନାରେ ୧୫୭ ଜଣ ପୁରୁଷ ଆବେଦନ କରିଥିବା ବେଳେ ସେମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ପୁରୁଷମାନେ କାହିଁକି ଏହି ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସଂସ୍କୃତି ଓ ସଙ୍ଗୀତ







## ସଂକ୍ଷେପରେ

### ଏନ୍ଏଚ୍ଏମ୍ ଅବଧି ଆଉ ୫ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୨୨।୧(ପିଟି)

କେନ୍ଦ୍ର କ୍ୟାବିନେଟ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରିଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହି ଅନୁମୋଦନ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ଗୋୟଲ କହିଛନ୍ତି, ୨୦୨୧ରୁ ୨୦୨୨ ମଧ୍ୟରେ ଏନ୍ଏଚ୍ଏମ୍‌ରେ ପ୍ରାୟ ୧୨ ଲକ୍ଷ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇଛନ୍ତି। ସ୍ୱାସ୍ଥ୍ୟ ମିଶନ ଗତ ୧୦ ବର୍ଷରେ ଐତିହାସିକ ଟାର୍ଗେଟ ପୂରଣ କରିଛି। ମିଶନ ଅଧୀନରେ ଭାରତ କୋଭିଡ୍-୧୯ ମହାମାରୀ ବିରୋଧରେ ଲଢ଼ି ସଫଳ ହୋଇଥିଲା।

### ଇଡିକୁ ଲକ୍ଷେ ଟଙ୍କା ଜରିମାନା


ମୁମ୍ବାଇ, ୨୨।୧

ବିନା କୌଣସି ଠୋସ୍ ପ୍ରମାଣରେ ମୁମ୍ବାଇର ରିୟଲ ଇଷ୍ଟେଟ ଡେଭଲପର୍ ରାକେଶ ଜୈନଙ୍କ ବିରୋଧରେ ଅର୍ଥ ହେରଫେର ତଦନ୍ତ ଆରମ୍ଭ କରିଥିବାରୁ ମଙ୍ଗଳବାର ବମ୍ବେ ହାଇକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ୧ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। ଇଡି ପରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଆଇନର ଢାଞ୍ଚା ମଧ୍ୟରେ ରହି କାର୍ଯ୍ୟ କରିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ଏକ ମାମଲାର ଶୁଣାଣିକରି ଜଷ୍ଟିସ୍ ମିଲିନ୍ଦ ଯାଦବଙ୍କ ଏକକ ବେଞ୍ଚ କହିଛନ୍ତି, ନାଗରିକମାନେ ଯେପରି ହଇରାଣ ନ ହୁଅନ୍ତି, ସେଥିପ୍ରତି ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ଦୃଢ଼ ବାର୍ତ୍ତା ପଠାଯିବାର ଆବଶ୍ୟକତା ରହିଛି। ଆଣ୍ଟି ମନି ଲଣ୍ଡରିଂ ଏଜେନ୍ସି ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ୨୦୧୪ ଅଗଷ୍ଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟ ରାକେଶଙ୍କୁ ଜାରି କରିଥିବା ନୋଟିସକୁ ଏହି ଅବସରରେ ହାଇକୋର୍ଟ ରଦ୍ଦ କରିଛନ୍ତି।

# ପ୍ରତି ୧୨ରେ ଜଣେ ଶିଶୁ ଶିକାର

## ଅନ୍‌ଲାଇନ ଯୌନ ଉତ୍ପୀଡ଼ନ

ନୂଆଦିଲ୍ଲୀ,୨୨।୧(ପି.ଟି.)



ଅନ୍‌ଲାଇନରେ ଶିଶୁ ଯୌନ ଉତ୍ପୀଡ଼ନ ମାମଲା ବଢ଼ିବାରେ ଲାଗିଛି। ୨୦୨୪ରେ ବିଶ୍ୱରେ ପ୍ରତି ୧୨ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍ ଜରିଆରେ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଲାନ୍‌ସେଟ୍ ଚିଲ୍ଡରେନ୍ ଏବଂ ଆଡୋଲେସେଣ୍ଟ ହେଲ୍‌ଥ ଜର୍ନାଲରେ ପ୍ରକାଶ ପାଇଛି।

ବ୍ରିଟେନ୍‌ର ଏଡିନ୍‌ବର୍ଗ ଓ ଚାଇନା ଏଗ୍ରିକଲ୍‌ଚରାଲ ୟୁନିଭର୍ସିଟି ପକ୍ଷରୁ ୨୦୧୦ରୁ ୨୦୨୩ ମଧ୍ୟରେ ୧୨୩ଟି ଅଧ୍ୟୟନକୁ ସମୀକ୍ଷା କରାଯାଇଥିଲା। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ବିଶ୍ୱର ପ୍ରତି ୮ ଶିଶୁଙ୍କ ମଧ୍ୟରୁ ଜଣେ ଇଣ୍ଟରନେଟ୍‌ରେ ଫଟୋଭିଡିକ ଯୌନ ଉତ୍ପୀଡ଼ନର ଶିକାର ହେଉଥିଲେ। ପ୍ରାୟ ସମାନ ସଂଖ୍ୟକ ଶିଶୁ ଅନ୍‌ଲାଇନ୍ ଲୋଭରେ ପଡ଼ି ଯୌନ କାର୍ଯ୍ୟକଳାପ ପ୍ରତି ଆକର୍ଷିତ ହେଉଥିଲେ। କିନ୍ତୁ ଗତବର୍ଷ ଏଭଳି ପିଲାଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଥିଲା ବୋଲି ଗବେଷକମାନେ ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ତେବେ ଦକ୍ଷିଣ ଏସିଆ ସମେତ କେତେକ ଅଞ୍ଚଳରେ ଏହାର ପ୍ରମାଣ ସୀମିତ କିମ୍ବା ଉପଲବ୍ଧ ହେଉ ନ ଥିବାରୁ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ଏହି ଟିମ୍ ପକ୍ଷରୁ କୁହାଯାଇଛି।

ବିଶେଷକରି ପୂର୍ବ ଏସିଆ, ଉତ୍ତର ଆଫ୍ରିକା, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଏସିଆରେ ଶିଶୁଙ୍କ ପ୍ରତି ହେଉଥିବା ଅନ୍‌ଲାଇନ ଯୌନ ଉତ୍ପୀଡ଼ନ ସମ୍ପର୍କିତ ତଥ୍ୟ ମିଳୁନାହିଁ। ଏହି କ୍ଷେତ୍ରଗୁଡ଼ିକରେ ବିଶ୍ୱ ଶିଶୁ ଜନସଂଖ୍ୟାର ଏକ ବଡ଼ ଭାଗ ବସବାସ କରୁଥିବାରୁ ଜାତୀୟ ସ୍ତରରେ ଏନେଇ ଉପଯୁକ୍ତ ଗବେଷଣାର ଆବଶ୍ୟକତା ରହିଥିବା ଟିମ୍ ଉଲ୍ଲେଖ କରିଛି। ଅଧ୍ୟୟନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇଣ୍ଟରନେଟ ଜରିଆରେ ଯୌନ ଉତ୍ପୀଡ଼ନରୁ ପିଲାଙ୍କୁ ସୁରକ୍ଷା ଦେବା ପାଇଁ ଆଇନଗତ ପଦକ୍ଷେପ ଏବଂ ପ୍ରାରମ୍ଭିକ ନିରାକରଣ ଉଦ୍ୟମ ଜରୁରୀ। ରିପୋର୍ଟରେ ଅନ୍‌ଲାଇନ ଜରିଆରେ ଯୌନ ଉତ୍ପୀଡ଼ନ ଓ ଶୋଷଣକୁ ୪ ପ୍ରକାରରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଅନ୍‌ଲାଇନ ଯୌନ ଶୋଷଣ (ବିଶ୍ୱରେ ଯୌନ ଶୋଷଣର ୪.୭%), ସେକ୍ସୁଆଲ ଏକ୍ସଟର୍ସନ (୩.୫%), ଫଟୋଭିଡିକ ଯୌନ ଉତ୍ପୀଡ଼ନ ଓ ଯୌନ କ୍ରିୟା ପ୍ରତି ଲୋଭ। ପୂର୍ବରୁ ପୁଅଙ୍କ ତୁଳନାରେ ଝିଅମାନେ ଅଧିକ ଶିକାର ହୋଇଥିବାବେଳେ ଗତବର୍ଷ ପ୍ରାୟ ସମାନ ପରିମାଣର ଝିଅ ଓ ପୁଅ ଏହାର ଶିକାର ହୋଇଥିବା ଉକ୍ତ ରିପୋର୍ଟ ଦର୍ଶାଇଛି।

# ଆମେରିକାରେ ହିମଝଡ଼: ୧୦ ମୃତ



ୱାଶିଂଟନ୍,୨୨।୧

ଆମେରିକାର ଦକ୍ଷିଣ ଭାଗରେ ଏକ ବିରଳ ହିମଝଡ଼ ସାଧାରଣ ଜୀବନ ଯାତ୍ରାକୁ ବ୍ୟାହତ କରିଦେଇଛି। ତୁହାକୁ ତୁହା ତୁଷାରପାତ ଯୋଗୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨,୧୦୦ରୁ ଅଧିକ ବିମାନ ଉଡ଼ାଣକୁ ରଦ୍ଦକରି ଦିଆଯାଇଛି। ବିଶେଷକରି ମିସିସିପି, ଅଲ୍‌ବାମା, ଫ୍ଲୋରିଡା, ଜର୍ଜିଆ ଓ ଲୁଇଜିଆନାରେ ଏହାର ପ୍ରକୋପ ସର୍ବାଧିକ ଥିବାରୁ ଏମର୍ଜେନ୍ସି ଘୋଷଣା କରାଯାଇଛି।

ଟେକ୍ସାସ୍-ଲୁଇଜିଆନା ସୀମା ନିକଟ ଉପକୂଳ କାଉଣ୍ଟିଗୁଡ଼ିକରେ ଏହାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇଛି। ନ୍ୟୁଓଲିଆନ୍ସ ଓ ହ୍ୟୁଷ୍ଟନ୍

### ୨,୧୦୦ ବିମାନ ଉଡ଼ାଣ ରଦ୍ଦ

ସମେତ ଅନେକ ସହର ସମ୍ପୂର୍ଣ୍ଣ ହିମ ଆଚ୍ଛାଦିତ ହୋଇଯାଇଛି। ମନେହେଉଛି ସତେଯେମିତି ସହର ଧବଳ ଚାଦର ଘୋଡ଼େଇ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍କୁଲ, କଲେଜ, ରାଜପଥଗୁଡ଼ିକୁ ବନ୍ଦ କରିଦିଆଯାଇଛି। ନ୍ୟୁଓଲିଆନ୍ସରେ ୧୯୬୩ର ରେକର୍ଡଭାଙ୍ଗି ୭ରୁ ୮ ଇଞ୍ଚ ବହଳ ବରଫ ପଡ଼ିଛି। ଆଗକୁ ସାଉଥ୍ ଟେକ୍ସାସ୍‌ରୁ ଫ୍ଲୋରିଡାସ୍ଥିତ ଜ୍ୟାକ୍ସନଭିଲେ ପର୍ଯ୍ୟନ୍ତ ତୁଷାରବର୍ଷା ହେବା ନେଇ ନ୍ୟାଶନାଲ ୱେଦର ସର୍ଭିସ୍ (ଏନ୍‌ଡବ୍ଲ୍ୟୁଏସ୍) ପକ୍ଷରୁ ସତର୍କ କରାଯାଇଛି।

# ସଞ୍ଜୟଙ୍କୁ ଫାଶୀ ପାଇଁ ହାଇକୋର୍ଟ ଯିବ ସିବିଆଇ

ନୂଆଦିଲ୍ଲୀ, ୨୨।୧

କୋଲକାତାର ଆର.ଜି. କର୍ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ସିଆଲଦା ସେସନ୍ସ କୋର୍ଟ ଯାବତଜୀବନ କାରାଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧରେ ଏବଂ ସଞ୍ଜୟ ରାୟଙ୍କୁ ଫାଶୀ ଦଣ୍ଡ ଦାବିରେ ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଖୁବ୍‌ଶୀଘ୍ର କାଲକାଟା ହାଇକୋର୍ଟରେ ଆବେଦନ କରିବ। ଏହାପୂର୍ବରୁ ସଞ୍ଜୟଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଉ ବୋଲି ଦାବି କରି ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ବୁଧବାର ସିବିଆଇ ପକ୍ଷରୁ ହାଇକୋର୍ଟରେ ମମତାଙ୍କ ପକ୍ଷରୁ କରାଯାଇଥିବା ଆବେଦନକୁ ବିରୋଧ କରାଯାଇଛି। କେବଳ ମାମଲାର ତଦନ୍ତ କରୁଥିବା ଏଜେନ୍ସି ହିଁ କୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ଦଣ୍ଡାଦେଶକୁ ଚ୍ୟାଲେଞ୍ଜ କରିପାରିବ ବୋଲି ସିବିଆଇ କହିଛି। ଆସନ୍ତା ୨୭ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ। ଜଷ୍ଟିସ୍ ଦିବ୍ୟାଂଶୁ ବସାକଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରଙ୍କ ଆବେଦନକୁ ସ୍ୱୀକାର କରିବା ପୂର୍ବରୁ ହାଇକୋର୍ଟ ପ୍ରଥମେ ସିବିଆଇ, ପୀଡ଼ିତାଙ୍କ ପରିବାର ଓ ଦୋଷୀଙ୍କ ଓକିଲଙ୍କର ଯୁକ୍ତି ଶୁଣିବେ।



ପ୍ରୟାଗରାଜର ସଙ୍ଗମରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ତାଙ୍କ କ୍ୟାବିନେଟ୍ ସହଯୋଗୀମାନେ ମହାକୁମ୍ଭ ମେଳା ଅବସରରେ ବୁଡ଼ ପକାଉଛନ୍ତି।

### ନିଜ ଡିଏସ୍‌ପିଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ,୨୨।୧

ଏକ ଲାଞ୍ଚ ମାମଲାରେ ସିବିଆଇ ଏହାର ଡିଏସ୍‌ପି ବଲ୍‌ବୀର ଶର୍ମାଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଇଡିର ସହକାରୀ ନିର୍ଦ୍ଦେଶକ ବିଶାଲ ଦୀପ୍‌ଙ୍କୁ ପୂର୍ବରୁ ଗିରଫ କରାଯାଇଥିଲା। ହିମାଚଳପ୍ରଦେଶରେ ଶିକ୍ଷାବୃତ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ଇଡି ଅଧିକାରୀ ବିଶାଲ ଏକ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ୧.୧ କୋଟି ଟଙ୍କା ଲାଞ୍ଚ ଦାବି କରିଥିଲେ। କଥାବାର୍ତ୍ତା ପରେ ୬୦ ଲକ୍ଷ ଦେବା ପାଇଁ ସ୍ଥିର ହୋଇଥିଲା। ଏହି କଥାବାର୍ତ୍ତାର ରେକର୍ଡିଂ ଅଭିଯୋଗକାରୀ ସିବିଆଇରେ ଦାଖଲ କରିଥିଲେ।

# କ୍ରିଉ ମଡ୍ୟୁଲ ଲଞ୍ଚ୍ କଲା ଇସ୍ରୋ

## ଗଗନଯାନ ମିଶନ ଦିଗରେ ସଫଳତା

ବେଙ୍ଗାଲୁରୁ, ୨୨।୧



ଗଗନଯାନ ମିଶନକୁ ନେଇ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)କୁ ବୁଧବାର ସଫଳତା ମିଳିଛି। ଇସ୍ରୋର ଲିକ୍ୟୁଡ୍ ପ୍ରପଲ୍‌ସନ ସିଷ୍ଟମ ସେଣ୍ଟର(ଏଲ୍‌ପିଏସ୍‌ସି) ତରଳ ପ୍ରବୃତ୍ତି ପ୍ରଣାଳୀକୁ ସମାପ୍ତ କରିବା ପରେ ଗଗନଯାନର ପ୍ରଥମ ମାନବ ବାହୀନ ମିଶନ ପାଇଁ କ୍ରିଉ ମଡେଲକୁ ମହାକାଶ ପଠାଇଛି। ଗଗନଯାନ ମିଶନ ଅଧୀନରେ ଇସ୍ରୋ ଜଣେ କ୍ରିଉ ସଦସ୍ୟଙ୍କୁ ମହାକାଶ ପଠାଇବା ପୂର୍ବରୁ ଏକ ମାନବ ବିହୀନ ମିଶନ ମହାକାଶକୁ ପଠାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛି। ଶ୍ରୀହରିକୋଟାସ୍ଥିତ ସତୀଶ ଧାୱାନ ସ୍ପେସ୍ ସେଣ୍ଟରରୁ ଉକ୍ତ କ୍ରିଉ ମଡେଲକୁ ବେଙ୍ଗାଲୁରୁସ୍ଥିତ ଏଲ୍‌ପିଏସ୍‌ସି ପକ୍ଷରୁ ଲଞ୍ଚ୍ କରାଯାଇଛି। ମହାକାଶକୁ ପଠାଯାଇଥିବା କ୍ରିଉ ମଡ୍ୟୁଲ ପ୍ରପଲ୍‌ଶନ ସିଷ୍ଟମ (ସିଏମ୍‌ପିଏସ୍) ହେଉଛି ଏକ ବାଇ ପ୍ରୋପେଲାଣ୍ଟ ଆଧାରିତ ପ୍ରତିକ୍ରିୟା ନିୟନ୍ତ୍ରଣ ସିଷ୍ଟମ(ଆର୍‌ସିଏସ୍)। କ୍ରିଉ ମଡ୍ୟୁଲର ସଠିକ୍ ୩ ଅକ୍ଷ ନିୟନ୍ତ୍ରଣ (ପିଚ୍, ୟ, ଏବଂ ରୋଲ୍) ପାଇଁ ଏହା ଉଦ୍ଦିଷ୍ଟ।

# ମହାକାଶରୁ ମହାକୁମ୍ଭ ମେଳା ଫଟୋ

ନୂଆଦିଲ୍ଲୀ, ୨୨।୧





ପ୍ରତି ୧୨ ବର୍ଷରେ ଥରେ ଆୟୋଜନ ହେଉଥିବା ବିଶ୍ୱର ସବୁଠୁ ବଡ଼ ଧାର୍ମିକ ସମାରୋହ ମହାକୁମ୍ଭ ମେଳା ଗତ ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହୋଇଛି। ତେବେ ଉନ୍ନତ ଜ୍ଞାନ କୌଶଳର ବ୍ୟବହାର କରି ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ଏକ ରାଡାର ଇମେଜିଂ ସାଟେଲାଇଟ୍ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାର ଫଟୋ ପଠାଇଛି। ହାଇଦ୍ରାବାଦରେ ଥିବା ଇସ୍ରୋର ଜାତୀୟ ରିମୋର୍ଟ ସେନ୍ସିଂ ସେଣ୍ଟର (ଏନ୍‌ଆର୍‌ଏସ୍‌ସି) ପକ୍ଷରୁ 'ରାଡାରସେଟ-ରିସାଟ ୧ଏ' ଦ୍ୱାରା ମହାକାଶରୁ ନିଆଯାଇଥିବା ୨ଟି ସାଟେଲାଇଟ୍ ଫଟୋକୁ ବୁଧବାର ଜାରି କରାଯାଇଛି। ଉନ୍ନତ ଜ୍ଞାନ କୌଶଳରେ ନିର୍ମିତ ରାଡାରସେଟ୍ ଦ୍ୱାରା ବାଦଲ ମଧ୍ୟରେ ମଧ ବିଭିନ୍ନ ସ୍ଥାନର ସାଟେଲାଇଟ୍ ଫଟୋ ନିଆଯାଇପାରୁଥିବା ଏନ୍‌ଆର୍‌ଏସ୍‌ସିର ନିର୍ଦ୍ଦେଶକ ଡକ୍ଟର ପ୍ରକାଶ ଚୌହାନ କହିଛନ୍ତି। ଏନ୍‌ଆର୍‌ଏସ୍‌ସି ପକ୍ଷରୁ ଜାରି ସାଟେଲାଇଟ୍ ଚିତ୍ରରେ ମହାକୁମ୍ଭରେ ନିର୍ମିତ ଅସ୍ଥାୟୀ ଟେଣ୍ଟ ସିଟି, ନଦୀ ଉପରେ ନିର୍ମିତ ପାଣ୍ଟୁନ ବ୍ରିଜ୍ ଓ ସଙ୍ଗମ ଆଦି ଦୃଶ୍ୟମାନ ହେଉଛି। ସେହିପରି ମେଳାରେ ନିର୍ମିତ ବିଶାଳ ଢାଞ୍ଚାକୁ ମଧ ଏହି ଫଟୋରେ ଦେଖିବାକୁ ମିଳିଛି। ସାଟେଲାଇଟ୍ ଚିତ୍ରରେ ପ୍ରୟାଗରାଜର ପରେଡ ଗ୍ରାଉଣ୍ଡ ସହ ନୂତନ ଶିବାଳୟ ପାର୍କର ନିର୍ମାଣ କାର୍ଯ୍ୟ ମଧ ସ୍ଥାନ ପାଇଛି। ଏନ୍‌ଆର୍‌ଏସ୍‌ସି ପକ୍ଷରୁ ଶେୟାର କରାଯାଇଥିବା ଗୋଟିଏ ଫଟୋ ୨୦୨୩ ସେପ୍ଟେମ୍ବର ୧୫ (ମହାକୁମ୍ଭମେଳା ଆୟୋଜନ ପୂର୍ବର) ହୋଇଥିବା ବେଳେ ଅନ୍ୟ ଫଟୋଟି ୨୦୨୪ ଡିସେମ୍ବର ୨୯ର (ମହାକୁମ୍ଭର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବା ସମୟରେ) ରହିଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ବିଭିନ୍ନ ନୂତନ ଜ୍ଞାନ କୌଶଳ ଦ୍ୱାରା ଇସ୍ରୋ ପକ୍ଷରୁ ଜାରି ହେଉଥିବା ସାଟେଲାଇଟ୍ ଫଟୋଗୁଡ଼ିକର ସହାୟତାରେ ମହାକୁମ୍ଭ ମେଳାର ପରିଚାଳନା ସମେତ ବିପର୍ଯ୍ୟୟ ଓ ଦଳାଚକଟାକୁ ରୋକିବା ଦିଗରେ ସ୍ଥାନୀୟ ପ୍ରଶାସନକୁ ସହାୟତା ମିଳୁଛି। ପ୍ରକାଶ ଯେ, ୪୫ ଦିନ ଧରି ଜାରି ରହିବାକୁ ଥିବା ମହାକୁମ୍ଭ ମେଳା ଆସନ୍ତା ଫେବୃଆରୀ ୨୬ରେ ଶେଷ ହେବ।

## ଫୁରସତ୍

### ସ୍କୁଲ ଡ୍ରାମାରେ ବିବାହ, ୨୦ ବର୍ଷ ପରେ ଜୀବନସାଥୀ

ଶାଂଘାଇ


ଚାଇନାର ଗୁଆଙ୍ଗଡୋଙ୍ଗ୍ ପ୍ରଦେଶର ଚାଓଝୋଉ ଅଞ୍ଚଳରେ ରହୁଥିବା ଜେଙ୍ଗ୍(୨୫) ଓ ତାଙ୍କ ସ୍ତ୍ରୀ ୨୦୦୫ରେ ମାତ୍ର ୫ ବର୍ଷର ହୋଇଥିବା ବେଳେ ସେମାନେ ପଢୁଥିବା କିଣ୍ଡରଗାର୍ଟେନ୍ ସ୍କୁଲରେ ଏକ ଡ୍ରାମା ଅନୁଷ୍ଠିତ ହୋଇଥିଲା। ଏହି ଡ୍ରାମାରେ ସେମାନଙ୍କର ବିବାହ ହୋଇଥିଲା। ଏହାର କିଛି ମାସ ପରେ ଉଭୟଙ୍କର କିଣ୍ଡରଗାର୍ଟେନ୍ ପଢା ସମାପ୍ତ ହୋଇଯାଇଥିଲା ଓ ସେମାନେ ଅଲଗା ହୋଇଯାଇଥିଲେ। ତେବେ ୨୦୨୨ରେ ଜେଙ୍ଗ୍‌ଙ୍କର କିଛି ପୁରୁଣା କିଣ୍ଡରଗାର୍ଟେନ୍ ବନ୍ଧୁ ତାଙ୍କର ପୁରୁଣା ଡ୍ରାମା ଅଭିନୟ ଭିଡିଓକୁ ଶେୟାର କରିଥିଲେ। ଏହି ଭିଡିଓ ଦେଖି ଜେଙ୍ଗ୍‌ଙ୍କର ମା' ଝିଅଟିକୁ ଖୋଜି ବାହା ହୋଇଯିବାକୁ ଥଟ୍ଟାରେ କହିଥିଲେ। ଜେଙ୍ଗ୍ ଏହି କଥାକୁ ଗୁରୁତ୍ୱର ସହ ନେଇଥିଲେ। ସେ ତାଙ୍କ ପୁରୁଣା କିଣ୍ଡରଗାର୍ଟେନ୍ ଶିକ୍ଷୟିତ୍ରୀଙ୍କ ସହାୟତାରେ ପିଲାବେଳେ ତାଙ୍କ ସ୍ତ୍ରୀ ଭାବେ ଅଭିନୟ କରିଥିବା ସହପାଠୀଙ୍କ ଠିକଣା ଖୋଜି ପାଇଥିଲେ। ଦୁହେଁ ପରସ୍ପରକୁ ଭେଟିବା ସହ ଭଲପାଇ ବିବାହ କରିଥିଲେ।



# ବିବାହ କଲେ ମେଘା

ଜମ୍ମୁ

ଲୋକପ୍ରିୟ ଟିଭି ଅଭିନେତ୍ରୀ ମେଘା ଚକ୍ରବର୍ତ୍ତୀ ନିଜ ବୟଫ୍ରେଣ୍ଡ ତଥା ମଡେଲ ଓ ଅଭିନେତା ସାହିଲ ଫୁଲ୍ଲଙ୍କୁ ବିବାହ କରିଛନ୍ତି। ମେଘା ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର କିଛି ଫଟୋ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, " ମିଳିତ ଭାବେ ଆମେ ନୂତନ ଜୀବନ ଆରମ୍ଭ କଲୁ। ପ୍ରେମ, ହସ ଓ ଆନନ୍ଦର ସହ ଏକତ୍ର ଭାବେ ଜୀବନ ବିତାଇବାକୁ ଆମେ ପ୍ରତିଜ୍ଞା ନେଇଛୁ। ଦାମ୍ପତ୍ୟ ଜୀବନରେ ସୁଖସମୃଦ୍ଧି ପାଇଁ ଆପଣମାନଙ୍କର ଆଶୀର୍ବାଦ କାମନା କରୁଛୁ"। ମେଘା ଏହି ପୋଷ୍ଟରେ ସାହିଲଙ୍କୁ ଟ୍ୟାଗ କରିଥିଲେ। ଅନେକ ସେଲିବ୍ରିଟି ଓ ମେଘାଙ୍କର ବହୁ ପ୍ରଶଂସକ ଏହି ପୋଷ୍ଟରେ କମେଣ୍ଟ କରି ନବ ବିବାହିତ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିବାହରେ ମେଘା ନାଲି ରଙ୍ଗର ଲେହଙ୍ଗା ପିନ୍ଧିଥିବା ସହ ହାର, କାନ ଫୁଲ ଆଦି ବିଭିନ୍ନ ଆଭୂଷଣ ସହ ସୁନ୍ଦର ଭାବେ ସଜ୍ଜିତ ହୋଇଥିଲେ। ସେହିପରି ସାହିଲ ଏକ କ୍ରିମ୍ ରଙ୍ଗର



ଶେରୱାନି ପିନ୍ଧିଥିଲେ। ୨୦୨୦ର ଟିଭି ଧାରାବାହିକ 'କାଟେଲାଲ୍ ଆଣ୍ଡ୍ ସନ୍ସ'ର ସେଟ୍‌ରେ ପ୍ରଥମଥର ପାଇଁ ମେଘା ଓ ସାହିଲ ପରସ୍ପରକୁ ଭେଟିଥିଲେ। ଏହାପରଠାରୁ ଉଭୟେ ଭଲ ବନ୍ଧୁ ହୋଇଯାଇଥିଲେ। ନୂଆବର୍ଷ ୨୦୨୫ ଉପଲକ୍ଷେ ସାହିଲ ମେଘାଙ୍କୁ ବିବାହ ପାଇଁ ପ୍ରପୋଜ କରିଥିଲେ।

### ସେଲ୍ଫି ନିଅ, ୧୦୦ ଟଙ୍କା ଦିଅ

ନୂଆଦିଲ୍ଲୀ

ଭାରତରେ ସାଧାରଣତଃ ଲୋକମାନେ ବିଦେଶୀ/ବିଦେଶିନୀଙ୍କ ସହ ଫଟୋ ଉଠାଇବାକୁ ଆଗ୍ରହ ଦେଖାଇଥାନ୍ତି। ତେବେ ନିଜ ଭାରତ ଗସ୍ତ ସମୟରେ ସେଲ୍ଫି ପାଇଁ ଲଗାତର ଭାବେ ଆସୁଥିବା ଅନୁରୋଧରେ ଅତିଷ୍ଠ ହୋଇ ରୁଷୀୟ ମହିଳା ଆଞ୍ଜେଲି ନାଲି ଏହାର ଏକ ଚମତ୍କାର ସମାଧାନ ବାହାର କରିଛନ୍ତି। ସେ ତାଙ୍କଠାରୁ ସେଲ୍ଫି ନେବାକୁ ଇଚ୍ଛୁକ ଭାରତୀୟଙ୍କଠାରୁ ୧୦୦ ଟଙ୍କା ଚାର୍ଜ କରୁଛନ୍ତି। ଏହାର ଏକ ଭିଡିଓକୁ ଆଞ୍ଜେଲି ନିଜ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି, ଯାହା ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଆଞ୍ଜେଲି କହିଛନ୍ତି, ସେ ଯେବେ ବି ଭ୍ରମଣ ପାଇଁ ଭାରତ ଆସନ୍ତି, 'ମାଡାମ ପ୍ଲିଜ୍ ଗୋଟିଏ ଫଟୋ' ଏପରି କହି ସ୍ଥାନୀୟ ଲୋକେ ତାଙ୍କ ସହ ଫଟୋ ଉଠାଇବାକୁ ଅନୁରୋଧ କରିଥାନ୍ତି। ଲଗାତର ଭାବେ ଏପରି ଅନୁରୋଧ ଆସିବା ବିରକ୍ତିକର ହୋଇଥାଏ ବୋଲି ଆଞ୍ଜେଲି କହିଛନ୍ତି। କୌଣସି ପର୍ଯ୍ୟଟନ ସ୍ଥାନକୁ ଯିବା ସମୟରେ ଆଞ୍ଜେଲି ନିଜ ସହ ଏକ ସାଇନବୋର୍ଡ ନେଇ ଯାଉଛନ୍ତି, ଯେଉଁଥିରେ ଲେଖା ହୋଇଛି, ଗୋଟିଏ ସେଲ୍ଫିକୁ ୧୦୦ ଟଙ୍କା।










# ନୌସେନା ଅଫିସର ନିଖୋଜ

## ରାସ୍ତାରୁ ଆଇଡି କାର୍ଡ, ଇଛାପୁର ଷ୍ଟେଶନରୁ ମିଳିଛି ସିସିଟିଭି ଫୁଟେଜ

ବ୍ରହ୍ମପୁର,୨୨।୧
(ସବାସ ଚନ୍ଦ୍ର ପାଢ଼ୀ)

କେରଳର କୋଚି ଆଇଏଏସ୍ ଗରୁଡ଼ାରେ କାର୍ଯ୍ୟରେ ଯୋଗଦେବାକୁ ଟ୍ରେନ୍‌ରେ ଯାଉଥିବା ଜଣେ ନୌସେନା ଅଫିସର ଗତ ୧୯ ତାରିଖରୁ ନିଖୋଜ ଅଛନ୍ତି। ସେ ହେଲେ ବ୍ରହ୍ମପୁର ଗେଟ୍ ବଜାରର ସୌରଭ କୁମାର ପାତ୍ର (୨୫)। ସୌରଭ ଏ ପର୍ଯ୍ୟନ୍ତ ଆଇଏନ୍‌ଏସ୍ ଗରୁଡ଼ାରେ ପହଞ୍ଚି ନାହାନ୍ତି କି ତାଙ୍କର କୌଣସି ସନ୍ଧାନ ମିଳୁ ନ ଥିବା ତାଙ୍କ ମା' ନିଓ ପାତ୍ର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଅକୁ ଖୋଜି ଆଣିବାକୁ ପୋଲିସ ଓ ନୌସେନାକୁ ନିବେଦନ କରିଛନ୍ତି। ପୋଲିସ ଏ ନେଇ ଏମ୍‌ଏମ୍‌ଆର ୦୨/୨୫ରେ ଷ୍ଟେଶନ ଡାଏରୀ କରିଛି। ସୌରଭଙ୍କର ଲୋକେଶନ ଜାଣିବା ପାଇଁ ଟ୍ରାକିଂ ଜାରି ରଖିଛି। ଶେଷ ମୋବାଇଲ ଲୋକେଶନ ଇଛାପୁରମ୍ ଥିବା ଜଣାପଡ଼ିଛି।


ସୌରଭ କୁମାର ପାତ୍ର

ସୌରଭଙ୍କ ଭାଇ ସମୀରଙ୍କ ସୂଚନା ପ୍ରକାରେ, ୨୦୧୯ରୁ ସୌରଭ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳର କୋଚି ଆଇଏନଏସ ଗରୁଡ଼ାରେ ତାଙ୍କର ନିଯୁକ୍ତି ଥିଲା। ୨୦୨୪ ଡିସେମ୍ବର ୨୮ ତାରିଖରେ ସେ ଘରକୁ ଛୁଟିରେ ଆସିଥିଲେ। ଜାନୁଆରୀ ୧୯ ତାରିଖରେ କୋଚି ଫେରିବାର ଥିଲା। ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିଶାଖାପାଟଣା ଯାଇ ସେଠାରୁ କୋଚିକୁ ଫ୍ଲାଇଟ ଟିକେଟ ହୋଇଥିଲା। ସମୀର କହିଛନ୍ତି ଯେ, ୧୮ ତାରିଖ ରାତି ୩ଟାରେ ପରିବାର ଲୋକେ ବ୍ରହ୍ମପୁର ଷ୍ଟେଶନରେ ସୌରଭଙ୍କୁ ଟ୍ରେନ୍‌ରେ ବସାଇଥିଲେ। ଅପରାହ୍ନରେ ତାଙ୍କର ଫ୍ଲାଇଟ ଥିଲା। ବ୍ରହ୍ମପୁରରୁ ଯିବା ପରେ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ ହୋଇଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ବିଶାଖାପାଟଣା ଏୟାର ପୋର୍ଟରେ ସୌରଭଙ୍କୁ ଖୋଜିଥିଲେ। କିନ୍ତୁ ସେ ସେଠାରେ ସେ ଚେକ୍ ଇନ କରି ନ ଥିବା ଜଣାପଡିଥିଲା। ଏହାପରେ କୋଚି ଆଇଏଏସ ଗରୁଡ଼ାର ଅଧିକାରୀଙ୍କ ସହ କଥା ହୋଇଥିଲେ ପରିବାର ଲୋକେ। ସୌରଭ ସେଠାରେ ବି ନ ଥିବା ଅଧିକାରୀ ଫୋନ୍‌ରେ ଜଣାଇଥିବା ସମୀର କହିଛନ୍ତି। ପୋଲିସ ସୌରଭଙ୍କ ମୋବାଇଲ ଲୋକେଶନ ଯାଞ୍ଚ କରିଥିଲା। ଇଛାପୁରମ ତାଙ୍କର ଶେଷ ମୋବାଇଲ ଲୋକେଶନ ଥିବା ଜଣାପଡିଛି। ସୌରଭଙ୍କୁ ଅପହରଣ କରାଯାଇଛି ନା ସେ କେଉଁଆଡେ ଚାଲିଯାଇଛନ୍ତି ତାହା ଏବେ ତଦନ୍ତ କରୁଛି ପୋଲିସ। ଟାଉନ ଥାନା ଆଇଆଇସି ସୌଭାଗ୍ୟ ସ୍ୱାଇଁ କହିଛନ୍ତି, ଅଭିଯୋଗ ପରେ ସୌରଭଙ୍କୁ ଖୋଜାଖୋଜି କରାଯାଉଛି। ବିଶାଖାପାଟଣା ଏୟାର ପୋର୍ଟ ଅଥରିଟିଙ୍କ ସହ ଯୋଗାଯୋଗ ସହ ବିଭିନ୍ନ ଥାନାକୁ ସୌରଭଙ୍କ ଫଟୋ ପଠାଯାଇଛି ବୋଲି ସେ କହିଛନ୍ତି। ରେଳ ଧାରଣା କଡ଼ରୁ ନୌସେନା ଅଧିକାରୀ ସୌରଭଙ୍କ ଆଇଡି କାର୍ଡ ମିଳିଛି। ସେହିପରି ଆନ୍ଧ୍ରପ୍ରଦେଶର ଇଛାପୁର ରେଳଷ୍ଟେଶନରୁ ସେ ବାହାରକୁ ଆସିଥିବା ସିସିଟିଭି ଫୁଟେଜ ପୋଲିସର ହସ୍ତଗତ ହୋଇଛି। ସୌରଭଙ୍କ ଘରେ ତାଙ୍କର ଲାପଟପ ରହିଥିବା ମଧ ଜଣାପଡିଛି। ବଡ଼ବଜାର ପୋଲିସ ଓ ରେଳବାଇ ପୋଲିସ ପକ୍ଷରୁ ତାଙ୍କର ଗତିବିଧି ଉପରେ ଲଗାତାର ଟ୍ରାକିଂ କରାଯାଉଛି ବୋଲି ଟାଉନ ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# କମିଲା ଶୀତ, ବଢ଼ିଲା ତାତି

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)

ଜାନୁଆରୀ ନ ସରୁଣୁ ହଠାତ୍ ପାରଦ ଉପରମୁହାଁ ହୋଇଛି। ଶୀତ ଗାଏବ୍ ହୋଇଯାଇଥିବାବେଳେ ରାତିରେ କୁହୁଡ଼ି ଓ ଦିନରେ ଖରା ଡରାଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଦୃଷ୍ଟାନ୍ତମୂଳକ ଭାବେ ରାତି ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକ ରହିଛି। ଗୋଟିଏ ଦୁଇଟି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ କମ୍ ଓ ଆଉକିଛି ଜିଲାରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ବୁଧବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୩.୪ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିଭଳି ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆସନ୍ତା ୩ଦିନରେ କେତେକ ସ୍ଥାନରେ ତାପମାତ୍ରା ଆହୁରି ୨ରୁ ୪ ଡିଗ୍ରୀ ବୃଦ୍ଧି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର ଭଦ୍ରକ ଜିଲାର କିଛି ସ୍ଥାନରେ ଘନକୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିଲା। ଜଗତ୍‌ସିଂହପୁର ଓ ଝାରସୁଗୁଡ଼ାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ପ୍ରଭାବ ରହିଥିଲା। ୨୪ ତାରିଖ ପର୍ଯ୍ୟନ୍ତ କୁହୁଡ଼ି ନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

# କରଞ୍ଜିଆରୁ ଉଦ୍ଧାର ହାତୀଛୁଆ ମୃତ

## ପକ୍ଷାଘାତରେ ପୀଡ଼ିତ ଥିଲା

ବାରଙ୍ଗ/ତ୍ରିଶୂଳିଆ,୨୨।୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)



ମୟୂରଭଞ୍ଜ କରଞ୍ଜିଆ ଡିଭିଜନରୁ ଗତ ୬ ତାରିଖରେ ଉଦ୍ଧାର ହୋଇ ଆସିଥିବା ୫-୬ ବର୍ଷୀୟ ଅଣ୍ଡିରା ହାତୀଛୁଆର ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦନକାନନରେ ମୃତ୍ୟୁ ଘଟିଛି। ହାତୀଟି ଏକ ମୋରମ ଖଣିରେ ପଡ଼ି ଯାଇଥିବାବେଳେ ମେରୁଦଣ୍ଡରେ ଆଘାତ ଲାଗି ତା' ପଛଗୋଡ଼ ୨ଟି କାମ କରୁ ନ ଥିଲା। ଫଳରେ ସେ ଛିଡ଼ା ହେବାକୁ ସକ୍ଷମ ହୋଇପାରୁ ନ ଥିଲା। ନନ୍ଦନକାନନ ଚିକିତ୍ସାଳୟରେ ପହଞ୍ଚିବା ପରେ ପ୍ରାଣୀ ଚିକିତ୍ସକ ଓ ବିଶେଷଜ୍ଞ ହାତୀଛୁଆର ରକ୍ତ ପରୀକ୍ଷା ସହ ଏକ୍ସ-ରେ କରିଥିଲେ। ପରୀକ୍ଷା ରିପୋର୍ଟରୁ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଏକ ସ୍ଲିଙ୍ଗ୍‌ରେ ହାତୀର ପାଦକୁ ଓହଳାଇ ରଖାଯାଇଥିଲା। ଅସୁସ୍ଥ ହାତୀଟି ଘାସ, ଗଛ ପତ୍ର ଏବଂ କଦଳୀ ଗଛ ଖାଉଥିଲେ ମଧ ଠିକ୍ ଭାବେ ମଳତ୍ୟାଗ କରିପାରୁ ନ ଥିଲା। ଫଳରେ ନିୟମିତ ବ୍ୟବଧାନରେ ପ୍ରାଣୀ ଚିକିତ୍ସକ ତା' ମଳକୁ ବାହାର କରୁଥିଲେ। ହାତୀକୁ ଛିଡ଼ା କରିବାକୁ ବହୁତ ଉଦ୍ୟମ କରାଯାଇଥିଲେ ମଧ ଶେଷରେ ବିଫଳ ହେବାକୁ ପଡ଼ିଥିଲା। ନନ୍ଦନକାନନ ସ୍ୱାସ୍ଥ୍ୟ କମିଟି ପକ୍ଷରୁ ୬ ଓ ୧୬ ତାରିଖ ୨ ଦିନ ଧରି ଅନୁଧ୍ୟାନ କରାଯାଇଥିଲେ ମଧ ସ୍ୱାସ୍ଥ୍ୟରେ ସୁଧାର ଆସି ନ ଥିଲା। ପ୍ରାଣୀ ଚିକିତ୍ସକ ଦଳ ଏବଂ ବିଶେଷଜ୍ଞଙ୍କ ପ୍ରୟାସ ସତ୍ତ୍ୱେ ହାତୀର ଅବସ୍ଥାରେ ଉନ୍ନତି ହୋଇ ନ ଥିଲା। ଶେଷରେ ହାତୀଟିର ମଙ୍ଗଳବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା।

# ତୀର୍ଥଯାତ୍ରୀ ବସ୍‌ରେ ନିଆଁ

ଭଦ୍ରକ, ୨୨।୧(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ନଳାଙ୍ଗ ଛକଠାରେ ଏକ ତୀର୍ଥଯାତ୍ରୀ ବସ୍‌ରେ ବୁଧବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶ୍ରୀରାମଜୀ (ନଂ. ଓଡି ୦୫ ବିସି ୬୦୭୧) ନାମକ ଭଲ୍‌ଭୋ ବସ୍ ବାଲେଶ୍ୱରରୁ ପୁରୀ ଅଭିମୁଖେ ୪୦ ଯାତ୍ରୀଙ୍କୁ ନେଇ ଯାଉଥିଲେ। ନଳାଙ୍ଗ ଛକ ନିକଟରେ ଏସି କମ୍ପ୍ରେସରରୁ ଧୂଆଁ ବାହାରିବା ଦେଖି ଚାଳକ ବସ୍‌କୁ ଅଟକାଇଥିଲେ। ସମସ୍ତ ଯାତ୍ରୀ ବସ୍‌ରୁ ଓହ୍ଲାଇ ଯାଇଥିଲେ। ବସ୍ କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁ ଲିଭାଇଥିଲେ। ଖବର ପାଇ ଭଦ୍ରକ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଅନ୍ୟ ଏକ ବସ୍‌ରେ ଯାତ୍ରୀମାନଙ୍କୁ ପୁରୀ ପଠାଇଥିବା ଜଣାପଡ଼ିଛି।


ବସ୍‌ରୁ ନିଆଁ ଲିଭାଉଛନ୍ତି।

# ନାବାଳିକା ବିବାହ ଆୟୋଜନ ବେଳେ ଚଢ଼ାଉ

## ଘରେ ତାଲା ପକାଇ ପଳାଇଲେ ପରିବାର ଲୋକେ

ଛେଣ୍ଡିପଦା,୨୨।୧ (ଅଜିତ ଧଳ)

ଜଣେ ନାବାଳିକାଙ୍କ ବିବାହ ପାଇଁ ଆୟୋଜନ ଚାଲିଥିବା ବେଳେ ବୁଧବାର ମଧ୍ୟାହ୍ନରେ ଅନୁଗୋଳ ଜିଲା ବ୍ରାହ୍ମଣବିଲ ପଞ୍ଚାୟତରେ ଚଢ଼ାଉ କରିଥିଲା ପ୍ରଶାସନ। ତେବେ ପ୍ରଶାସନିକ ଅଧିକାରୀଙ୍କୁ ଦେଖି ନାବାଳିକାଙ୍କ ପରିବାର ଲୋକେ ଘରେ ତାଲା ପକାଇ କେଉଁଆଡ଼େ ପଳାଇ ଯାଇଥିଲେ।

ପ୍ରକାଶ ଯେ, ବ୍ରାହ୍ମଣବିଲ ପଞ୍ଚାୟତ ଅଞ୍ଚଳରେ ଜଣୈକା ନାବାଳିକାଙ୍କ ବିବାହ ଚାଲିଥିବା ଅନୁଗୋଳ ଚାଇଲ୍ଡ ଲାଇନକୁ ଖବର ମିଳିଥିଲା। ଏହାପରେ ତୁରନ୍ତ ଚାଇଲ୍ଡ ଲାଇନ ସଂଯୋଜିକା ରୋଜାଲିନ ସାହୁ, ହେଲ୍ପ ଲାଇନ ସୁପରଭାଇଜର ଦିବ୍ୟାଲକ୍ଷ୍ମୀ ଦାଶ, ଛେଣ୍ଡିପଦା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଷମା ସେଠୀ ଓ ଛେଣ୍ଡିପଦା ପୋଲିସ ନାବାଳିକାଙ୍କ ବିବାହ ରୋକିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନିକ ଅଧିକାରୀମାନଙ୍କୁ ଦେଖି ନାବାଳିକାଙ୍କ ପରିବାର ଲୋକେ ଘରେ ତାଲା ପକାଇ ଦେଇ ପଳାଇଥିଲେ। ଫଳରେ ଅଧିକାରୀମାନେ ଦୀର୍ଘ ୩ଘଣ୍ଟା ଧରି ଅପେକ୍ଷା କରିବା ପରେ ବରଯାତ୍ରୀ କି ନାବାଳିକାଙ୍କ ପରିବାର ଲୋକଙ୍କୁ ନ ପାଇ ନିରାଶ ହୋଇ ଫେରିଥିଲେ। ଏ ନେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ପ୍ରକାଶ କରିଛି।

ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ

# ଶ୍ରୀଜଗନ୍ନାଥଙ୍କୁ ପ୍ରଥମ ଟିକେଟ

ଭୁବନେଶ୍ୱର, ୨୨।୧
(ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଫେବୃଆରୀ ୯ରେ ଭାରତ-ଇଂଲଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ବୁଧବାର ପୁରୀ ଯାଇ ଏହି ମ୍ୟାଚର ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ବାରବାଟୀରେ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ ଯେପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ସଞ୍ଜୟ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ପୁରୀ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଏହି ଅବସରରେ ଉପସ୍ଥିତ ଥିଲେ।



## ମୁଖ୍ୟମନ୍ତ୍ରୀ କିଣିଲେ ଗ୍ୟାଲେରି ଟିକେଟ

ବାରବାଟୀରେ ହେବାକୁଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଏକ ଗ୍ୟାଲେରି ଟିକେଟ କ୍ରୟ କରିଛନ୍ତି। ଏହି ଅବସରରେ ଓସିଏ କାର୍ଯ୍ୟକାରୀ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏବେ ଉକ୍ତ ଅନ୍ତର୍ଜାତୀୟ ମ୍ୟାଚର ଟିକେଟ ପ୍ରଥମେ ଅନ୍‌ଲାଇନ୍ ଓ ପରେ କାଉଣ୍ଟରରେ ଦର୍ଶକଙ୍କ ପାଇଁ ଉପଲବ୍ଧ ହେବ।

# ଆଜିଠାରୁ ଖୋଲିବ ଭିତରକନିକା

ରାଜନଗର, ୨୨।୧
(ଭାସ୍କର ରାଉତରାୟ)

ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଲାଗି ୧୪ରୁ ୨୨ ତାରିଖ ଯାଏ ଭିତରକନିକା ବନ୍ଦ ରହିଥିଲା। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଥିଲା। ବିଦେଶୀ ପକ୍ଷୀ ଓ ବଉଳା କୁମ୍ଭୀରଙ୍କ ଗଣନା ଶେଷ ହେବା ପରେ ଗୁରୁବାରଠାରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।






# ହତ୍ୟା: ୪ ଦୋଷୀଙ୍କୁ ଆଜୀବନ ଜେଲ

## ବିଧାୟକ ରମେଶ ଜେନାଙ୍କ ସମେତ ୩ ନିର୍ଦ୍ଦୋଷ

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ୨୦୧୭ରେ ହୋଇଥିବା ଏକ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ବୁଧବାର ପ୍ରକାଶ ପାଇଛି। ଏଡିଜେ-୩ ବିବସ୍ୱତ ଗୌତମ ମାମଲାର ୪ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଫାଷ୍ଟଗେଟ୍ ଧୋବାବନ୍ଧ ହୁଡ଼ାର ସୁନୀଲ ଗୌଡ଼ ଓରଫ ସନୁ (୩୦), ଫାଷ୍ଟଗେଟ୍ ବର୍ମା କଲୋନୀର ଦୀପକ ସିଂ(୨୮) ଓ ରବୀନ୍ଦ୍ର ମହାକୁଡ଼ (୩୫) ଏବଂ ଆସିକା ରୋଡ୍ ନାରାୟଣନଗରର ଅନିଲ ରେଡ୍ଡୀ (୩୦)। ଜେଲ ସହ ପ୍ରତ୍ୟେକଙ୍କୁ ୫୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୨୦ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତିଙ୍କ ରାୟରେ ଉଲ୍ଲେଖ ରହିଛି। ସେହିପରି ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସମେତ ୩ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ୍ ଛକରେ ଉପେନ୍ଦ୍ର ବେହେରା ଓରଫ ବୁବୁ (୩୮) ପାନ ଦୋକାନ କରିଥିଲେ। ୨୦୧୭ ଜୁଲାଇ ୧ ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ହଠାତ୍ ଦୋକାନ ଉପରକୁ ବୋମାମାଡ଼ କରିଥିଲେ। ଦୋକାନରେ ବସିଥିବା ଉପେନ୍ଦ୍ର ଓ ତାଙ୍କ ସାଙ୍ଗ ସନ୍ତୋଷ ପାତ୍ର ଜୀବନ ବିକଳରେ ଦୌଡ଼ିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ଗୋଡ଼ାଇ କାତିରେ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିଲା। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବାବେଳେ ଉପେନ୍ଦ୍ର ଓ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଉପେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ଭିଣୋଇ କେ. କ୍ରିଷ୍ଣା ରାଓଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୩/୧୭ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୧ଜଣଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ ଦାଖଲ ହୋଇଥିଲା। ବୁଧବାର ୭ ଅଭିଯୁକ୍ତଙ୍କ ପାଇଁ ମାମଲାର ଶୁଣାଣି ହୋଇଥିଲା। ମୋଟ ୧୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଥିବାରୁ କୋର୍ଟ ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ପ୍ରମାଣ ଅଭାବରୁ ସାନଖେମୁଣ୍ଡି ବିଧାୟକଙ୍କ ସମେତ ଗୋସାଇଁନୂଆଗାଁ ଆଡୁଆ ସାହିର ସନ୍ତୋଷ ପାଣିଗ୍ରାହୀ ଓରଫ ଇଟିଲି ଓ ଫାଷ୍ଟଗେଟ ବର୍ମା କଲୋନୀର ଜଗନ୍ନାଥ ବେହେରାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ମାଗୁଣି ଚରଣ ପଲାଇ ମାମଲା ପରିଚାଳନା କରିଥିଲେ।

# ଜନସେବା କେନ୍ଦ୍ରରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ଆନନ୍ଦପୁର,୨୨।୧(ସୁଶାନ୍ତ କୁମାର ସାହୁ)

## ଅଭିଯୁକ୍ତଙ୍କୁ ନିର୍ଘୃଣ ଛେଚି ପୋଲିସ ଜିମାଦେଲେ


ଜନସେବା କେନ୍ଦ୍ର ଆଗରେ ଉତ୍ତେଜିତ ଲୋକେ।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅଧୀନ ଧକୋଠାଠାରେ ଥିବା ଏକ ଜନସେବା କେନ୍ଦ୍ରରେ ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଗ୍ରାମ୍ୟ ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ଅଭିଯୁକ୍ତଙ୍କୁ ନିର୍ଘୃଣ ଛେଚି ପୋଲିସ ଜିମା ଦେଇଛନ୍ତି। ପୋଲିସ ଜନସେବା କେନ୍ଦ୍ର ମାଲିକ ସୁଜିତ୍ କୁମାର ସାହୁଙ୍କୁ ଗିରଫକରି ତଦନ୍ତ କରୁଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ଅଭିଭାବକ ଆଧାର କାର୍ଡରେ ସଂଶୋଧନ ପାଇଁ ୧୧ ବର୍ଷୀୟା ଝିଅକୁ ନେଇ ବୁଧବାର ସକାଳ ୬ଟା ୩୦ରେ ଧକୋଠାରେ ପହଞ୍ଚିଥିଲେ। ଆଧାରକାର୍ଡ ବାୟୋମେଟ୍ରିକ ସଂଶୋଧନ ପାଇଁ ଜନସେବା କେନ୍ଦ୍ର ମାଲିକ ସୁଜିତ୍ କୁମାର ସାହୁଙ୍କୁ କହିଥିଲେ। ସୁଜିତ୍ ଝିଅର ଆଧାରରେ ଥିବା ଜନ୍ମ ତାରିଖ ଠିକ୍ ଅଛି ନାହିଁ ବୁଝିବାକୁ ନାବାଳିକାଙ୍କ ବାପାଙ୍କୁ ସ୍କୁଲ ଶିକ୍ଷକଙ୍କ ପାଖକୁ ପଠାଇଦେଇଥିଲେ। ବାପା ଗଲା ପରେ ଝିଅକୁ ଏକାକୀ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା କୌଣସି ମତେ ଖସିଆସି ପାଟିକରିବାରୁ ଲୋକେ ରୁଣ୍ଡ ହୋଇ ସୁଜିତ୍‌ଙ୍କୁ ମାଡ଼ ମାରିଥିଲେ। ନାବାଳିକାଙ୍କ ବାପା ଝିଅଠାରୁ ଘଟଣା ସମ୍ପର୍କରେ ଜାଣି ଘସିପୁରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ.୩୯/୨୫) ରୁଜୁକରି ସୁଜିତ୍‌ଙ୍କୁ ଗିରଫ କରିଛି। ଥାନା ଅଧିକାରୀ ରମାକାନ୍ତ ସାଇ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି।

# ଲାଞ୍ଚ: ଭିଜିଲାନ୍ସ ଜାଲରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର

କଟକ,୨୨।୧(କାର୍ତ୍ତିକ ସାହୁ)

ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ପ୍ରଦାନ ପାଇଁ ମୃତକଙ୍କ ପରିବାରଠାରୁ ଲାଞ୍ଚ ନେବା ଅଭିଯୋଗରେ କଟକ ଜିଲା ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ଜରି ବିଶେଷଜ୍ଞ ଡାକ୍ତର ବିଶ୍ୱନାଥ ଆଧେକ ଭିଜିଲାନ୍ସ ହାତରେ ବୁଧବାର ଧରାପଡ଼ିଛନ୍ତି। ତାଙ୍କଠାରୁ ଲାଞ୍ଚ ଅର୍ଥ ୨ ହଜାର ଟଙ୍କା ଜବତ କରାଯାଇଛି।

ସୂଚନାନୁସାରେ, ଡା. ବିଶ୍ୱନାଥ ମୃତକଙ୍କ ପିତାଙ୍କ ନିକଟରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଦାଲତ ଶୁଣାଣି ସମୟରେ ପ୍ରମାଣପତ୍ର ଭାବେ ବିଶ୍ୱନାଥଙ୍କଠାରୁ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ ପାଇଁ ମୃତକଙ୍କ ବାପା ଆଶା କରିଥିଲେ। କିଛିଦିନ ପୂର୍ବେ ଅଭିଯୁକ୍ତ ମୃତକଙ୍କ ପିତାଙ୍କଠାରୁ ୨ ହଜାର ଟଙ୍କା ନେଇଥିଲେ। ଅଭିଯୋଗକାରୀ ଜଣେ ଗରିବ ବ୍ୟକ୍ତି। ଲାଞ୍ଚ ଦେଇ ରିପୋର୍ଟ ନେବା ଘଟଣାରେ ଭିଜିଲାନ୍ସରେ ଜଣାଇବା ବ୍ୟତୀତ ତାଙ୍କ ପକ୍ଷେ ଅନ୍ୟ କିଛି ଉପାୟ ନ ଥିଲା। ଅଭିଯୋଗ ପରେ ଭିଜିଲାନ୍ସ ଅଧିକାରୀମାନେ ବିଶ୍ୱନାଥଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ବିଶ୍ୱନାଥ ସମ୍ପୃକ୍ତ ଡାକ୍ତରଙ୍କୁ ୨ ହଜାର ଟଙ୍କା ଦେବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁକରିଥିଲେ। ଭିଜିଲାନ୍ସ ପକ୍ଷରୁ ଅଭିଯୁକ୍ତଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ୨ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଏନେଇ କଟକ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୧/୨୫) ରୁଜୁ ହୋଇଛି।

# କଲେଜ ପରିସରରେ ପୀଡ଼ିତା, ମା'ଙ୍କ ଆମରଣ ଅନଶନ



ଯାଜପୁର,୨୨।୧(ହର୍ଷବର୍ଦ୍ଧନ ବେହେରା)

## କ୍ଲାସ୍‌ରୁମ୍‌ରେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଏକ କଲେଜର ଜଣେ ଛାତ୍ରୀଙ୍କୁ ଅଧ୍ୟାପକ ଯୌନ ନିର୍ଯାତନା ଦେବା ଏବଂ କ୍ଲାସ୍‌ରୁମ୍‌ରେ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଛି। ଏହା ଉପରେ ପୋଲିସ ଓ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ନେଇ ପୀଡ଼ିତା ଓ ତାଙ୍କ ପରିବାରବର୍ଗ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ଯୁବ ସଂଯୋଜକ ମହମ୍ମଦ ମନୋହର ଅଲ୍ଲି ଓ ଯାଜପୁର ଯୁବ ସଂଯୋଜକ ଅଶ୍ୱିନୀ କୁମାରଙ୍କ ନେତୃତ୍ୱରେ ପୀଡ଼ିତାଙ୍କ ସହ ତାଙ୍କ ମା' ବୁଧବାର ପୂର୍ବାହ୍ନ ୧୧ଟାରୁ କଲେଜ ଗେଟ୍ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଏହି ଆମରଣ ଅନଶନକୁ ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁନନ୍ଦା ଦାସ ଉପସ୍ଥିତ ରହି ସମର୍ଥନ ଜଣାଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତ ଅଧ୍ୟାପକ ବିଦ୍ୟାଧର ଧଳ ଏବଂ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କୁ ଚାକିରିରୁ ବହିଷ୍କାର ଏବଂ ଗିରଫ ଦାବିରେ ସେମାନେ ଅଡି ବସିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀମାନଙ୍କୁ ବୁଝାଶୁଝା କରି ଯାଜପୁର ଉପଜିଲାପାଳଙ୍କ ସହ ଫୋନରେ କଥାବାର୍ତ୍ତା କରାଇଥିଲେ। ଉପଜିଲାପାଳ ଅଂଶୁମାନ ଶତପଥୀ ଫୋନ୍‌ରେ ଆନ୍ଦୋଳନକାରୀମାନଙ୍କ ସହ କଥାବାର୍ତ୍ତା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହୁରି ୩ ଦିନ ସମୟ ମାଗିଥିଲେ। ଏହି ଘଟଣାକୁ ୧୬ ଦିନ ଏବଂ ଥାନାରେ ଅଭିଯୋଗ ହେବାର ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପୀଡିତା ଓ ତାଙ୍କ ମା' ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ପ୍ରତିବାଦ କରିବା ସହ ଭଙ୍ଗାରୁଜା ଓ ପୀଡ଼ିତା ଜଣକ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଘଟଣାସ୍ଥଳରେ ଯାଜପୁର ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନ୍‌ଗୋ, ଏସ୍‌ଡିପିଓ କୈଳାସ ସେଠୀ ପ୍ରମୁଖ ଅଭିଯୁକ୍ତମାନଙ୍କୁ ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜକୁ ୨ଦିନ ପରେ ବି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ କିମ୍ବା ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରକାଶ କରିଛନ୍ତି। ଅଭିଯୋଗ ଭିତ୍ତିରେ ବରୀ ଥାନାରେ ୧୬/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। କଲେଜ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ବଳାତ୍କାରୀ କନ୍‌ଷ୍ଟେବଲଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ,୨୨।୧
(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ରାଜେଶ ଦାସ ଅଭିଯୁକ୍ତ କନଷ୍ଟେବଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ଜଣକ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ଗୋବିନ୍ଦ ପ୍ରଧାନ(୨୫)। ସେ ଜିଲା ରିଜର୍ଭ ପୋଲିସରେ କନଷ୍ଟେବଲ ଭାବେ କାମ କରୁଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗୋବିନ୍ଦଙ୍କ ଭଉଣୀ ଏବଂ ପୀଡ଼ିତା ଗୋଟିଏ ସ୍କୁଲରେ ପଢୁଥିଲେ। ୨୦୧୬ରେ ୧୦ମ ଶ୍ରେଣୀ ପରୀକ୍ଷା ପରେ ଗୋବିନ୍ଦଙ୍କ ଭଉଣୀ ତାଙ୍କ ସାଙ୍ଗଙ୍କୁ ନିଜ ଘରକୁ ବୁଲାଇ ନେଇଥିଲେ। ସେ ୭ ଦିନ ସେଠାରେ ରହିଥିଲେ। ଏହି ସମୟରେ ଗୋବିନ୍ଦ ତାଙ୍କୁ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପୀଡ଼ିତା ଘରକୁ ଆସିବାର କିଛିଦିନ ପରେ ଗୋବିନ୍ଦ ସେଠାରେ ପହଞ୍ଚି ପୁଣି ତାଙ୍କ ଘରକୁ ନେଇ ଯାଇଥିଲେ। ଚିହ୍ନା ପରିଚିତ ହୋଇଯାଇଥିବାରୁ ପରିବାର ଲୋକେ ଝିଅକୁ ତାଙ୍କ ସହ ଛାଡ଼ି ଦେଇଥିଲେ। ୨୦୧୭ରେ ଗୋବିନ୍ଦ ନାବାଳିକାଙ୍କୁ ନେଇ କେରଳ ଚାଲି ଯାଇଥିଲେ। ସେଠାରେ ୪ ମାସ ରହିବା ପରେ ଫୁଲବାଣୀ ଆସି ବିଭିନ୍ନ ସ୍ଥାନରେ ଭଡ଼ାରେ ରହିଥିଲେ। ୨୦୧୮ରେ ଗୋବିନ୍ଦ କନଷ୍ଟେବଲ ଚାକିରି ପାଇଥିଲେ। ଏହାପରେ ସେ ସମ୍ପୃକ୍ତ ନାବାଳିକାଙ୍କୁ ମୋତେ ଭୁଲିଯା କହି ଛାଡ଼ି ଦେଇଥିଲେ। ଗୋବିନ୍ଦ ଅନ୍ୟତ୍ର ବିବାହ କରୁଥିବା ଜାଣି ୨୦୨୦ ନଭେମ୍ବର ୬ ତାରିଖରେ ପୀଡ଼ିତା ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୪୪/୨୦ରେ ମାମଲା ରୁଜୁ କରି ଗୋବିନ୍ଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ମେଡିକାଲ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

# ଚାଲାଣ ବେଳେ ୨ ହାତୀଦାନ୍ତ ଜବତ, ୪ ଗିରଫ

ବାରିପଦା,୨୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜବତ ୨ ହାତୀଦାନ୍ତ।

ରାଜ୍ୟ ବାହାରକୁ ଚାଲାଣ ବେଳେ ବୁଧବାର ପୂର୍ବାହ୍ନ ୧୧ଟାରେ ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ଦେଉଳି ରେଞ୍ଜ ଅଞ୍ଚଳରୁ ବନ ବିଭାଗ ୨ ହାତୀଦାନ୍ତ ଜବତ କରିଛି। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରେ ରାଜ୍ୟ ବାହାରର ୨ ଜଣ ଥିବାରୁ ହାତୀଦାନ୍ତ କାରବାରରେ ଆନ୍ତଃ ରାଜ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ଗଣ୍ଡାନେଟା ଅଞ୍ଚଳର ମଙ୍ଗଲ ସୋରେନ ଓ ଚାକୁଳିଆ ଥାନା ଅଧୀନ କାଣିମହୁଲୀ ଗ୍ରାମର ବିଜୟ ହାଁସଦା ଏବଂ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୂଳ ଗ୍ରାମ ଡାହିସାହି ଅଞ୍ଚଳର ବିର୍ସା ମୁର୍ମୁ ଓ ପଟଗଡ଼ିଆ ଗ୍ରାମର ଯୋଗେଶ୍ୱର ନାଏକ।

ସୂଚନାଯୋଗ୍ୟ, ହାତୀଦାନ୍ତ ଚୋରା ଚାଲାଣ ନେଇ ବନ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କ ନିର୍ଦ୍ଦେଶକ୍ରମେ ଦେଉଳି ବନାଞ୍ଚଳ ରେଞ୍ଜ କର୍ମଚାରୀ ଓ ବନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଯୋଜନା ମୁତାବକ ଝାରପୋଖରିଆ ଥାନା ଅନ୍ତର୍ଗତ ୪୯ନଂ. ଜାତୀୟ ରାଜପଥର ଜାମଶୋଳା ନିକଟସ୍ଥ ଗୋଷାଣୀ ଛକରେ ଜଗି ରହିଥିଲେ। ଅଭିଯୁକ୍ତମାନେ ହାତୀ ଦାନ୍ତ ବିକ୍ରି କରିବା ପାଇଁ ରାଜ୍ୟ ବାହାରକୁ ଚାଲାଣ କରୁଥିବା ସମୟରେ ଟିମ୍ ସେମାନଙ୍କୁ କାବୁ କରିଥିଲା। ଗୋଟିଏ ବାଇକ୍‌ରେ ୨ ଜଣ ୨ଟି ହାତୀଦାନ୍ତକୁ ଗାମୁଛାରେ ବାନ୍ଧି ଏକ ବ୍ୟାଗ୍‌ରେ ନେଉଥିଲେ। ସେମାନଙ୍କୁ ସୁରକ୍ଷା ଦେଇ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଯାଉଥିଲେ। ଜବତ ଗୋଟିଏ ଦାନ୍ତର ଓଜନ ୧ କେଜି ହୋଇଥିବା ବେଳେ ଅନ୍ୟଟି ୧ କେଜି ୨୦ଗ୍ରାମ ବୋଲି ବିଭାଗ ସୂଚନା ଦେଇଛି। ଏହି କାରବାରରେ ଅନ୍ୟ କେଉଁମାନେ ସାମିଲ ରହିଛନ୍ତି ତାହାକୁ ନେଇ ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତ ପରେ ହାତୀଦାନ୍ତ ଦୁଇଟିକୁ ଯାଞ୍ଚ ପାଇଁ ଓ୍ୱାଇଏଟିପ୍ଳିତ ଲାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ହାତୀର ପ୍ରକୃତ ବୟସ, ଲିଙ୍ଗ ଓ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ ପଚରାଉଚରା ଜାରି ରହିଥିବା ବାରିପଦା ବନଖଣ୍ଡ ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତରଭୁଜ, ପୂରୁବ କଥାକୁ ମନେ ହେଜ**
**ପାସୋର ଗଲାଣି କୁଣ୍ଡା ବୋଝ**
**କୁଲା ବିକି ହେଲା ଚାତର**
**ପୂର୍ବ କଥା ମନେ ବିଚାର।**

ବ୍ୟକ୍ତି ନିଜ ଅତୀତକୁ ଭୁଲି ନ ଯିବା ଉଚିତ। ସାଧାରଣତଃ ବ୍ୟକ୍ତିର ଅବସ୍ଥା ଯେବେ ସ୍ୱଚ୍ଛଳ ହୋଇ ଉଠେ, ସେତେବେଳେ ସେ ତା' ଅତୀତର ଦୁଃଖଦ ମୁହୂର୍ତ୍ତକୁ ଭୁଲିଯାଇ ବର୍ତ୍ତମାନର ଧନ ଗର୍ବରେ ମତୁଆଲା ହୋଇ ଅହଂକାର କରିବସେ। ତେବେ ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରିଆସିଛି, ତାହା ସେ ସ୍ମୃତିରେ ଆଣିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ତିନି ଥେଣ୍ଟିଆ କାକୁଡି ବାଡ଼ି**
**ଖାଏ ଶିଆଳ ବେକ ମୋଡ଼ି।**

ସାଧାରଣତଃ କେତେକ ବିଷୟକୁ ନେଇ ଲୋକମାନଙ୍କ ମଧ୍ୟରେ କିଛି କିଛି ଭିନ୍ନ ମତ ରହୁଥିବାର ଲକ୍ଷ୍ୟ କରାଯାଇଥାଏ। ସେଭଳି କୌଣସି ଏକ ପ୍ରସଙ୍ଗରେ ମତ ଭିନ୍ନ ଭିନ୍ନ ହେଲେ ବାହାର ଲୋକ ବା ଅତି ଚାଲାକ ଲୋକ ଏଥିରୁ ଫାଇଦା ହାସଲ କରିଥାନ୍ତି ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏସ୍‌ଟିଏଫ୍ ପଞ୍ଝାରେ ୩ ଗଞ୍ଜେଇ ବେପାରୀ

ଭୁବନେଶ୍ୱର,୨୨।୧(ସତ୍ୟଜିତ୍ ରାଉତ)

ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡିଛି। ଖୋର୍ଦ୍ଧା-ଚନ୍ଦକା ରାସ୍ତା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମା ଲତା ଭୁଆଶୁଣୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି କାର୍‌ରୁ ୧ କୁଇଣ୍ଟାଲ ୧ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କନ୍ଧମାଳ ଜିଲା ଗୋଛପଡା ଥାନା ଅନ୍ତର୍ଗତ କାତିରଙ୍ଗା ଅଞ୍ଚଳର ଅକ୍ଷୟ କୁମାର ବିନ୍ଧାଣୀ (୩୯), କୁକୁନା ବେହେରା (୩୮) ଓ ଫୁଲବାଣୀ ଅଞ୍ଚଳର ବିକ୍ରମ କୁମାର ବେହେରା (୪୦)।

# ସୀମାନ୍ତରେ ୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲାକନଗିରି, ୨୨।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ୨ ଲକ୍ଷ ପୁରସ୍କାର ଘୋଷିତ ଜଣେ ମାଓବାଦୀଙ୍କ ସହ ୬ଜଣ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀମାନେ ସୁକ୍‌ମା ଜିଲା ସିଆର୍‌ପିଏଫ୍ ୨୧୭ ବାଟାଲିୟନ ଆଇସି ନରସିଂହ ମୀନା ଓ ନକ୍ସଲ ସେଲ୍ ପ୍ରଭାରୀ ରୋଶନ ସିଂହ ରାଜପୁତଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

ତଥ୍ୟ ଅନୁଯାୟୀ, ଛତିଶଗଡ଼ ସରକାରଙ୍କ ଦ୍ୱାରା ଚାଲିଥିବା ମାଓବାଦୀ ଦମନ ପ୍ରକ୍ରିୟା ଓ ଘରକୁ ଫେରିଆସ ଅଭିଯାନରେ ଛତିଶଗଡ଼ ପୋଲିସ କ୍ରମାନୁଗତ ଭାବେ କୋମ୍ବିଂ ଅପରେଶନ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ପୋଲିସ ଓ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ମାଓବାଦୀ ଗଡ ଦିନକୁ ଦିନ ଭୁଶୁଡିବାରେ ଲାଗିଛି। ଏହି କ୍ରମରେ ପୋଲିସଙ୍କ ଘରକୁ ଫେରିଆସ ଓ ଛତିଶଗଡ଼ର ଉନ୍ନତିରେ ପ୍ରଭାବିତ ହୋଇ ୨ ଲକ୍ଷ ପୁରସ୍କାର ଘୋଷିତ ଉତ୍ତର ବସ୍ତର ମାଓବାଦୀ ଡିଭିଜନ ସିସିଏମ୍ କୁଞ୍ଜାମ ମାସା, କୁଞ୍ଜାମ ଜଗା, ବୋଡକେ ହୁରା, ମଡକମ ହିଡମା, ବଞ୍ଜାମ କେସା ଓ ମାଡବି ଜଗା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂଚନା ଦେଇଛି।

# ମାଓବାଦୀ ଗତିବିଧିର ସମୀକ୍ଷାକଲେ ଡିଜିପି

ନୂଆପଡ଼ା,୨୨।୧ (ମକାରୁ ବେମାଲ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ୱାଇ.ବି. ଖୁରାନିଆ ବୁଧବାର ନୂଆପଡ଼ା ଜିଲା ଗସ୍ତରେ ଆସି ଛତିଶଗଡ଼ ଓ ନୂଆପଡ଼ା ଏସ୍‌ପିଙ୍କ ସହ ମାଓବାଦୀ ଗତିବିଧି ଉପରେ ସମୀକ୍ଷା କରିଛନ୍ତି। ଛତିଶଗଡ଼-ନୂଆପଡ଼ା ସୀମାରେ ଗରିଆବନ୍ଧ ଜିଲା ମୈନପୁର ଥାନା କୁଲାରିଘାଟ ସଂରକ୍ଷିତ ଜଙ୍ଗଲରେ ଯବାନ ଓ ମାଓବାଦୀଙ୍କ ଗୁଳି ବିନିମୟରେ ୨ଦିନରେ ବହୁ ମାଓବାଦୀ ପ୍ରାଣ ହରାଇଛନ୍ତି। ବର୍ତ୍ତମାନ ଆମକୁ ୧୪ ଗୋଟି ମୃତଦେହ ମିଳିଛି। ଆହୁରି ଅଧିକ ମୃତଦେହ ମିଳିବ ବୋଲି ଆଶା କରାଯାଉଛି। ଏହି ଗୁଳି ବିନିମୟରେ ୨ଜଣ ଯବାନ ଛତିଶଗଡ଼ର ନୀରଜ କୁମାର ଓ ଓଡ଼ିଶାର ଧର୍ମେନ୍ଦ୍ର ଭୋଇ ଆହତ ହୋଇଛନ୍ତି ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଖୁରାନିଆ ସୂଚନା ଦେଇଛନ୍ତି।

ଛତିଶଗଡ଼-ନୂଆପଡ଼ା ସୀମାରେ ଘଞ୍ଚ ଜଙ୍ଗଲ ରହିଥିବାରୁ ମାଓବାଦୀଙ୍କ ଉପସ୍ଥିତି ଦେଖାଦେଉଛି। ଆମେ ଅନେକଥର ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନଙ୍କୁ ନେଇ ମିଳିତ କୋମ୍ବିଂ ଅପରେଶନ କରିଛୁ। ସେଥିରେ ମାଓବାଦୀ କ୍ୟାମ୍ପ ଠାବ ସହ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛୁ। ଜାନୁଆରୀ ପ୍ରଥମ ସପ୍ତାହରେ ଇନ୍ଦାଗା ଥାନା କାଣ୍ଡସର ସଂରକ୍ଷିତ ଜଙ୍ଗଲରୁ ଜଣେ ମାଓବାଦୀଙ୍କୁ ନିପାତ କରିବା ସହ ମାଓବାଦୀ କ୍ୟାମ୍ପ ଠାବକରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା।


ଖବରଦାତା ସମ୍ମିଳନୀରେ ପୋଲିସ ଡିଜି ୱାଇ.ବି. ଖୁରାନିଆ ସୂଚନା ଦେଉଛନ୍ତି।

ମୈନପୁର ଥାନା କୁଲାରିଘାଟ ଜଙ୍ଗଲରେ ମାଓବାଦୀ ଏକତ୍ରିତ ହୋଇଥିବା ଗୋଇନ୍ଦା ସୂତ୍ରରୁ ସୂଚନା ମିଳିବା ପରେ ଗତ ୧୯ ତାରିଖରୁ ଅପରେଶନ କରାଯାଇଥିଲା। ଏଥିରେ ଉଭୟ ରାଜ୍ୟର ଯବାନ ସାମିଲ ହୋଇଥିଲେ। ୨୦ ତାରିଖରେ ୨ ଜଣ ମହିଳା ମାଓବାଦୀ ଓ ୨୧ରେ ୧୨ ଜଣ ମାଓବାଦୀଙ୍କ ମୃତଦେହ ମିଳିଛି। ସେଥିରେ ୨ଜଣ ହାର୍ଡକୋର ମାଓବାଦୀ ଚଳପତ ରାମଚନ୍ଦ୍ର ରେଡ୍ଡୀ ଓ ଜୟରାମ ଓରଫ ଗୁଡ୍ଡୁ ନିହତ ହୋଇଛନ୍ତି। ଏମାନଙ୍କ ନାମରେ କୋଟିଏ ଟଙ୍କାର ପୁରସ୍କାର ରହିଥିଲା।

୨୦୨୬ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ପାଇଁ ମାଓବାଦୀପ୍ରବଣ ରାଜ୍ୟଗୁଡ଼ିକୁ ଅଧିକ ସୁରକ୍ଷା କର୍ମୀ ପଠାଇ ଅପରେଶନକୁ ଆହୁରି ମଜଭୁତ କରାଯିବ। ଉଭୟ ରାଜ୍ୟର ଯବାନ ଅକ୍ଳାନ୍ତ ପରିଶ୍ରମକରି ଦେଶମାତୃକା ପାଇଁ ଜୀବନକୁ ବାଜି ଲଗାଇ ସାହସର ସହ ଲଢେଇ କରି ବଡ ସଫଳତା ଆଣିଛନ୍ତି। ସଫଳତା ଦେଇଥିବା ଯବାନମାନଙ୍କୁ ବହୁତ ଧନ୍ୟବାଦ। ବର୍ତ୍ତମାନ ଡ୍ରୋନ ସାହାଯ୍ୟରେ ମୃତଦେହ ଖୋଜା ଚାଲିଛି। ଉଭୟ ରାଜ୍ୟର ଯବାନମାନଙ୍କ ଦ୍ୱାରା ଅପରେଶନ ମଧ୍ୟ ଜାରି ରହିଛି। ଖବରଦାତା ସମ୍ମିଳନୀରେ ସାଉଥ ଜୋନ୍ ଆଇଜି ନୀତିଶେଖର, ଡିଆଇଜି ଅପରେଶନ ଅଖିଳେଶ ସିଂ, ନୂଆପଡ଼ା ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଛତିଶଗଡ଼ ଇଣ୍ଟେଲିଜେନ୍ସ ଏସ୍‌ପି ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି

ଭବାନୀପାଟଣା,୨୨।୧
(ଉତ୍ତମ କୁମାର ଦାଶ)

କଳାହାଣ୍ଡିଜିଲାକୁ ବୁଧବାର ଦିନିକିଆ ଗସ୍ତରେ ଆସି ଜିଲାରେ ମାଓବାଦୀ ଦମନର ସ୍ଥିତି ଉପରେ ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ। ଏହି ଅବସରରେ ପ୍ରଥମେ ସେ ଭବାନୀପାଟଣା ସହର ଉପଖଣ୍ଡ ସିଆର୍‌ପିଏଫ୍ କ୍ୟାମ୍ପ ପରିଦର୍ଶନକରି ଯବାନମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲା ପୋଲିସ ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ନୂଆପଡ଼ା ଜିଲା ସୀମାନ୍ତ ଛତିଶଗଡ଼ ଗରିଆବନ୍ଧ ସୀମାରେ ହୋଇଥିବା ମାଓବାଦୀ ଅପରେଶନରେ ଓଡ଼ିଶା ପୋଲିସର ଭୂମିକାକୁ ପ୍ରଶଂସା କରିଥିଲେ। ସେହିପରି ନୂଆପଡ଼ା ଜିଲା ଓ କଳାହାଣ୍ଡି ଜିଲାରେ ମାଓବାଦୀ ଦମନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ବୋଲ ସେ କହିଥିଲେ। ଉଭୟ ଜିଲାରେ ମାଓବାଦୀ ଦମନରେ ନିୟୋଜିତ ଥିବା କେନ୍ଦ୍ରୀୟ ସୁରକ୍ଷା ବଳ, ସୀମା ସୁରକ୍ଷା ବଳ, ଏସ୍‌ଓଜି, ଡିଭିଏଫ୍, ପୋଲିସ ବାହିନୀର ମନୋବଳ ବୃଦ୍ଧିକରିବାକୁ ସେ ଗସ୍ତ କରିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକଙ୍କ ସହିତ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜୀ, ସିଆର୍‌ପିଏଫ୍ ୬୪ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ, ସେକେଣ୍ଡ କମାଣ୍ଡାଣ୍ଟ ପ୍ରଶାନ୍ତ ମିଶ୍ରଙ୍କ ସମେତ ରାଜ୍ୟ ଓ ଜିଲାର ଅନେକ ପୋଲିସ ପଦାଧିକାରୀ ଉପସ୍ଥିତ ଥିଲେ।

ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ । କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !!–ଶ୍ରୀମା

-ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



# ସଂସ୍କୃତି ଓ ସଙ୍ଗୀତ



ଦେବଦତ୍ତ ପଟ୍ଟନାୟକ

ଯେତେବେଳେ ଭଗବାନ୍ ଶିବ ଗୀତ ଗାଇବା ଆରମ୍ଭ କଲେ ସେତେବେଳେ ବିଷ୍ଣୁ ତରଳିଗଲେ ଏବଂ ତାଙ୍କ ଶରୀର ଗଙ୍ଗା ଜଳରେ ପରିଣତ ହେଲା । ରାବଣ ବିଷ୍ଣୁଙ୍କ ଅସ୍ଥିକୁ ବିମ୍ ଭାବେ ଏବଂ ସ୍ନାୟୁକୁ ବାଦ୍ୟଯନ୍ତ୍ରର ତାର ବା ତନ୍ତ୍ରୀ ଏବଂ ମୁଣ୍ଡକୁ ତୁମ୍ବା ଭାବେ ବ୍ୟବହାର କରି ବୀଣା ଉଦ୍ଭାବନ କରିଥିଲେ । ଦେଖିବାକୁ ଗଲେ ହିନ୍ଦୁଧର୍ମର ଲୋକକଥା ଏହିଭଳି କାହାଣୀଗୁଡ଼ିକରେ ପରିପୂର୍ଣ୍ଣ । କିନ୍ତୁ ବୁଦ୍ଧ ଏବଂ ଜୈନ ତୀର୍ଥଙ୍କର ସହ ବାଦ୍ୟଯନ୍ତ୍ର ଥିବା କେହି କେବେ ଦେଖି ନ ଥିବେ । ସଙ୍ଗୀତ ସନ୍ନ୍ୟାସୀଙ୍କ ସହିତ ବି ଜଡ଼ିତ ନ ଥିଲା । ଏହାକୁ ଭକ୍ତିମାର୍ଗର ସାଧୁମାନେ କେବଳ ବ୍ୟବହାର କରୁଥିଲେ । ରୂଢ଼ିବାଦୀ ଖ୍ରୀଷ୍ଟିଆନ ଏବଂ ମୁସଲମାନଙ୍କ କ୍ଷେତ୍ରରେ ଈଶ୍ୱରଙ୍କ ଆରାଧନାରେ ଗୀତ ଓ ଭଜନ ବ୍ୟତୀତ ମ୍ୟୁଜିକ ଏକ ପାପ ଥିଲା । ଏହିପରି ଭାବେ ସଙ୍ଗୀତ ସଂସ୍କୃତି ସମ୍ପର୍କରେ ଅନେକ କିଛି ପ୍ରକାଶ କରେ ।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ମଧୁର ସ୍ୱର ବା ରାଗ କିମ୍ବା ଏକକ ତାଳ ଉପରେ ଆଧାରିତ, ଯେଉଁଠାରେ ଜଣେ ବ୍ୟକ୍ତି ଏକ ସ୍ୱରରେ ଗାଆନ୍ତି ଏବଂ ପରେ ଅନ୍ୟ ବାଦ୍ୟଯନ୍ତ୍ର ବା ସ୍ୱର ଏଥିରେ ସହଯୋଗ କରିଥାଏ । ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ ଏକାଧିକ ସ୍ୱର ସହିତ ଜଡ଼ିତ ଥିବାବେଳେ ଏକ ନୂତନ ତଥା ଭିନ୍ନ ସଙ୍ଗୀତ ସୃଷ୍ଟି କରିବା ପାଇଁ ବିଭିନ୍ନ ଧ୍ୱନିକୁ ଏକତ୍ର କରି ଭାରତୀୟ ସଙ୍ଗୀତ ଏକ ସରଳ ଓ ସ୍ୱଷ୍ଟ ସ୍ୱର ସୃଷ୍ଟି କରେ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ତୁରନ୍ତ ରଚନା କରିହୁଏ । ଏହାକୁ ପ୍ରାରମ୍ଭିକ ତଥା ଧୀର ତାଳରେ ଗାଇହୁଏ । ଅନ୍ୟପଟେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ଗାଇବା କଷ୍ଟକର । କିନ୍ତୁ ଆଫ୍ରିକାରୁ ପାଶ୍ଚାତ୍ୟକୁ ଯାଇଥିବା ଜାଜ୍ ମ୍ୟୁଜିକକୁ ତୁରନ୍ତ କମ୍ପୋଜ କରି ଗାଇହୁଏ । ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତକୁ ମଧ୍ୟ ସହଜରେ ଲେଖାଯାଇପାରିବ । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ସାତଟି ସ୍ୱର କିମ୍ବା ତାଳ ଅଛି – ଯାହାକୁ ବିଭିନ୍ନ ପ୍ରକାରେ ଅଦଳବଦଳ କରି ରାଗ ସୃଷ୍ଟି କରାଯାଇଥାଏ । ରସ ଏବଂ ଭାବ ଜାଗ୍ରତ କରିବା ପାଇଁ ଏକ ତାଳରେ ଏହାକୁ ଗାନ କରାଯାଏ । ରସ ଏବଂ ଭାବ ସଙ୍ଗୀତର ଅଂଶ ନୁହନ୍ତି । ସଙ୍ଗୀତ ଏକ ଅନୁଭବ ଏବଂ ଦର୍ଶକ କଳାକାରଙ୍କୁ



ଗାଇବା ଲାଗି ପ୍ରେରିତ କରିଥାନ୍ତି । ଅନ୍ୟପକ୍ଷରେ ପାଶ୍ଚାତ୍ୟ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ରସ ଏବଂ ଭାବ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଏହାକୁ ଠିକ୍ ଭାବରେ ଗାଇ ହୁଏନି । ବାସ୍ତବରେ ସଙ୍ଗୀତ ପ୍ରତି ବିଶ୍ୱସ୍ତତା ବା ନିଷ୍ଠା ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ ।

ସାମ ବେଦ ହେଉଛି ଭାରତୀୟ ସଙ୍ଗୀତର ଆଦ୍ୟ ପ୍ରମାଣ । ପ୍ରାଗ୍ଐତିହାସିକ ଯୁଗରେ ସଙ୍ଗୀତ ଆରମ୍ଭ ହୋଇଥିଲା । ପ୍ରସ୍ତର ଯୁଗରେ ଲୋକମାନେ ପଥର ସହ ପଥରକୁ ବାଡ଼େଇ ମ୍ୟୁଜିକ ସୃଷ୍ଟି କରୁଥିଲେ । ଏଭଳି ପଥରଗୁଡ଼ିକୁ ପ୍ରତ୍ନତତ୍ତ୍ୱବିତ୍‌ମାନେ ଓଡ଼ିଶାରେ ଆବିଷ୍କାର କରିଛନ୍ତି । ପରେ ପ୍ରସ୍ତର ଯୁଗରେ ଲୋକେ ସ୍ୱର ଏବଂ ବାଦ୍ୟଯନ୍ତ୍ରର ବିକାଶ କଲେ । ହରପ୍ପାରୁ ମିଳିଥିବା ଏକ ମୋହରରେ ସାତ ଜଣ ଲୋକ ସମାନ ପୋଷାକ ପିନ୍ଧି ଏକ ଗଛ ଚାରିପାଖରେ ନାଚୁଥିବାର ଐତିହାସିକ ପ୍ରମାଣ ରହିଛି । ତେଣୁ ଏହି ନୃତ୍ୟକୁ ସହଯୋଗ କରିବାରେ ନିଶ୍ଚିତ ଭାବେ ମ୍ୟୁଜିକ ରହିଥିବ ବୋଲି ଅନୁମାନ କରାଯାଏ । ଯେହେତୁ ବାଦ୍ୟଯନ୍ତ୍ରଗୁଡ଼ିକ ଜୈବ ପଦାର୍ଥରେ ନିର୍ମିତ, ସେଥିପାଇଁ ସେଗୁଡ଼ିକ ଦୀର୍ଘ ସମୟ ଅକ୍ଷୁଣ୍ଣ ରହିବା ସମ୍ଭବ ହୋଇନାହିଁ । ତେଣୁ ହରପ୍ପା ସଭ୍ୟତାରେ ବ୍ୟବହାର କରାଯାଉଥିବା ମାଟି ତିଆରି ବାଦ୍ୟଯନ୍ତ୍ରଗୁଡ଼ିକ ଆମ ପାଖରେ ନାହିଁ । କିନ୍ତୁ ହରପ୍ପାର ଲୋକମାନେ ସୁମେରିଆନ (ବାବିଲୋନିଆର ପୁରାତନ ଲୋକ)ଙ୍କ ସହିତ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ସୁମେରୀୟ କବର ଏବଂ କଳାରେ ହରପ୍ପାରୁ ମିଳିଥିବା ବାଦ୍ୟଯନ୍ତ୍ରଗୁଡ଼ିକର ଛାପ ଦେଖିବାକୁ ମିଳେ । ଏଣୁ ଏଗୁଡ଼ିକୁ ସେତେବେଳେ ହରପ୍ପାବାସୀ ରପ୍ତାନି କରିଥାଇ ପାରିଥାଆନ୍ତି ବୋଲି ଐତିହାସିକମାନେ ମତ ଦିଅନ୍ତି ।

ଭାରତୀୟ ସଙ୍ଗୀତର ପ୍ରଥମ ସ୍ପଷ୍ଟ ପ୍ରମାଣ ସାମ ବେଦରୁ ମିଳେ (ଖ୍ରୀଷ୍ଟପୂର୍ବ ୧୦୦୦), ଯାହା ଋଗ୍ ବେଦର ପଂକ୍ତିକୁ ନେଇ ସଙ୍ଗୀତ ସୃଷ୍ଟି କରିଥିଲା । ଗନ୍ଧର୍ବ ବା ସ୍ୱର୍ଗର ସଙ୍ଗୀତଜ୍ଞଙ୍କ ବିଷୟରେ ମଧ୍ୟ ସାମବେଦରେ ଉଲ୍ଲେଖ ରହିଛି । ସଙ୍ଗୀତକାରମାନେ ସଂସ୍କୃତ ନାଟକ ମାଧ୍ୟମରେ ରାଜାମାନଙ୍କ ମନୋରଞ୍ଜନ କରୁଥିବାର ଉଦାହରଣ ସବୁ ରହିଛି । ହିନ୍ଦୁ ମନ୍ଦିର ଏବଂ ବୌଦ୍ଧ ଗୁମ୍ଫାର କାନ୍ଥରେ ମହିଳା ସଙ୍ଗୀତଜ୍ଞଙ୍କ ମୂର୍ତ୍ତି ଦେଖିବାକୁ ମିଳେ ।

ଇସ୍‌ଲାମର ଆଗମନ ପରେ ଭାରତରେ ମ୍ୟୁଜିକରେ ବଡ଼ ପରିବର୍ତ୍ତନ ହୋଇଛି । ପାର୍ସୀ ସଙ୍ଗୀତ ପରମ୍ପରା ଭାରତରେ ପ୍ରବେଶ କରିବା ପରେ ଉତ୍ତର ଭାରତୀୟ (ହିନ୍ଦୁସ୍ଥାନୀ) ସଙ୍ଗୀତ ପ୍ରଣାଳୀର ବୃଦ୍ଧି ଘଟିଛି, ଯାହା ପୁରାତନ ତଥା ଅଧିକ ପାରମ୍ପରିକ ଦକ୍ଷିଣ ଭାରତୀୟ (କର୍ନାଟିକ୍) ସଙ୍ଗୀତ ପ୍ରଣାଳୀଠାରୁ ଭିନ୍ନ । ହିନ୍ଦୁସ୍ଥାନୀ ସଙ୍ଗୀତ ରାଜ ଦରବାରରେ ଏବଂ ପ୍ରତିଷ୍ଠିତ ପରିବାରଗୁଡ଼ିକ(ଘାରାନା)ରେ ପୃଷ୍ଠପୋଷକତା ଲାଭ କରିଥିଲା । ବିଶେଷକରି ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ(ତୱିଫ) ଙ୍କ ଦ୍ୱାରା ଏହା ସମ୍ଭବ ହୋଇଥିଲା । ପରେ ମନ୍ଦିର ଏବଂ ଦେବଦାସୀ ପରିବାରଗୁଡ଼ିକରେ ଏହା ପୃଷ୍ଠପୋଷକତା ପାଇଥିଲା ।

ବ୍ରିଟିଶମାନଙ୍କ ସହିତ ଅର୍କେଷ୍ଟ୍ରା ଏବଂ ସାମରିକ ବ୍ୟାଣ୍ଡ୍ ଭାରତକୁ ଆସିଲା । ଭାରତୀୟ ସୈନ୍ୟବାହିନୀ ସର୍ବଦା ଡ୍ରମ୍ ଏବଂ ବଗଲ ସହିତ ଜଡ଼ିତ ରହିଆସିଥିଲେ ବି ଇଂରେଜମାନେ ବ୍ୟାଣ୍ଡ୍‌କୁ ଭାରତରେ ପ୍ରବେଶ କରାଇଥିଲେ । ଏହି ବ୍ୟାଣ୍ଡ୍ ଦକ୍ଷିଣ ଭାରତର ସଙ୍ଗୀତଜ୍ଞଙ୍କ ଉପରେ ଅଧିକ ପ୍ରଭାବ ପକାଇଥିଲା । କେବଳ ଅଷ୍ଟାଦଶ ଶତାବ୍ଦୀରେ ଏହା ଘଟିଥିଲା । କର୍ନାଟିକ ସଙ୍ଗୀତକୁ ସମୃଦ୍ଧ କରିଥିବା ତିନି ସଙ୍ଗୀତଜ୍ଞ ହେଲେ ତ୍ୟାଗରାଜ, ମୁଥୁସ୍ୱାମୀ ଦୀକ୍ଷିତାର ଏବଂ ଶ୍ୟାମ ଶାସ୍ତ୍ରୀ । ଦକ୍ଷିଣରେ ଦେବଦାସୀ ଏବଂ ଉତ୍ତରରେ ତୱିଫଙ୍କ ଦ୍ୱାରା ଭାରତର ସଙ୍ଗୀତ ପରମ୍ପରାର ମିଳନ ଘଟିଥିଲା । ବାଙ୍ଗାଲୋରର କର୍ନାଟକୀ ଗାୟିକା ତଥା ଦେବଦାସୀ ନାଗରଥନମ୍ମା ଏହାର ଉଦାହରଣ । ସେ ତ୍ୟାଗରାଜଙ୍କ ପାଇଁ ସମାଧି ନିର୍ମାଣ କରିଥିଲେ । ଉତ୍ତର ଭାରତରେ ଗୌହରଜାନଙ୍କ ପରି ଗାୟିକା ଓ ନର୍ତ୍ତକୀ, ଯିଏ କି ଭାରତରେ ୭୮ ଆର୍‌ପିଏମ୍ ରେକର୍ଡରେ ସଙ୍ଗୀତ ରେକର୍ଡ କରିଥିବା ପ୍ରଥମ କଳାକାରଙ୍କ ମଧ୍ୟରୁ ଜଣେ ଏବଂ ଗାୟିକା ତଥା ଅଭିନେତ୍ରୀ ବେଗମ୍ ଅଖତରଙ୍କର ମଧ୍ୟ ଅବଦାନ ରହିଛି ।

–devduttofficial@gmail.com

# ଉଚ୍ଚତା



ଧ୍ରୁବ ଚରଣ ଘିବେଲା

ବ୍ୟକ୍ତି ପ୍ରଶଂସା ତଥା ପ୍ରତିଷ୍ଠା ପାଇଁ ନିଜ ଉଚ୍ଚତା ନିର୍ମାଣ କାମରେ ଆଜିକାଲି ବିଶେଷଭାବେ ରହୁଥିବା ପରିଲକ୍ଷିତ ହୁଏ । ଗାଆଁ ଗହଳରେ ଯାହାର ଘର ସବୁଠୁ ଉଚ୍ଚ, ସେଇଟା ମୋ'/ଆମ ଘର କହି କିଛି ଲୋକ ଗର୍ବ ଅନୁଭବ କରିଥାନ୍ତି । କେଉଁଠି କେଉଁଠି ଉଚ୍ଚ ଘର ଯେମିତି ବ୍ୟକ୍ତିର ଉଚ୍ଚତା ତିଆରିରେ, ସେମିତି ଥିଲାବାଲା ଧନସମ୍ପତ୍ତି ଆଧାରରେ ନିଜ ଉଚ୍ଚତା ଜାହିର କରିଥାନ୍ତି । ନିଜ ପରିସରରେ ଗାଆଁରେ ତାଙ୍କର ବେଶ୍ ପତିଆରା ଥାଏ । ସମୟ ଥିଲା, ବାଇକ, ଚାରିଚକିଆ ଗାଡ଼ି ଷ୍ଟାଟସ ସିମ୍ବଲ ଥିଲା । ସେସବୁ ତିଆରୁ ଥିଲା ବ୍ୟକ୍ତିର ପତିଆରା, ବ୍ୟକ୍ତିତ୍ୱ, ଉଚ୍ଚତା ଅନେକ କିଛି । ସେମାନେ ଅନ୍ୟର ସୁବିଧା ଅସୁବିଧାରେ ଯଥା ସାହାଯ୍ୟ କରୁଥିଲେ । ତାଙ୍କୁ ସାଧାରଣ ଲୋକେ ମାନୁଥିଲେ । ଧୀରେ ଧୀରେ ଥିଲାବାଲାଙ୍କ ଥିଲାପଣିଆ ଗର୍ବଭାବ ବଢ଼ିଲା । ସାହାଯ୍ୟ ନାଆଁରେ ଅନ୍ୟକୁ ଶୋଷଣ କରିଚାଲିଲେ । ଥିଲାବାଲା ନିଜ ପରିବେଶରେ ଯେଉଁ ଉଚ୍ଚତା ତିଆରିଥିଲେ, ତାହା କ୍ଷୁଣ୍ଣ ହେବାକୁ ଲାଗିଲା ନାନା କାରଣରୁ ।

ବେପାର କ୍ଷେତ୍ରରେ ଥିବା କିଛି ଥିଲାବାଲା ଦେଖିଲେ ବେପାରରେ ତାଙ୍କ ପୂର୍ବ ପ୍ରତିଷ୍ଠା ଆଉ ଏତେ ରହୁନାହିଁ । ସେମାନଙ୍କ ଭିତରୁ କିଛି ଆଖି ବୁଲାଇଲେ ବେପାର ବ୍ୟତୀତ ଆଉ କେଉଁ କ୍ଷେତ୍ର ରହିଛି, ଯେଉଁଠୁ ସହଜରେ ମାନ ସମ୍ମାନ ପ୍ରତିଷ୍ଠା ପୁରସ୍କାର ଆଦି ଗୋଟାଇ ହେବ । କମ୍ ଖର୍ଚ୍ଚଣିରେ ଅଧିକ ଫାଇଦା ଗଣ୍ଠେଇ ହେବ । କିଛି ଚତୁର ବେପାରୀଙ୍କ ଆଖିନିବଦ୍ଧ ହେଲା ସାହିତ୍ୟର ସବୁଜ କ୍ଷେତ୍ର ଉପରେ । ବେଶ୍ ତା'ପରେ ଖଟାଇଲେ ଚତୁର ବେପାରୀ ତାଙ୍କ ଯେତେକ ଖଳ ବଳ ବୁଦ୍ଧି ସବୁ ସେଇଠି । ଅଜସ୍ର ଅର୍ଥ ଥିବାରୁ ସ୍ଥାନେ ସ୍ଥାନେ ତିଆରିକଲେ ସେମାନେ ସାହିତ୍ୟ ଅନୁଷ୍ଠାନ । ଗୋଡ଼ାଣିଆ କୃପଣ ଦଳ ହାତରୁ ଦି' ପଇସା ଖର୍ଚ୍ଚ କରନ୍ତି ନାହିଁ । କେଉଁଠି, ମାହାଳିଆ ସାହିତ୍ୟ କରିବେ, ନାଁ ଅର୍ଜିବେ, କିଛି ଖାଇବେ ପିଇବେ ସେଇ ଲକ୍ଷ୍ୟରେ ବେପାରୀଙ୍କ ସାହିତ୍ୟ ଅନୁଷ୍ଠାନରେ ଭିଡ଼ ଜମାନ୍ତି । ବେପାରୀ ତା'ପରେ ବେପାରୀରୁ ସାହିତ୍ୟିକ ବନିଯାଆନ୍ତି । ନାଁ ପାଇଁ କିଛି ସାହିତ୍ୟ ସଭା କରନ୍ତି । ପୁରସ୍କାର ବାଣ୍ଟନ୍ତି । ଟଙ୍କା ଦେଇ କେଉଁଠି ମଞ୍ଚ ଚଳାନ୍ତି । ଏମିତି ରୀତିମତ ଉଚ୍ଚତା ତିଆରିବା ତରିକା ଆପଣେଇ ନିଜ ଉଚ୍ଚତା ବୃଦ୍ଧି ଅଭିଯାନରେ ଆଂଶିକ ସଫଳ ହୁଅନ୍ତି । ହେଉଛନ୍ତି ମଧ୍ୟ ।

ସମୟ କ୍ରମେ ପୁଣି ଦେଖାଯାଏ,ଆପଣା ଉଚ୍ଚତା ପାଇବାକୁ ଯାଇ ଅନ୍ୟର ଅପନିନ୍ଦା କରିବା ଆରମ୍ଭ କରନ୍ତି ବେପାରୀ ସାହିତ୍ୟିକଙ୍କ ଭିତରୁ କେତେକ । ଯିଏ ଅନ୍ୟକୁ ସମାଲୋଚନା କରି ନିଜେ ପ୍ରତିଷ୍ଠିତ ହେବାକୁ ଚାହେଁ, ସେ ଜାଣି ପାରି ନ ଥାଏ ଅନ୍ୟକୁ ସମାଲୋଚନା କରିବା ଭିତରେ ନିଜକୁ କେତେ ନ୍ୟୂନ କରି ଦେଇଥାଏ । ଅନ୍ୟକୁ ଗାଳି କରି କେହି କେବେ ଉଚ୍ଚ ହୁଏ ନାହିଁ । ନିଜେ ପୁରସ୍କାର କିଣି ପ୍ରଶଂସିତ ହୁଅ କି କେଉଁଠି ମଞ୍ଚ ଚଢ଼ି ପୁରସ୍କାର ବାଣ୍ଟ, ତାହା ତୁମ ପାଇଁ ହେଉ ଭଲ କଥା । ହେଲେ ତୁମେ ପ୍ରଶଂସିତ ହେବ ବୋଲି ଅପରର ଅପନିନ୍ଦା କରିବା କେଉଁ ଜ୍ଞାନୀଗୁଣୀର କାମ । ଏହା ତ ଭଲ କାମ ପଦବାଚ୍ୟ ନୁହଁ, ଅପକର୍ମ ନିଶ୍ଚୟ । ଆପଣା ଉଚ୍ଚତା ତିଆରିବ ବୋଲି ଅନ୍ୟକୁ ଗାଳି କରିବ, ଏହା କି କଥା ? ସାହିତ୍ୟରେ ଅସହିଷ୍ଣୁତା ଠିକ୍ ନୁହେଁ । ଆପଣା ମନ୍ଦ ଉଦ୍ଦେଶ୍ୟ (ପୁରସ୍କାର କିଣିବା, ପୁରସ୍କାର କିଣି ନାଁ କମେଇବା ମାନସିକତା ରଖିବା) ଚରିତାର୍ଥ କରିବା ପାଇଁ ସାହିତ୍ୟର ସବୁଜିମାକୁ ନଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ । ଠିକ୍ ମାର୍ଗରେ ଯାଇ ଆପଣା ଉଚ୍ଚତା ପାଇବା ଭଲ କଥା । ତହିଁରେ କାହାର ଆପତ୍ତି ରହିବ ନାହିଁ । ସେମିତି କରାଗଲେ ତାହାକୁ ସଭିଏଁ ସ୍ୱାଗତ କରିବେ । ଏବେ ଏବେ ଏଇଠି କେତେକ ବଡ଼ ପୁରସ୍କାର ହାତେଇବା ପାଇଁ ସାନ ସାନ ପୁରସ୍କାର ସଂଗ୍ରହ କାମରେ ନିଜକୁ ବେଶ୍ ନିୟମିତ ନିୟୋଜିତ ରଖୁଥିବାର ମନେହୁଅନ୍ତି । ବଡ଼ ପଦ୍ମ ପୁରସ୍କାର ନ ହେଲେ ନାହିଁ, ସାନ ପଦ୍ମ ପୁରସ୍କାର ତୋଳିବା ପାଇଁ କେତେକଙ୍କଠି ନାହିଁ ନ ଥିବା ବୈକଲ୍ୟ ଭାବ ଜାଗରୁକ ହେଲାଣି ।

ତେବେ ଯାହା ପୁରସ୍କାର ପାଉଛ ପାଅ । କିନ୍ତୁ ଠିକ୍ ଧାରା ଧରି, ଠିକ୍ କର୍ମ କରି ଆପଣା ଉଚ୍ଚତା ବଢ଼ାଅ । ତାହା ନ କରି ଗଳାବାଟର ବାଟୋଇ ହୋଇ ପୁଣି ପ୍ରଶଂସା କାଙ୍ଗାଳ ସାଜି ଅନ୍ୟର ଅପନିନ୍ଦା କରିବା ବୁମେରାଂ ହେବ ।

**ବଉଦରାଜ, ଜି. ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ବନ୍ୟଜନ୍ତୁ ସୁରକ୍ଷାର କବଚ ପାଲଟିଛନ୍ତି ରାଜସ୍ଥାନର ଶ୍ରବଣ ପଟେଲ । ସେ ତାଙ୍କ ଗାଁ ନିକଟରେ ରହୁଥିବା ବିଲୁପ୍ତ ପ୍ରାୟ ହରିଣ, କୃଷ୍ଣସାର ମୃଗ, ବଗ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା କରୁଛନ୍ତି । ଯୋଧପୁର ନିକଟରେ ଥିବା ତାଙ୍କ ଗାଁ ଧୱାର ବିଶେଷତ୍ୱ ରହିଛି । ଏହି ଗାଁରେ ଥିବା ଛୋଟ ଜଙ୍ଗଲକୁ ଗାଁର ଲୋକେ ସୁରକ୍ଷା ଦେବା ସହ ପଶୁପକ୍ଷୀଙ୍କ ସହିତ ସହାବସ୍ଥାନ କରନ୍ତି । ଏହି ଧାରା ଅନେକ ଶତାବ୍ଦୀ ଧରି ଚାଲିଆସିଛି । କିନ୍ତୁ ଏବେ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି । ଏହାସହ ଗାଁ ନିକଟରେ ବହି ଯାଇଥିବା ଜୋଜ୍ରି ନଦୀର ପାଣି ବିଷାକ୍ତ ହୋଇଯାଇଛି । ଫଳରେ ଏହି ପାଣି ପିଇ ହରିଣ, କୃଷ୍ଣସାର ମୃଗ ଆଦି ବନ୍ୟଜନ୍ତୁ ରୋଗଗ୍ରସ୍ତ ହେଉଛନ୍ତି । ଏହା ବ୍ୟତୀତ ଚାଷଜମି ଚାରିପାଖରେ ତାର ବାଡ଼ ଲଗାଇବା ଦ୍ୱାରା ଏହି ସବୁ ପ୍ରାଣୀ ଅନେକ ସମୟରେ ଆହତ ହେଉଛନ୍ତି କିମ୍ବା ମୃତ୍ୟୁମୁଖରେ ପଡୁଛନ୍ତି । ତେବେ ସେମାନଙ୍କ ସୁରକ୍ଷା ପାଇଁ ଶ୍ରବଣ ଏକ ଟିମ୍ ଗଢ଼ିଛନ୍ତି । 'ୱାନ୍ ରୁପି ପର୍ ଡେ ଫର୍ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ' ନାମକ ଏକ ହ୍ୱାଟ୍ସ ଆପ୍ ଗ୍ରୁପ୍ ମଧ୍ୟ ଗଠନ କରି ସେଥିରେ ୧,୦୦୦ ଜଣଙ୍କୁ ସାମିଲ କରିପାରିଛନ୍ତି । ପ୍ରତ୍ୟେକ ସଭ୍ୟ ୩୬୫ ଦିନରେ ଦିନକୁ ୧ଟଙ୍କା ହିସାବରେ ଦେଉଛନ୍ତି, ଯାହା ପଶୁପକ୍ଷୀଙ୍କ ଚିକିତ୍ସାରେ ଖର୍ଚ୍ଚ ହେଉଛି । ଏହି ଟିମ୍ ଯେଉଁ ଜାଗା ନଷ୍ଟ ହୋଇଯାଇଛି ସେଠାରେ ବୃକ୍ଷ ରୋପଣ କରିବା ସହ ଚାରଣଭୂମି ସୃଷ୍ଟି କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ଜାନୁଆରୀ ୧୯୭୬

- ସୁନ୍ଦରଗଡ଼ରେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ପିତାମହଲ ବନ୍ଧ ଓ କାଂସବାହଲ ଡାକ୍ତରଖାନା ଉଦ୍‌ଘାଟିତ ।
- ଭାରତୀୟ ଭୂତଳ ସର୍ଭେ ସଂସ୍ଥା ପକ୍ଷରୁ ରାଜ୍ୟର ସର୍ଭିପଲ୍ଲୀ ଅଞ୍ଚଳରେ ଖଣିଜ ଧାତୁର ସନ୍ଧାନ ।
- ଦୁର୍ଘଟଣାଗ୍ରସ୍ତ ଚାସନଳା କୋଇଲା ଖଣିରୁ ୧୩ଟି ଶବ ଉଦ୍ଧାର କରାଯାଇଥିବା ବେଳେ ଖଣିର ଦ୍ୱିତୀୟ ସ୍ତରର ଉଦ୍ଧାର କାର୍ଯ୍ୟ ଚାଲୁ ରହିଛି ।

# ଆଇଏନ୍‌ଏର ପରାକ୍ରମୀ ସେନାଧ୍ୟକ୍ଷ



ଡ. ମନୋଜ କୁମାର ମହାନ୍ତି

ଯଦିଓ ପରିବର୍ତ୍ତନ ପ୍ରକୃତିର ନିୟମ ତଥାପି ମଣିଷ ତା' ଅତୀତକୁ ଛାଡ଼ି ରହିପାରିବ ନାହିଁ । କାରଣ ଇତିହାସ ବୃହତ୍ ଚିନ୍ତାଧାରା ଓ ବ୍ୟକ୍ତିତ୍ୱକୁ ପୁନରାବୃତ୍ତି କରି ମାନବ ସମାଜକୁ ବିକାଶ ପଥରେ ଅଗ୍ରଗତି ହେବା ପାଇଁ ପ୍ରେରଣା ଯୋଗାଇ ଥାଏ । ବିଶେଷ କରି ବ୍ୟକ୍ତିବିଶେଷଙ୍କ ଚିନ୍ତାଧାରା, କର୍ମ, ତ୍ୟାଗ ଓ ଜୀବନଦର୍ଶନ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚିତରୂପେ ପ୍ରେରଣାଦାୟୀ ସ୍ରୋତ ପାଲଟି ଯାଏ । ସେମାନଙ୍କ ଆଦର୍ଶ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମାଜର ଜନସାଧାରଣଙ୍କ ସ୍ମୃତିପଟରେ ସ୍ମରଣୀୟ ହୋଇ ରହିଯାଏ । କାଳଜୟୀ ପୁରୁଷ ଭାବେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯା'ନ୍ତି ଇତିହାସର ଅଧ୍ୟାୟରେ, ଏକ ସ୍ୱର୍ଣ୍ଣିମ ପୃଷ୍ଠାଭାବରେ । ଶୈଶବର ଧୂଳିଖେଳ ପରେ କୈଶୋର, ପୁଣି କୈଶୋର ଅତିକ୍ରମ କରି ଜୀବନ ପହଞ୍ଚେ ଯୌବନରେ । ଯୌବନ, ପ୍ରତ୍ୟେକ ଜୀବନର ସବୁଠୁ ମହତ୍ତ୍ୱପୂର୍ଣ୍ଣ ସମୟ, ଯୁବଶକ୍ତିର ଏକ ଚଳଚଞ୍ଚଳ ପ୍ରବହମାନ ସ୍ରୋତ । ନେତାଜୀ ସୁଭାଷ ବୋଷ ଏକଥା ମର୍ମେ ମର୍ମେ ଅନୁଭବ କରିଥିଲେ । ୪୮ ବର୍ଷର ସ୍ୱଳ୍ପ ଜୀବନଯାତ୍ରା ମଧ୍ୟରେ ବିଶ୍ୱ ଯୁବସମାଜକୁ ସେ ଯେଉଁ ମନ୍ତ୍ରରେ ବିମୁଗ୍ଧ କରିଥିଲେ ତାହା ଅବିଶ୍ୱସନୀୟ, ଅବର୍ଣ୍ଣନୀୟ । ରାଷ୍ଟ୍ରୀୟ ସୈନ୍ୟବାହିନୀର ପ୍ରତିଷ୍ଠା(ଆଜାଦ ହିନ୍ଦ୍ ଫୌଜ), ଆଜାଦ ହିନ୍ଦ୍ ସରକାର ସ୍ଥାପନ, ଆଜାଦ ହିନ୍ଦ୍ ରେଡିଓ ବାର୍ତ୍ତାର ପ୍ରଚାରକ, ଦିଲ୍ଲୀ ଚଲୋର ଡାକରା, ଭରତୀୟ ବନ୍ଦୀ କଏଦୀ ସଂଗଠନ, ଜୟହିନ୍ଦ୍ ସ୍ଲୋଗାନ ଓ ସାମ୍ୟବାଦ ନୀତିକୁ ଅଗ୍ରାଧିକାର ଦେବା ସହ ଭାରତୀୟଙ୍କୁ ଏକଜୁଟ କରି ଇଂରେଜ ସରକାରଙ୍କୁ ଭାରତରୁ ବହିଷ୍କାର କରିବାରେ ଯେଉଁ ଆନ୍ତରିକ ଉଦ୍ୟମ ଆରମ୍ଭ କରିଥିଲେ ତାହା ଯୁବ ସମାଜ ସଦାସର୍ବଦା ମନେରଖିବ ।

ଇଂରେଜ ଶାସନ କାଳରେ ଭାରତୀୟଙ୍କର ଦୁଃଖଭରା ଜୀବନ ତାଙ୍କୁ ବ୍ୟସ୍ତବିବ୍ରତ କରିଥିଲା । ଜଣେ ଯୁବକ ହୋଇଥିବାରୁ ଭାରତୀୟ ଯୁବଗୋଷ୍ଠୀ ମଧ୍ୟରେ ଥିବା ବିପୁଳ ସମ୍ଭାବନାକୁ ସାକାର କରି ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ କିପରି ସାମିଲ କରାଯାଇପାରିବ ଓ ଦେଶପ୍ରେମର ମହାମନ୍ତ୍ରରେ ଦୀକ୍ଷିତ କରାଯିବ ସେଥିପାଇଁ ସେ ଉପାୟ ଖୋଜିଲେ । ପରାଧୀନତା ହିଁ ସବୁ ଦୁଃଖ ଓ ମାନସିକ ଯନ୍ତ୍ରଣାର କାରଣ । ସେ ଅନୁଭବ କରିଥିଲେ ଯେ ସାମରିକ ଶକ୍ତି ହିଁ ଏକମାତ୍ର ଅସ୍ତ୍ର, ଯାହାକୁ ହତିୟାର କରି ଭାରତୀୟମାନେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିପାରିବେ । ଯେପର୍ଯ୍ୟନ୍ତ ଯୁବ ଗୋଷ୍ଠୀ ନିଜ ରକ୍ତ ନ ବୁହାଇଛି ସେପର୍ଯ୍ୟନ୍ତ ପରାଧୀନତାର ପଞ୍ଜୁରିରେ ଆବଦ୍ଧ ହୋଇ ଚିଁଚିଁଛାଟି ହେବା ଛଡ଼ା ଅନ୍ୟ ଗତି ନାହିଁ । ଯଦି ଜୀବନରେ ସଂଘର୍ଷ ନାହିଁ ସେ ଜୀବନ ଜିଇବାରେ ଆନନ୍ଦ ବା କାହିଁ । ୧୯୨୧ରେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦକୁ ପାଦରେ ଏଡ଼େଇ ସେ ଗାନ୍ଧୀଙ୍କ ଆଦର୍ଶ ତଥା ଭାରତୀୟ ମୁକ୍ତି ଆନ୍ଦୋଳନରେ ଅନୁପ୍ରାଣିତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀଙ୍କ ଚିନ୍ତାଧାରାକୁ ନେଇ ଭାରତର ସ୍ୱାଧୀନତାର ସ୍ୱପ୍ନ ଅସ୍ୱଷ୍ଟ ଦିଶୁଥିବାରୁ ସେ ନିଜ ରାସ୍ତାର ଗତିପଥକୁ ବଦଳାଇବାକୁ ବାଧ୍ୟ ହେଲେ । ଇଂରେଜମାନଙ୍କ ନିକଟରେ ନିଜ ଦେଶର ସ୍ୱାଧୀନତାକୁ ଭିକ୍ଷା କରିବାର ଅର୍ଥ ଭାରତୀୟ ସ୍ୱାଭିମାନର ଭିକ୍ଷା । ସ୍ୱାଧୀନତା କେହି କାହାକୁ ଦିଏନାହିଁ ବରଂ ତାକୁ ଜୋର କରି ଅଣାଯାଇଥାଏ । ଭାରତ ବର୍ଷକୁ ସ୍ୱାଧୀନତା ଦେବା ପାଇଁ ସେ ତାଙ୍କର ଚିନ୍ତାଧାରାକୁ କ୍ରାନ୍ତିକାରୀ ରୂପ ଦେଇଥିଲେ । ଜଣେ ଭାରତୀୟ ନାଗରିକ ଓ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଥିଲା ; କଣ୍ଟାକୁ କଣ୍ଟା ଦ୍ୱାରା କେବଳ ବାହାର କରାଯାଇପାରିବ । ଯେଉଁ ଯୁବକ ଦିନେ ଗାନ୍ଧିବାଦର ଅହିଂସା ମାର୍ଗକୁ ଆପଣାଇ ଇଂରେଜମାନଙ୍କ ବିରୋଧରେ ନିଜକୁ ଆନ୍ଦୋଳନରେ ସାମିଲ କରିଥିଲେ, ସେହି ଯୁବକ ହିଁ



ହିଂସାର ଆବଶ୍ୟକତାକୁ ଅନୁଭବ କରି ସ୍ୱାଧୀନତାକୁ କିପରି ହାତେଇବାକୁ ହେବ ତା'ର ସମସ୍ତ କୌଶଳ ଅବଲମ୍ବନ କରିବାରେ ପଛଘୁଞ୍ଚା ଦେଇ ନ ଥିଲେ । ଗାଲଚାପୁଡ଼ା ଓ ଲାଠି ପାହାର ଖାଇ କେହି ସ୍ୱାଧୀନ ହୋଇ ବଞ୍ଚିପାରେନି ବରଂ ଉପଯୁକ୍ତ ପ୍ରତିବାଦ ସହ ପ୍ରତିଆକ୍ରମଣ ହିଁ ସ୍ୱାଧୀନତା ଅନୁଭବର ଏକମାତ୍ର ମାଧ୍ୟମ । ଇଂରେଜଶାସନକୁ ଦେଶରୁ ବିନାଶ କରିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ ।

କ୍ରାନ୍ତିକାରୀ ରାସ ବିହାରୀ ବୋଷଙ୍କ ପ୍ରୟାସରେ ସୃଷ୍ଟି ହେଲା ଭାରତୀୟ ସ୍ୱାଧୀନତା ସଂଘ ଓ ବ୍ରିଟିଶ ସୈନ୍ୟବାହିନୀରେ ଭାରତୀୟ ପରିତ୍ୟକ୍ତ ସୈନିକମାନଙ୍କର ସହଯୋଗରେ କ୍ୟାପଟେନ ମୋହନ ସିଂ ଦ୍ୱାରା ୧୯୪୨ରେ ସ୍ଥାପନା ହୋଇଥିବା ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀର (ଆଇଏନ୍‌ଏ) ଦାୟିତ୍ୱ ତଥା ପରିଚାଳନା ପାଇଁ ନେତାଜୀଙ୍କୁ ଜର୍ମାନୀରୁ ନିମନ୍ତ୍ରଣ କରାଯାଇଥିଲା । ୨୧ ଅକ୍ଟୋବର ୧୯୪୩ରେ ସୁଭାଷ ବୋଷଙ୍କ ଦ୍ୱାରା ସିଙ୍ଗାପୁରରେ ଆଇଏନ୍‌ଏକୁ ପୁନର୍ଜୀବିତ କରି ତା'ର ନୂତନ ନାମ ଦେଲେ 'ଆଜାଦ ହିନ୍ଦ୍ ଫୌଜ' । ଯେଉଁଥିରେ ୬୦ ହଜାର ସୈନିକ ଯୋଗଦେଇଥିଲେ, ତାହାର ସେନାଧ୍ୟକ୍ଷ ହେଲେ ନେତାଜୀ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ବ୍ରିଟିଶକୁ ପୂର୍ବଏସିଆରେ ଦୁର୍ବଳ କରିବାକୁ ଜାପାନ ଚାହୁଁଥିଲା ; ଫଳରେ ଜର୍ମାନ, ଜାପାନ ଓ ଇଟାଲୀ ଆଜାଦ ହିନ୍ଦ୍ ଫୌଜକୁ ସ୍ୱୀକୃତି ପ୍ରଦାନ କରିଥିଲେ । ୧୯୩୯ରୁ ୧୯୪୫ ମଧ୍ୟରେ ଚାଲିଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆଜାଦ ହିନ୍ଦ୍ ଫୌଜର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅଗଷ୍ଟ ୩୧ ତାରିଖ ୧୯୪୨ରେ ଜର୍ମାନୀରେ ଜୟ ହିନ୍ଦ୍ ରେଡିଓ ପ୍ରସାରଣରେ ନେତାଜୀ ଭାରତୀୟମାନଙ୍କ ପାଇଁ ଯେଉଁ ବାର୍ତ୍ତା ପ୍ରେରଣ କଲେ ତାହାର ରୂପରେଖ ତୀବ୍ରତର ହୋଇଥିଲା । ନେତାଜୀଙ୍କ ବାର୍ତ୍ତା ସିଧାସଳଖ ବ୍ରିଟିଶ ସରକାରଙ୍କୁ ଥିଲା । ସରକାର ଦ୍ୱାରା ଆଦାୟ କରାଯାଉଥିବା 'କର'କୁ ତୁରନ୍ତ ବନ୍ଦ କରାଯାଉ । ଭାରତରେ ବ୍ରିଟିଶ ସରକାର ଦ୍ୱାରା ଉତ୍ପାଦନ ହେଉଥିବା ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର କାରଖାନାର ବିନାଶ ସହ ଉତ୍ପାଦନର ନିଷେଧ ହେଉ, ନଚେତ୍ ଭାରତକୁ ମଧ୍ୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ପାଇଁ ବ୍ରିଟିଶ ସରକାରର କୌଣସି ପ୍ରତିବନ୍ଧକ ନ ରହୁ । ଭାରତ ମଧ୍ୟ ତା'ର ନିଜସ୍ୱ ସରକାର ଗଠନ କରି ସମାଜର ସବୁ ବର୍ଗର ମଣିଷଙ୍କୁ ସମାନ ସୁବିଧା ପ୍ରଦାନ ଓ ସହଭାଗିତାରେ ସାମିଲ କରୁ । କେବଳ ଭାରତ ନୁହେଁ ବରଂ ଜର୍ମାନୀ, ଇଟାଲୀ ଓ ଜାପାନରେ ନେତାଜୀଙ୍କ ଚର୍ଚ୍ଚା ଖୁବ୍ ଜୋର ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନର ବିପକ୍ଷରେ ଥିବା ବ୍ରିଟିଶ ସୈନ୍ୟଶକ୍ତିର ପୂର୍ବ–ଏସିଆରେ ପତନ ପାଇଁ ଜାପାନ ଭାରତୀୟ ରାଷ୍ଟ୍ରୀୟ ସୈନ୍ୟବାହିନୀକୁ ସାହାଯ୍ୟ ଓ ସହଯୋଗ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁ ନ ଥିଲା । ନେତାଜୀଙ୍କ ରେଡିଓ ବାର୍ତ୍ତା ଭାରତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ସୃଷ୍ଟି କଲା, ଯେଉଁଥିରେ ସର୍ବସାଧାରଣ ଭାରତରେ ବ୍ରିଟିଶ ସରକାର ବିରୋଧରେ ବିପ୍ଳବର ନିଆଁ ଜାଳିବା ଆରମ୍ଭ କରିଦେଇଥିଲେ । ସରକାର ଦ୍ୱାରା ଉତ୍ପାଦିତ ହେଉଥିବା ଅସ୍ତ୍ରଶସ୍ତ୍ର ଓ କାରଖାନା, ସରକାରୀ କାର୍ଯ୍ୟାଳୟ, ସରକାରୀ ଦପ୍ତର, ଗୁପ୍ତ ଖବର ତଥ୍ୟ କାର୍ଯ୍ୟାଳୟ, ରେଡିଓ କେନ୍ଦ୍ର, ରେଳଷ୍ଟେଶନ ଓ ପୋଲିସ କାର୍ଯ୍ୟାଳୟ ଆଦିର ପୋଡ଼ାଜଳା ଭଳି ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

ସୁଭାଷ ବୋଷଙ୍କ ବ୍ୟକ୍ତିତ୍ୱର ପ୍ରଭାବ କେବଳ ଭାରତରେ ସୀମିତ ନ ହୋଇ ସିଙ୍ଗାପୁର, ବର୍ମା, ଜର୍ମାନୀ, ଜାପାନ, ଇଟାଲୀ ତଥା ଇଂଲଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ଥିଲା । ଜଣେ ସଫଳ ବ୍ୟକ୍ତି ଭାବରେ, ଯୁବ ନାୟକ ଭାବରେ, ସେନାଧ୍ୟକ୍ଷ ଭାବରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ନିଜର ମହତ୍ ଉଦ୍ଦେଶ୍ୟକୁ ସାକାର କରିବାକୁ ସେ ଯେଉଁ ତ୍ୟାଗ କରିଥିଲେ, ତାହା ପ୍ରତ୍ୟେକ ଭାରତୀୟ ପାଇଁ ନିଶ୍ଚୟ ଶିକ୍ଷଣୀୟ । ନିଜ ଦେଶ ପାଇଁ, ମାଟି ପାଇଁ ନେଇଥିବା ବୃହତ୍ ନିଷ୍ପତ୍ତି ନିକଟରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୁବପିଢ଼ି ନିଶ୍ଚିତ ଭାବେ କୃତଜ୍ଞତା ଜ୍ଞାପନ କରିବ । ସବୁ ଘାତପ୍ରତିଘାତ ସତ୍ତ୍ୱେ ଦେଶକୁ ସ୍ୱାଧୀନତାପ୍ରାପ୍ତିର ଶିଖରରେ ପହଞ୍ଚାଇବାର ଶତ ପ୍ରଚେଷ୍ଟାକୁ ଭାରତବାସୀ ସର୍ବୋପରି ଓଡ଼ିଶାର ଜନସାଧାରଣ ନିଶ୍ଚୟ ହୃଦୟଙ୍ଗମ କରିବେ । ବୟସର ଅପରାହ୍ନ ଯାହାକୁ ସ୍ପର୍ଶ କରିବାର ବହୁ ଆଗରୁ ଯିଏ ମୃତ୍ୟୁଞ୍ଜୟ ହୋଇ ଇତିହାସ ନିଜେ ରଚନା କରିଗଲେ ସେହିଭଳି ନେତୃତ୍ୱଙ୍କୁ ପ୍ରଣାମ ।

**ଅଧ୍ୟାପକ, ଦର୍ଶନ ବିଭାଗ, ଭଦ୍ରକ**
**ମୋ: ୮୮୯୫୩୪୧୦୩୩**

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | 4 | | 1 | 9 |
| | | 4 | | | | | | |
| 8 | | | | | 3 | | | |
| | 2 | 7 | | 3 | | | | 4 |
| | | 3 | | | | | 9 | 1 |
| | 5 | | | 7 | 9 | | | |
| | | 1 | | | | | | 6 |
| 3 | | | | | | | | |
| | | 2 | 7 | 5 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 1 | 9 | 2 | 8 | 7 | 6 |
| 8 | 2 | 7 | 3 | 6 | 5 | 4 | 9 | 1 |
| 6 | 1 | 9 | 8 | 4 | 7 | 5 | 3 | 2 |
| 7 | 6 | 3 | 9 | 5 | 1 | 2 | 4 | 8 |
| 5 | 9 | 4 | 2 | 8 | 3 | 1 | 6 | 7 |
| 1 | 8 | 2 | 4 | 7 | 6 | 9 | 5 | 3 |
| 9 | 5 | 1 | 6 | 3 | 8 | 7 | 2 | 4 |
| 3 | 7 | 8 | 5 | 2 | 4 | 6 | 1 | 9 |
| 2 | 4 | 6 | 7 | 1 | 9 | 3 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୋକାନୀଙ୍କୁ ଥଇଥାନ କରାଯାଉ

ମହାଶୟ,

କଟକ ରେଳ ଷ୍ଟେସନର ସମ୍ପ୍ରସାରଣ କରାଯାଉଥିବାରୁ ଅନେକ ଦୋକାନୀଙ୍କୁ ଉଚ୍ଛେଦ କରିବାକୁ ରେଳବାଇ ବିଭାଗ ପ୍ରୟାସ କରୁଛି । ପ୍ରଥମେ ସମସ୍ତଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଯାଉ । ଏହା ପରେ ସେମାନଙ୍କୁ ଉଚ୍ଛେଦ କରାଯିବା ଦରକାର । କାରଣ ସେମାନେ ଦୋକାନ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କୁ ଖୋଲା ସରକାରୀ ଜାଗା ଦିଆଯାଉ । ଅଥବା ଭେଣ୍ଡିଂ ଜୋନ୍ ମାଧ୍ୟମରେ ଦୋକାନ ଗୃହ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହେବ । ଦୋକାନୀମାନଙ୍କୁ ଅଧିକ ସମୟ ନ ଦେଇ ହଠାତ୍ ଉଚ୍ଛେଦ ପ୍ରକ୍ରିୟା କରା ନ ଯାଉ । ରେଳବାଇ କର୍ତ୍ତୃପକ୍ଷ ପୁନର୍ବିଚାର କରିବାକୁ ପ୍ରୟାସ କରନ୍ତୁ । ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଅଧିକ ଗୁରୁତ୍ୱ ଦିଅନ୍ତୁ, ଯେପରି ଦୋକାନୀଙ୍କର କୌଣସି କ୍ଷତି ହେବନାହିଁ ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

## ଚିରନ୍ତନୀ

ଦୂରଦେଶୁ ପରବାସୀ ଆସେ ଫେରି ହରଷେ
ଲେଉଟଇ ପିକ ପୁଣି ଆବାସେ
ପ୍ରିୟ ମୋର ଡାକେ ନାହିଁ ଶୂନ୍ୟ ଏ ଦୁଆରେ
ମୃଦୁ ହାସେ ଉଭା ହୋଇ ଆବାସେ ।
କେଉଁ ଦେଶେ ଲୁଚି ରହେ ସନ୍ଧାନ ନାହିଁ ଯେ
ଦିନ ଯାଏ ଅନ୍ତର ପରାସେ ।
–(ଜୀବନ–ଦୋଳି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶିମିଳିପାଳରେ ବଢ଼ୁଛି ବନ୍ୟପ୍ରାଣୀ ଶିକାର

# ବାଘ ପରେ ହାତୀ

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ଓ ଦନ୍ତାହାତୀଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଛି। ନିୟମିତ ବ୍ୟବଧାନରେ ମହାବଳ ବାଘଛାଲ ଓ ହାତୀଦାନ୍ତ ଜବତ ହେବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ଆନ୍ତଃରାଜ୍ୟ ବ୍ୟବସାୟୀମାନେ ସକ୍ରିୟ ହୋଇ ବନ୍ୟଜନ୍ତୁ ଅଂଶାବଶେଷକୁ ନେଇ ବ୍ୟବସାୟ କରିବାରେ ଲାଗିପଡ଼ିଛନ୍ତି। ବେଆଇନ ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସାମଗ୍ରୀ ଜବତଠାରୁ ଆରମ୍ଭ କରି ଅନେକ ଶିକାର ସରଞ୍ଜାମକୁ ବନ ବିଭାଗ ଜବତ କରିବା ନଜିର ରହିଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଶିମିଳିପାଳରେ ବନ୍ୟଜନ୍ତୁଙ୍କ ଶିକାର ରୋକିବା କିମ୍ବା ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବାରେ 'କ୍ଲିନ ଶିମିଳିପାଳ' ମିଶନ ଫେଲ୍ ହେବାରେ ଲାଗିଛି। ଫଳରେ ମହାବଳ ବାଘ ବଂଶର ବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହେବାର ସନ୍ଦେହ ଉପୁଜିଥିବା ବେଳେ ହାତୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବାଘ ପରେ ହାତୀଙ୍କ ଜୀବନ ସଙ୍କଟରେ ପଡ଼ିଥିବାରୁ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ଶିମିଳିପାଳ ଅଭୟାରଣ୍ୟରୁ ଶିକାର ହୋଇଥିବା ଏକ କଳା ମହାବଳ ବାଘଛାଲ ଓ ନଖକୁ ବନ ବିଭାଗ ଜବତ କରିବାର ୭ ଦିନ ପରେ ଦୁଇଟି ହାତୀଦାନ୍ତ ଜବତ ହୋଇଛି। ଏହି ଦାନ୍ତ ଚାଲାଣରେ ଆନ୍ତଃରାଜ୍ୟ ବ୍ୟବସାୟୀଙ୍କ ସହ ଜିଲାର ବ୍ୟବସାୟୀମାନେ ସାମିଲ ରହିଛନ୍ତି। ଶିମିଳିପାଳ ସୀମାରେ ରହୁଥିବା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ବନ୍ୟଜନ୍ତୁଙ୍କ ଚଳପ୍ରଚଳ ଲାଗିରହିଥାଏ। ବର୍ଷତମାମ ହାତୀପଲ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟରୁ ଆସି ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର, ମୋରଡ଼ା, ବେତନଟୀ ରେଞ୍ଜ ପାର୍ ହୋଇ ବାଲେଶ୍ୱର ଜିଲା ନୀଳଗିରିର କୁଳଡିହା ଅଭୟାରଣ୍ୟ ପର୍ଯ୍ୟନ୍ତ ଯା'ଆସ କରିଥାନ୍ତି। ଏହି ସମୟରେ ହାତୀପଲ ବିଲବାଡ଼ିରେ ପଶି ବ୍ୟାପକ କ୍ଷତି ଘଟାଉଥିବାରୁ ଲୋକେ ବିଦ୍ୟୁତ୍ ଆଘାତ ଦେଇ ମାରିଥିବା ନଜିର ରହିଛି। ତେବେ ହାତୀର ସୁରକ୍ଷାକୁ ନେଇ ତିନିରାଜ୍ୟ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ମଧ୍ୟରେ କୌଣସି ସମନ୍ୱୟ ରହୁ ନ ଥିବାରୁ ଦିନକୁ ଦିନ ହାତୀ ସଂଖ୍ୟା କମିବାରେ ଲାଗିଛି। ଚଳିତ ବର୍ଷ ହାତୀ ଗଣନା ଅନୁଯାୟୀ, ବାରିପଦା ସର୍କଲରେ ମୋଟ ୩୮୪ଟି ହାତୀ ଥିବା ନେଇ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ସେଥିମଧ୍ୟରୁ ବାରିପଦା ବନଖଣ୍ଡରେ ସର୍ବାଧିକ ୧୧୨ଟି, କରଞ୍ଜିଆ ବନଖଣ୍ଡରେ ୨୩ଟି, ରାଇରଙ୍ଗପୁର ବନଖଣ୍ଡରେ ୮ଟି, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନରେ ୪୯ଟି ଓ ଦକ୍ଷିଣ ଡିଭିଜନରେ ୧୦୩ଟି ହାତୀ ରହିଛନ୍ତି। ସେହିପରି ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡରେ ୫୪ଟି ହାତୀ ରହିଥିବା ବେଳେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡରେ ୩୫ଟି ହାତୀ ରହିଛନ୍ତି। ଏଥିମଧ୍ୟରେ ୯୨ଟି ଦନ୍ତାହାତୀ ରହିଥିବା ବେଳେ ୮୯ଟି ଶାବକ ରହିଛନ୍ତି। ତେବେ ପୂର୍ବ ରିପୋର୍ଟ ତୁଳନାରେ ବାରିପଦା ସର୍କଲରେ ଥିବା ୭ଟି ବନଖଣ୍ଡରେ ୪୯ଟି ହାତୀ କମିଥିବା ଜଣାପଡିଛି। ହାତୀ ସଂଖ୍ୟା କମୁଥିବା ବେଳେ ବନ ବିଭାଗ ତତ୍ପରତା ପ୍ରକାଶ କରୁନାହିଁ। ବିଦ୍ୟୁତ୍ ସଂସ୍ପର୍ଶରେ ହାତୀ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରେଲୱେ ଓ ବନ ବିଭାଗର ଅବହେଳା ପାଇଁ ଅଦ୍ୟାବଧି କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଓଡ଼ିଶା ବନ ଉନ୍ନୟନ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କେବଳ ତଳିଆ କର୍ମଚାରୀଙ୍କ ଉପରେ ଦୋଷ ଲଦି ଦେଇ ଅଧିକାରୀମାନେ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏହା ଦ୍ୱାରା ହାତୀ ସୁରକ୍ଷାରେ ନିୟୋଜିତ ନିର୍ଦ୍ଦୋଷ କର୍ମଚାରୀମାନେ ବଳି ପଡୁଥିବାରୁ ହାତୀ ସୁରକ୍ଷାରେ ବାଧା ଉପୁଜିବାରେ ଲାଗିଛି।

# 'ଛାତ୍ର ଜୀବନ ଶୃଙ୍ଖଳିତ ହେବା ଉଚିତ'

## କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଗୋପବନ୍ଧୁନଗର,୨୨।୧(ଶାନ୍ତନୁ କୁମାର ମଣ୍ଡୁଆଳ)



ଅତିଥିମାନେ କୃତୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ ପଣ୍ଡା ଯୋଗଦେଇ ଗୁରୁଙ୍କ ନିକଟରେ ସେହିଭଳି ଜ୍ଞାନ, ଗାରିମା, ଶୃଙ୍ଖଳା, ମନୋଭାବ ରହିବା ଦରକାର ଯାହାକୁ ଅନ୍ୟମାନେ ସମ୍ମାନ ଦେବାକୁ ବାଧ୍ୟ ହେବେ ବୋଲି କହିଥିଲେ। ସେହିପରି ଛାତ୍ରୀଛାତ୍ରମାନଙ୍କୁ ଭଲ ମଣିଷ ହୋଇ ମାତାପିତା ତଥା ଦେଶର ନାମ ରଖିବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼. ପ୍ରଦୀପ କୁମାର ମିଶ୍ର ଜଗନ୍ନାଥ ସଂସ୍କୃତି ଉପରେ ବିଷଦ ଆଲୋଚନା କରି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାର୍ଥୀ ନୁହେଁ ବିଦ୍ୟାର୍ଥୀ ହୁଅ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଉଦଳା ବିଜ୍ଞାପିତ ପରିଷଦ ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ବୋଲି ସମ୍ବୋଧନ କରିଥିଲେ ଏବଂ ଛାତ୍ର ଜୀବନ ଶୃଙ୍ଖଳିତ ନ ହେଲେ ଭବିଷ୍ୟତ ନିଃସନ୍ଦେହରେ ଅନ୍ଧକାର ହେବ କେନ୍ଦ୍ରମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଚାମ୍ପିୟନ ହୋଇଥିବା ଚନ୍ଦନ ହାଁସଦା, ସେବତୀ ସିଂ, ସତ୍ୟବ୍ରତ ବେହେରା, ଜ୍ୟୋତ୍ସ୍ନାରାଣୀ ମଙ୍ଗଲଙ୍କୁ ଅତିଥିମାନଙ୍କ ଦ୍ୱାରା ଉଚ୍ଚ ପ୍ରସଂଶା କରାଯାଇଥିଲା। ଡେମୋନଷ୍ଟ୍ରେଟର ସୁଧାକର ଶତପଥୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶିମିଳିପାଳରୁ ୩ ଶିକାରୀ ଗିରଫ: ୨ ବନ୍ଧୁକ ଜବତ

ବାରିପଦା,୨୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଗିରଫ ଶିକାରୀ ଓ ଜବତ ବନ୍ଧୁକ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ଏଆଇ କ୍ୟାମେରା ମାଧ୍ୟମରେ ଶିକାରୀଙ୍କୁ ଧରିବାରେ ବନ ବିଭାଗକୁ ସଫଳତା ମିଳିଛି। ଖଞ୍ଜାଯାଇଥିବା କ୍ୟାମେରା ଜରିଆରେ ବନ ବିଭାଗ ୩ ଶିକାରୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉଦଳା ଥାନା ଅଧୀନ ବଡ଼ଖମଣ ଗ୍ରାମ ଅନନ୍ତପୁର ଅଞ୍ଚଳର ବୁଧିରାମ ହାଁସଦା, କୁଣ୍ଡାବିଲ ଅଞ୍ଚଳର ମୁନିରାମ ହେମ୍ବ୍ରମ ଓ ମାଧବ ସିଂ। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ ଓ ଶିକାର ସାମଗ୍ରୀକୁ ବନ ବିଭାଗ ଜବତ କରିଛି। ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ସେମାନଙ୍କ ବିରୋଧରେ ଅନ୍ୟ ଏକ ମାମଲା ଆର୍ମ୍ସ ଆକ୍ଟରେ ରୁଜୁ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଦକ୍ଷିଣ ପଶ୍ଚିମ ଅଞ୍ଚଳ କୋର୍ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଶିକାରୀମାନେ ପ୍ରବେଶ କରିଥିଲେ। ପାଟ୍ରୋଲିଂ କରୁଥିବା ବିଭାଗୀୟ କର୍ମଚାରୀ ଓ ଶିମିଳିପାଳ ସ୍ୱତନ୍ତ୍ର ପ୍ରବର୍ତ୍ତନ ଦଳ ଶିକାରୀଙ୍କୁ ଅଟକାଇବା ସହ ସେମାନଙ୍କୁ ଗିରଫ କରିଥିଲେ।

# 'ମନମାନି କଲେ ମିଲର ପରିବର୍ତ୍ତନ କର'

## କଟ୍‌ନି ଛଟ୍‌ନି ନେଇ ପବ୍ଲିକ ଅଣ୍ଡରଟେକିଂ କମିଟି ଖପ୍ପା

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପଟ)




ସମୀକ୍ଷା ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

ଓଡ଼ିଶା ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟି ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାରିପଦାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନ ୪ଟାରେ ଜିଲା ପ୍ରଶାସନର ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ କମିଟି ସଦସ୍ୟମାନେ ସମୀକ୍ଷା କରିଥିଲେ। ଜିଲାରେ ଧାନ କିଣାକୁ ନେଇ କମିଟି ଅସନ୍ତୋଷ ଜାହିର କରିଥିଲା। ଅଦ୍ୟାବଧି ୧୮ ହଜାର ୨୯ ଚାଷୀଙ୍କଠାରୁ ମୋଟ ୭ ଲକ୍ଷ ୨୦୫ କୁଇଣ୍ଟାଲ ୨୧କିଗ୍ରା ଧାନ ସଂଗ୍ରହ କରାଯାଇଥିବା ରିପୋର୍ଟରେ ଅଧିକାରୀମାନେ ପ୍ରକାଶ କରିଥିଲେ। ତେବେ ଧାନ କିଣା ପାଇଁ ମଣ୍ଡିଗୁଡ଼ିକରେ ଠିକ ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଉଚ୍ଚ ପଦସ୍ଥ ଅଧିକାରୀମାନେ ଗସ୍ତ କରୁ ନ ଥିବାରୁ ମିଲରମାନେ ମନମୁଖି ଭାବେ ୮ରୁ ୧୦କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ କରୁଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚାଷୀଙ୍କ ଧାନ ସର୍ବାଧିକ ୫ ପ୍ରତିଶତ ପର୍ଯ୍ୟନ୍ତ କାଟିବାକୁ କମିଟି କଡ଼ା ନିର୍ଦ୍ଦେଶ ଦେଇଛି। ଏଥିରେ ମିଲରମାନେ ସହମତି ପ୍ରକାଶ ନ କଲେ ଆବଶ୍ୟକ ସ୍ଥଳେ ମିଲର ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଅତିରିକ୍ତ ଜିଲାପାଳମାନେ ମଧ୍ୟ ମଣ୍ଡି ପରିଦର୍ଶନ କରି ଚାଷୀଙ୍କୁ ଉଚିତ ମୂଲ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବାଲି ଉତ୍ତୋଳନରେ ମାଫିଆ ରାଜ୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ କମିଟି ନିର୍ଦ୍ଦେଶ ଦେଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧ୍ୟକ୍ଷତାରେ କମିଟିର ଅନ୍ୟତମ ସଦସ୍ୟ ତଥା ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଗସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବୈଠକରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

DSPL - 342
ODISHA
NEW OPPORTUNITIES
UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025



Shri Narendra Modi
Prime Minister



Shri Mohan Charan Majhi
Chief Minister, Odisha

SECTORAL SESSION
Theme: Sustainable growth of Renewable Energy & Equipment Manufacturing
ଅକ୍ଷୟଶକ୍ତି ଏବଂ ବୈଦ୍ୟୁତିକ ଉପକରଣ ଉତ୍ପାଦନର ସାମଗ୍ରିକ ଅଭିବୃଦ୍ଧି
28th January 2025 (15:30 - 16:30 Hrs)
Hall-3, Janata Maidan, Bhubaneswar - 13
NB: Entry through registration only
OIPR-04001/13/0006/2425
Scan to Register
INVEST IN ODISHA, INVEST IN FUTURE
Or visit us at https://mio.investodisha.gov.in/
Investment Intention Form
Schedule a Meeting
Follow us on @InvestInOdisha /InvestOdisha

# ଚୌମୁଖ ବେଳାଭୂମିରେ ଅଣ୍ଡା ଦେଲେ ଅଲିଭରିଡ୍‌ଲେ

**ବାଲିଆପାଳ, ୨୨।୧(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ବନବିଭାଗ ଅଧୀନ ଚୌମୁଖ ସମୁଦ୍ର ବେଳଭୂମି ଅଲିଭରିଡଲେ କଇଁଛଙ୍କ ଅଣ୍ଡାଦାନସ୍ଥଳୀ ପାଲଟିଛି। ଚଳିତବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଅଲିଭରିଡ୍‌ଲେ ବେଳାଭୂମିକୁ ଅଣ୍ଡାଦାନ କରିବାକୁ ଆସିବା ଆରମ୍ଭ କରିଛନ୍ତି। ସମୁଦ୍ରପଥରେ ଯୋଜନା ଯୋଜନା କୋଶ ଦୂର ଅତିକ୍ରମ କରି ଚାନ୍ଦିପୁର ଫରେଷ୍ଟ ରେଞ୍ଜ ଅଧୀନ ଲଙ୍ଗଳେଶ୍ୱର ବନବିଭାଗ ଅଞ୍ଚଳ ଚଉମୁଖ ବେଳାଭୂମିରେ ଅଲିଭ୍‌ରିଡ୍‌ଲେ କଇଁଛ ମଙ୍ଗଳବାର ଅପରାହ୍ନରେ ଏକ ଗାତରେ ୧୨ଟି ଅଣ୍ଡାଦାନ କରି ସମୁଦ୍ରକୁ ଫେରିଯାଇଥିବା ନେଇ ଚାନ୍ଦିପୁର ରେଞ୍ଜ୍ ଏସସିଏଫ୍ ଜୟଶ୍ରୀ ମୁର୍ମୁ ସୂଚନା ଦେଇଛନ୍ତି। ଚଳିତବର୍ଷ ଅଲିଭରିଡ଼ଲେ କଇଁଛଙ୍କ ପ୍ରଥମ ଅଣ୍ଡାଦାନ ଅଟେ। ଉକ୍ତ ଅଣ୍ଡାଗୁଡ଼ିକ ଚାନ୍ଦିପୁର ରେଞ୍ଜ ଏସ୍‌ସିଏଫ୍ ଜୟଶ୍ରୀ ମୁର୍ମୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଉମୁଖଠାରେ ଏକ ଅସ୍ଥାୟୀ ହେଚେରୀ କ୍ୟାମ୍ପ୍ ପ୍ରସ୍ତୁତ କରାଯାଇ ସୁରକ୍ଷିତ ଭାବରେ ରଖାଯାଇଛି।

# 'ଶିଳ୍ପର ଅଭିବୃଦ୍ଧି ଦ୍ୱାରା ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବ'

**ବାଲେଶ୍ୱର, ୨୨।୧(ବାଞ୍ଛାନିଧି ଦେ)**


ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

## 'ଜାତୀୟସ୍ତରୀୟ ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟମେଳା ଏକ୍ସପୋ ଉଦ୍‌ଘାଟିତ'

ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲା ପ୍ରଶାସନ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ବାଲେଶ୍ୱର ଆଇଟିଆଇ ପଡିଆରେ ଜାତୀୟସ୍ତରୀୟ ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା 'ଏକ୍ସପୋ ଓଡ଼ିଶା-୨୦୨୫' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏହାକୁ ଉଦ୍‌ଘାଟନ କରି ଦୀର୍ଘ ୨୦ବର୍ଷ ଧରି ଚାଲିଆସିଥିବା ଏହି ଏକ୍ସପୋ ଜିଲା ପାଇଁ ଗୌରବ ଆଣିଛି। ବାଲେଶ୍ୱରରେ ଶିଳ୍ପାୟନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ନିମନ୍ତେ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ଏକ୍ସପୋ ନୂତନ ଉଦ୍ୟୋଗୀ ସୃଷ୍ଟି କରିବାରେ ସହାୟକ ହେବ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନନୀୟ ଅତିଥି ଜିଲା ଶିଳ୍ପ କେନ୍ଦ୍ର ଜେନେରାଲ ମ୍ୟାନେଜର ପ୍ରଣବ କୁମାର ନାୟକ, ଉତ୍ତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି)ର ସମ୍ପାଦକ ହରିଶ ପଟେଲ, ଜିଲା କ୍ଷୁଦ୍ର ଶିଳ୍ପ ସଂଘ ସଭାପତି ବିବେକ ବାଜପେୟୀ ପ୍ରମୁଖ ଯୋଗଦେଇ ଶିଳ୍ପାୟନ ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶ୍ରେଣୀ ଶିଳ୍ପର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ (ବିସିଆଇସି)ର ସଭାପତି ତଥା ଶିଳ୍ପପତି ସଞ୍ଜୟ ଦାସ ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରଦର୍ଶନ ପାଇଁ ବାଲେଶ୍ୱରର ପଦ୍ମାଳୟା ଏଣ୍ଟରପ୍ରାଇଜେସ୍‌ର ବିଜୟ ଗୋବିନ୍ଦ ବଳିଆରସିଂହ ଓ ୟୁନାଇଟେଡ୍ କନସଲ୍‌ଟାନ୍ସିର ସୌରଭ ବେହେରା, ଦୁର୍ଗା ଟ୍ରେଡର୍ସର ଉତ୍ପଳ କର, ମଡର୍ନ ଫେବ୍ରିକେଟରର ଦେବରାଜ ପାଢ଼ୀ, ଦେବଦତ୍ତ ପାଢୀ ଏବଂ ମନୋହରଲାଲ ପାଲା ଜୁଏଲେରୀର କମଳେଶ ପାଲା ଓ ରାକେଶ ପାଲା, ଓଡିନେଟ ଜି ଫାଇବରର ଦେବଜ୍ୟୋତି ଦାସ ମହାପାତ୍ର, ଟାଟା ଷ୍ଟିଲର ସାଇସ୍ୱରୂପ ପିଲା, ଏଚଆଇଏଲର ପୀତବାସ ବେହେରା, ଉତ୍ତମ ଶିଳ୍ପ ପରିଚାଳନା ପାଇଁ ଗଦ୍ରେ ମେରାଇନ ଏବଂ ଉତ୍ତମ ମାନବ ସମ୍ବଳ ପରିଚାଳନା ପାଇଁ ଇମାମୀ ପେପର ମିଲସ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସାଧାରଣ ସମ୍ପାଦକ ସୁନୀଲ କୁମାର ମୋଦି ଧନ୍ୟବାଦ ଦେଇଥିଲେ। ଏହି ଏକ୍ସପୋରେ ବିଭିନ୍ନ ବିଭାଗର ୩ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବା ସହିତ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାର ବହୁ ଶିଳ୍ପାନୁଷ୍ଠାନ ସାମିଲ ହୋଇଛନ୍ତି।

# ରାଶନ ଚାଉଳ ଆଣିବା ଅଧାରେ ରହିଗଲା

## ହାଇୱା ଧକ୍କାରେ ପ୍ରାଣ ହାରିଲେ କରୁଣାକର

**ଖଇରା, ୨୨।୧(ଉତ୍କଳବନ୍ଧୁ ପଣ୍ଡା)/ସିମୁଳିଆ(ସନ୍ତୋଷ ନାୟକ):** ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ସାଲୋ ଗ୍ରାମର କରୁଣାକର ଦାଶ(୬୨)ଙ୍କ ଉପରେ ପିଚୁ ବୋଝେଇ ଟ୍ରକ ମାଡିଯିବାରୁ ସେ ମୃତ୍ୟୁବରଣ କରିଛନ୍ତି। ସିମୁଳିଆ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। କରୁଣାକର ରାଶନ ପାଇଁ ଅଡା-ବୁଡୁଙ୍ଗା ପୂର୍ତ୍ତ ବିଭାଗ ରାସ୍ତାରେ ବେଗୁନିଆ ଡିଲର ପଏଣ୍ଟକୁ ଯାଉଥିବା ବେଳେ ବୁଧବାର ଅପରାହ୍ନରେ ପିଚୁ ବୋଝେଇ ହାଇୱା ତାଙ୍କ ବାଇକ ଉପରେ ମାଡି ଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଫେରାର ହୋଇଯାଇଥିଲେ।

# ରତାଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କାଳିପଦା, ୨୨।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତସ୍ଥିତ ବଡ଼କୈଁଦ୍ଧାର ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ବୁଧବାର ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଠ ସହିତ ଅନ୍ୟ ଅନ୍ତର୍ନିହିତ ଗୁଣଗୁଡ଼ିକ ବିକଶିତ ହେବାର ଆବଶ୍ୟକତା ରହିଛି। ଉଜ୍ଜଳ ଭବିଷ୍ୟତ ଗଠନରେ ଶିକ୍ଷା, ଶୃଙ୍ଖଳା ଏବଂ କଠିନ ପରିଶ୍ରମର ଗୁରୁତ୍ୱ ଦେଲେ ଭଲ ମଣିଷଟିଏ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ସୁଧାଂଶୁ ଶେଖର ପଣ୍ଡା, ପରେଶ କୁମାର ବିଶ୍ୱାଳ, ସୁପ୍ରଭା ପାଢ଼ୀ, ହୃଦାନନ୍ଦ ପ୍ରଧାନ, ବିଜୟ କୁମାର ପାତ୍ର ଯୋଗଦେଇଥିଲେ। ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗଣି ନରେନ୍ଦ୍ର ଉଚ୍ଚବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର



ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

**ଖଇରା, ୨୨।୧(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଅଗଣି ନରେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ଦାସମହାପାତ୍ର ଶିବିରକୁ ଉଦ୍‌ଘାଟନ କରିବା ଅବସରରେ ଶିବିରାର୍ଥୀମାନଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ପରାମର୍ଶ ଦେଇଥିଲେ। ଯୋଜନା ଅଧିକାରୀ ଗୋପୀନାଥ ପୃଷ୍ଟି ପରିଚାଳନା କରିଥିଲେ। ଅଧ୍ୟାପକ ବନମାଳୀ ଉପାଧ୍ୟାୟ ଓ ଶରତ ଚନ୍ଦ୍ର ମହାରଣା ସେବାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ନରୋତ୍ତମ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ରେଞ୍ଜୀ ସ୍କୁଲ ପରିଦର୍ଶନକଲେ ଦୂତୀ ଚାନ୍ଦ

## କହିଲେ ସଫଳତାର କାହାଣୀ

**ବାଲେଶ୍ୱର, ୨୨।୧(ବାଞ୍ଛାନିଧି ଦେ)**


ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ଦୂତୀ ଚାନ୍ଦ।

ବାଲେଶ୍ୱର ଚାନ୍ଦିପୁରସ୍ଥିତ ରେଞ୍ଜ ସ୍କୁଲକୁ ବୁଧବାର ଓଡ଼ିଶାର ଦୌଡ଼ରାଣୀ, ଅର୍ଜୁନ ପୁରସ୍କାରପ୍ରାପ୍ତ ତଥା ଅଲମ୍ପିଆନ୍ ଖେଳାଳି ଦୂତୀ ଚାନ୍ଦ ସ୍କୁଲ ପରିଦର୍ଶନ କରିବା ସହ ପିଲାମାନଙ୍କ ସହ କଥୋପକଥନ କରିଥିଲେ। ପାଠପଢ଼ା ସହ ଖେଳକୁଦ ମଧ୍ୟ କେତେ ଜରୁରୀ ସେ ବିଷୟରେ ପିଲାମାନଙ୍କୁ କହିଥିଲେ। ପିଲାମାନେ ତାଙ୍କୁ ପାଠପଢ଼ା ସହ ଖେଳ ପ୍ରତି ସେ କେମିତି ସମୟ ଦେଇପାରୁଥିଲେ ପଚାରିଥିଲେ। ଏନେଇ ଦୂତୀ କହିଥିଲେ ଯେ, ମୁଁ ଖେଳ ପାଇଁ ପାଠ ପଢ଼ାରେ ଆଦୌ ହେଳା କରୁ ନ ଥିଲି। କିନ୍ତୁ ମୁଁ ନିଷ୍ଠାର ସହ ଖେଳକୁଦରେ ଯୋଗଦାନ କରୁଥିଲି ଏବଂ ତାକୁ ମୁଁ ଲଗାତାର ଭାବେ କରୁଥିଲି। ଯାହାକି ମତେ ଆଜି ସଫଳତାର ଶୀର୍ଷରେ ପହଞ୍ଚାଇପାରିଛି।

ପାଠ ଆମପାଇଁ ପଢ଼ିବା ତ ବହୁତ ଜରୁରୀ ମାତ୍ର ପାଠ ପଢ଼ି ଚାକିରି ପଛରେ ନ ଦୌଡ଼ି ଯଦି ଆମେ ଖେଳ ପ୍ରତି ପ୍ରତିଦିନ ଅଳ୍ପ ସମୟ ବାହାର କରି ଅଭ୍ୟାସ କରୁଥିବା ତାହେଲେ ସେହି ଖେଳ ହିଁ ଆମକୁ ଏକ ଭଲ ଚାକିରି ଦେଇପାରିବ ଏବଂ ତା'ର ଉଦାହରଣ ସେ ନିଜେ ବୋଲି କହିଥିଲେ ଏବଂ ଯେଉଁ କାର୍ଯ୍ୟ କରିବା ତାକୁ ନିଷ୍ଠାର ସହ କରିବା ପାଇଁ ସେ ସମସ୍ତଙ୍କୁ କହିଥିଲେ। ସ୍କୁଲର ପ୍ରିନ୍ସପାଲ ଡ. ପ୍ରମୋଦ କୁମାର ସ'ଙ୍କ ସମେତ ପିଏକ୍ସଇ ତଥା ସ୍କୁଲର ସଦସ୍ୟ ମହେଶ୍ୱର ଜେନା, ଆଇଟିଆର ତଥା ସ୍କୁଲ କୋଷାଧ୍ୟକ୍ଷ ରଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଡ. ପ୍ରତାପ କେଶରୀ ହୋତା, ଶିକ୍ଷୟିତ୍ରୀ ଗୀତିକୃଷ୍ଣ ଦାସଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

# ସମ୍ପର୍କର ସେତୁବନ୍ଧ ଥିଲେ କବି ରାଧାଶ୍ୟାମ

**ଔପଦା, ୨୨।୧(ଧରିତ୍ରୀ ପଣ୍ଡା)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନରେ କବି ସ୍ୱର୍ଗତ ରାଧାଶ୍ୟାମ ପଣ୍ଡାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ରାଧାଶ୍ୟାମ ଗ୍ରନ୍ଥାବଳୀ ଲୋକାର୍ପିତ ହେବା ସହ ଲୋକନାଥ ପାଠାଗାରର ୪୦ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନରହରି ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କବି ରାଧାଶ୍ୟାମ ପଣ୍ଡାଙ୍କ ଆତ୍ମଜୀବନୀ ସମ୍ପର୍କରେ ବର୍ଣ୍ଣନା କରି ସେ ଔପଦା ଓ ଖଇରା ଅଞ୍ଚଳରେ ସମ୍ପର୍କର ସେତୁ ବନ୍ଧ ଥିବା ବେଳେ ତାଙ୍କ ପରିବାର ସହ ପାରିବାରିକ ସମ୍ପର୍କରେ ଜଡିତ ବୋଲି କହିଥିଲେ। ଏହି ଅବସରରେ ରାଧାଶ୍ୟାମଙ୍କ ସ୍ମୃତି ଉଦ୍ଦେଶ୍ୟରେ ଲୋକନାଥ ପାଠାଗାର ପକ୍ଷରୁ ରାଧାଶ୍ୟାମ ଗ୍ରନ୍ଥାବଳୀ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଏଥିରେ କବି ଡ. ବିପିନି ବିହାରୀ ବିଶ୍ୱାଳ, ଡ. ସୁରେନ୍ଦ୍ର ତ୍ରିପାଠୀ, କବି ବ୍ରଜେନ୍ଦ୍ର ନାଥ ଗିରି, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରି, ଅବସରପ୍ରାପ୍ତ ପ୍ରାଧ୍ୟାପକ ମୁକ୍ତିକାନ୍ତ ଶତପଥି, ଭାଗବତ ଲେଙ୍କା, ହରିହର ପାଣିଗ୍ରାହୀ ପ୍ରମୁଖ ଲୋକନାଥ ପାଠାଗାରର ଐତିହ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପାଣିଗ୍ରାହୀ ସ୍ୱାଗତଭାଷଣ, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସାମାଜିକ କର୍ମ ନାରାୟଣ ପେଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୀତିକାର ଗୌତମ ବାରିକ କବିତା ଗାନ କରିଥିଲେ। ଏହି ଅବସରରେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ସରସ୍ୱତୀ ପଣ୍ଡା ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ।

## କେନ୍ଦୁଝର

# ଯୋଡ଼ାରେ ଖଣି ଝାଡ଼ଖଣ୍ଡରେ ଶିଳ୍ପ

**ଯୋଡ଼ା, ୨୨।୧(ମାନସ ମହାନ୍ତି)**

ଓଡ଼ିଶା ମାନଚିତ୍ରରେ କେନ୍ଦୁଝର ଜିଲାର ଯୋଡ଼ାରେ ସର୍ବାଧିକ ଖଣି କ୍ଷେତ୍ର ରହିଛି। ମାତ୍ର ଏଠାରେ ବୃହତ ଶିଳ୍ପ ନ ଥାଇ କେବଳ ଖଣି ଖନନରେ ସୀମିତ ହୋଇଯାଇଛି। ଏଠାରୁ ଖଣିଜ ଖନନ ହୋଇ ଝାଡ଼ଖଣ୍ଡକୁ ଯାଉଥିବା ବେଳେ ଏଠାରେ ଶିଳ୍ପ ସ୍ଥାପନ ହେଉନାହିଁ। ଫଳରେ ସ୍ଥାନୀୟ ଲୋକେ କାମ ନ ପାଇ ଦୁଃଖ କଷ୍ଟର ରହୁଛନ୍ତି।

ପ୍ରକାଶ ଯେ, ଖଣି ମଣ୍ଡଳରେ ୯୦ଟି ଖଣିରୁ ୫୬ ବିଭିନ୍ନ ବୈଧାନିକ କାରଣରୁ ବନ୍ଦ ରହିଛି। ସେହିପରି ରାଜସ୍ୱ ବାବଦରେ ରାଜ୍ୟକୁ ସମୁଦାୟ ଖଣି ରାଜସ୍ୱ ପ୍ରାୟ ୪୬ ହଜାର କୋଟି ମିଳିଥିବା ବେଳେ କେବଳ ଯୋଡ଼ାରୁ ପ୍ରାୟ ୨୧ ହଜାର କୋଟି ଆଦାୟ ହୋଇଛି। ଚଳିତ ବର୍ଷ ଯୋଡ଼ା ମଣ୍ଡଳରୁ ୨୨ ହଜାର କୋଟି ରାଜସ୍ୱ ଆଦାୟର ଲକ୍ଷ ରଖାଯାଇଛି। ଏତେ ମାତ୍ରାରେ ରାଜସ୍ୱ ଆଦାୟ ସତ୍ତ୍ୱେ ଖଣି କ୍ଷେତ୍ରରେ ଖଣିଜର ସୁବିନିଯୋଗ ପାଇଁ ଏକ ଇସ୍ପାତ ଶିଳ୍ପ ନାହିଁ।

## ଦୁଃଖ କଷ୍ଟରେ ଖଣି ଅଞ୍ଚଳବାସୀ

୧୯୦୭ରେ ଏକ ଘରୋଇ କମ୍ପାନୀ ଯୋଡ଼ାରେ ଖଣି କାର୍ଯ୍ୟ ଆରମ୍ଭ କରିଥିଲା। ଖଣିରୁ ୧୧୭ ବର୍ଷ ଧରି ଖଣିଜ ଉତ୍ତୋଳନ କରାଯାଇ ଝାଡ଼ଖଣ୍ଡରେ ଥିବା ବୃହତ ଇସ୍ପାତ କାରଖାନାକୁ ଲୁହାପଥର ଯାଉଛି। ସେହିପରି ୧୯୬୬ରେ ଖଣି ମଣ୍ଡଳର ଜଜାଙ୍ଗଠାରେ ଥିବା ଖଣିରୁ ଲୁହାପଥର ଉତ୍ତୋଳନ ଆରମ୍ଭ ହୋଇଥିଲା। ପ୍ରାୟ ୩ ଥର ନବୀକରଣ ହେବା ପର୍ଯ୍ୟନ୍ତ ଅନେକ ଲକ୍ଷ ଟନ ଲୁହାପଥର ରପ୍ତାନୀ କରି ସମ୍ପୃକ୍ତ କମ୍ପାନୀ ଅନେକ କୋଟି ଟଙ୍କା ମୁନାଫା କରିଥିଲା। ମାତ୍ର ଇସ୍ପାତ ଶିଳ୍ପ ନ କରି ଛୋଟ ସ୍ପଞ୍ଜ ଆଇରନ କାରଖାନା ଯୋଡ଼ା ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ନିର୍ମାଣ କରି ଉପେକ୍ଷା କରାଗଲା। ସେହିପରି ୭୦ ଦଶକରୁ ୨୦୨୦ ପର୍ଯ୍ୟନ୍ତ ଅନେକ ଲକ୍ଷ ଟନ୍ ଯୋଡ଼ା ଖଣି ମଣ୍ଡଳର ଜିଲିଂ ଖଣିରୁ ଖଣିଜ ଉତ୍ତୋଳନ କରି କେବଳ ଖୋଳତାଡ଼ ବିକ ନୀତିରେ ଖଣି ଚଳାଇ ଲିଜ୍ ଅବଧି ସରିବା ପରେ ମଧ୍ୟ ଅଞ୍ଚଳରେ ଏକ ଶିଳ୍ପ କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲା।

ସେହିପରି କାଶିଆ, ଟନ୍ଟୋ, ଗୁଆଲି ପ୍ରଭୃତି ଅଞ୍ଚଳରେ ପ୍ରାୟ ୫ ଦଶନ୍ଧି ଧରି ଖଣି ଖନନ କରି ଆସୁଥିବା କମ୍ପାନୀଗୁଡ଼ିକ କେବଳ ନିଜର ଲାଭ ପାଇଁ ପିଲେଟ, ସ୍ପଞ୍ଜ କାରଖାନା ଓ ଆଇରନ ଓର ବେନିଫିସେଶନ ପ୍ଲାଣ୍ଟ ନିର୍ମାଣ କରିଛନ୍ତି।

ଖଣି ବିଭାଗ ସୂତ୍ରରୁ ଜଣାପଡ଼ିଛି, ଯୋଡା ଖଣି କ୍ଷେତ୍ରରେ ପ୍ରାୟ ୮ କୋଟି ୩୦ ଲକ୍ଷ ମେଟ୍ରିକ ଟନ ଲୁହାପଥର ଉତ୍ତୋଳନ ହୋଇଥିଲା। ସେଥିରୁ ୭ କୋଟି ୭୪ ଲକ୍ଷ ମେଟ୍ରିକ ଟନ ପରିବହନ ହୋଇଥିଲା। ଶିଳ୍ପ ପ୍ରତିଷ୍ଠ ନ ହୋଇ କେବଳ ଖଣିକୁ ସୁରକ୍ଷା ଦେବା ପାଇଁ ଓ ଆୟ ବଢ଼ାଇବା ପାଇଁ ୨୩ଟି ମଧ୍ୟମ ଶିଳ୍ପ କରାଯାଇଛି। ଯାହା ଅଧିକାଂଶ ସମୟରେ ବନ୍ଦ ରହୁଛି। ଗତ ୨୦୧୫ ରେ କେନ୍ଦ୍ର ସରକାର ଏକ ନୂତନ ଖଣି ନୀତି ପ୍ରଣୟନ କରିଥିଲେ। ଯାହାକି ୨୦୨୦ରେ ଖଣି ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ବହୁ ଜାତୀୟ, ଆନ୍ତର୍ଜାତୀୟ ଖଣି କମ୍ପାନୀ ଅଂଶ ଗ୍ରହଣ କରି ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ ହୋଇପାରୁନାହିଁ। ନୂତନ ସରକାର ପ୍ରଚେଷ୍ଟା ଆରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲାରେ ବୃହତ ଇସ୍ପାତ ଶିଳ୍ପର ସ୍ଥାପନ ପାଇଁ ଆଶ୍ୱାସନା ଦେଇଛନ୍ତି।

ଭାଜପା ନେତା ରଞ୍ଜିତ ମହାକୁଡ କୁହନ୍ତି, ଯୋଡ଼ାରେ ଖଣିଜ ସମ୍ପଦ ଭରପୁର ରହିଛି। ସରକାରୀ ଜିଲାରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବା ପାଇଁ ଆଗ୍ରହ ଦେଖାଉଛନ୍ତି। ଜନ ସାଧାରଣ ସୋହଯୋଗ କରିବା ଆବଶ୍ୟକ। ଏଥିସହ ବଡ଼ବିଲ ମାଟକାମବେଡ଼ାଠାରେ ଅଚଳ ହୋଇପଡ଼ିଥିବା କଳିଙ୍ଗ ଲୌହ କାରଖାନାର ପ୍ରାୟ ୧୭ ଏକର ଜମିରେ ଏକ ନୂତନ ବୃହତ ଇସ୍ପାତ କାରଖାନା ସ୍ଥାପନ ହୋଇପାରିବ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

## ପୋକାରା ଚାଉଳ ପ୍ରଦାନ ଘଟଣା

**ପାଟଣା, ୨୨।୧(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତରେ ଟାଙ୍ଗରପଡ଼ା ପଞ୍ଚାୟତରେ ଯୋଗାଣ ସହାୟିକା ସସ୍ମିତା ସାହୁ ଦେଢ଼ ଶହ ହିତାଧିକାରୀଙ୍କୁ ପୋକରା ଚାଉଳ ବଣ୍ଟନ ନେଇ ବୁଧବାର ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ବୁଧବାର ବ୍ଲକ୍ ଯୋଗାଣ ଅଧିକାରୀ ଟାଙ୍ଗରପଡ଼ା ପଞ୍ଚାୟତ ଚାଉଳ ଗୋଦାମ ଗୃହ ପରିଦର୍ଶନ ସହ ହିତାଧିକାରୀଙ୍କୁ ପଚାରି ବୁଝିଥିଲେ। ଘଟଣାରେ ଜିଲାପାଳ ବିଶାଳ ସିଂଙ୍କୁ ପଚାରିବାରୁ ଧରିତ୍ରୀରେ ପ୍ରକାଶିତ ଖବର ନଜରକୁ ଆସିଛି। ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ଦୋଷୀ ବିରୋଧରେ ଦୃଢ଼ କର୍ଯ୍ୟନଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସ୍ଥାନୀୟ ବିଡିଓ ମାନସ କୁମାର ଦଣ୍ଡପାଟ ଓ ଯୋଗାଣ ଅଧିକାରୀ ସୁନିତା ମାରାଣ୍ଡିଙ୍କୁ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରିନାହିଁ।

# ଅନ୍ତର୍ଜାତୀୟ ବାଳିକା ଦିବସରେ ପ୍ରତିଯୋଗିତା



ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅନ୍ୟମାନେ।


**ବଉଳା, ୨୨।୧(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ହାଟଡ଼ିହୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପୂର୍ବାହ୍ନ ୧୧ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ୨୧ କ୍ଲଷ୍ଟର ଛାତ୍ରୀଛାତ୍ରଙ୍କୁ ନେଇ ବରିଷ୍ଠ ଓ କନିଷ୍ଠ ବିଭାଗର ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖିନ ଏବଂ ସଂଗୀତ ପ୍ରତିଯୋଗିତା ଅନିଷ୍ଠିତ ହୋଇଥିଲା। ଏଥିରେ ପ୍ରତ୍ୟେକ ବିଭାଗ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ବିଭାଗର ତପସ୍ୱିନୀ ମଲ୍ଲିକ୍, କିଷ୍ଟା ପି. ଦାସ, ଲକ୍ଷ୍ମୀ ପ୍ରିୟା, ଭାଗ୍ୟ ଜ୍ୟୋତି ସେନାପତି, ଜୁନିୟର ବିଭାଗର ସୁଶ୍ରୀ ରୋଜାଲିନ୍ ଜେନା, ଆଦ୍ୟାସା ପି. ଜେନ, ପ୍ରତ୍ୟାସା ମଲ୍ଲିକ୍ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିଲେ। ପୁରଷ୍କାର ବିତରିଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଓମକାର ଅନ୍ୱେସ, ସମ୍ମାନିତ ଅତିଥିଭାବେ ହାଟଡ଼ିହୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପରାମାନନ୍ଦ ପରିଡ଼ା, ହାଟଡ଼ିହୀ ଉ.ପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁର୍ଣ୍ଣଚନ୍ଦ୍ର ଜେନା ଯୋଗ ଦେଇଥିଲେ। ସହ ଶିକ୍ଷାଧିକାରୀ ପ୍ରମୋଦ କୁମାର ନାୟକ ସଂଯୋଜନା କରିଥିଲେ।

# ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ ଦାବି

**କେନ୍ଦୁଝର, ୨୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ବଡ଼ଘାଗରା ଜଳପ୍ରପାତରେ ନୂଆବର୍ଷ ଅବସରରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବହୁ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରର ବିକାଶ କରାଯିବା ପରେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସି ବୁଲି ଦେଖିବା ସହ ଭୋଜିଭାତ କରି ଫେରିଛନ୍ତି। ଉପରେ ସାନମାଛକାନ୍ଦଣା ଡ୍ୟାମ ଓ ତଳେ ଜଳପ୍ରପାତ। ମଝିରେ ରହିଛି ଏକ ଶିବ ମନ୍ଦିର। ମନ୍ଦିର ଦର୍ଶନ କରିବାକୁ ଯାଇ ଜଳପ୍ରପାତର ପାଣି ପଡୁଥିବା ସ୍ଥାନ ଅବାଧରେ ବୁଲୁଛନ୍ତି। ସେଠାରେ ପାଣି ସିଧାସଳଖ ତଳେ ପଡୁଥିବାରୁ ଗୋଡ଼ ଖସିଗଲେ ତଳେ ପଡିଯିବା ସମ୍ଭାବନା ଅଧିକ ରହୁଛି। ପୋଲିସ ମୁତୟନ ହୋଇଥିଲେ ହେଁ ପ୍ରବେଶ ପଥରେ ଜଗି ରହୁଛନ୍ତି କିନ୍ତୁ ପରିସରରେ ବୁଲି ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ସଜାଗ ସୃଷ୍ଟି କରୁନାହାନ୍ତି। ଫଳରେ ବାହାରୁ ଆସୁଥିବା ପର୍ଯ୍ୟଟକ ଜଳପ୍ରପାତ ଉପରକୁ ପାଣି ପଡୁଥିବା ସ୍ଥାନକୁ ଯାଉଥିଲେ ହେଁ କହିବାକୁ କେହି ନାହିଁ। ଏଣୁ ଉକ୍ତ ସ୍ଥାନରେ ସୁରକ୍ଷାବାଡ଼ ଦେବା ସହ ସତର୍କ ବୋର୍ଡ ଲଗାଇବାକୁ ଦାବି ହେଉଛି। ଏ ନେଇ ପର୍ଯ୍ୟଟନ ବିଭାଗ ସହାକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ପର୍ଯ୍ୟଟକଙ୍କ ସୁରକ୍ଷାକୁ ଧ୍ୟାନରେ ରଖାଯାଉଛି। କେନ୍ଦ୍ରର ଭିତ୍ତିଭୂମିର ବିକାଶ କାମ ଚାଲିଛି।

## ଅସୁରକ୍ଷିତ ବଡ଼ଘାଗରା ଜଳପ୍ରପାତ


କେଜେଆର ବଡଘାଗରା ଜଳପ୍ରପାତ ଉପରେ ପର୍ଯ୍ୟଟକ ବୁଲୁଛନ୍ତି

## ପର୍ଯ୍ୟଟନ କେନ୍ଦ୍ରରେ ଜଳାଭାବ

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ବଡଘାଗରାରେ ପାଣି ସମସ୍ୟା ଯୋଗୁ ପର୍ଯ୍ୟଟକ ହନ୍ତସନ୍ତ ହେଉଛନ୍ତି। ଅନେକ ହଜାର ସଂଖ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଭୋଜିଭାତ କରୁଛନ୍ତି। କିନ୍ତୁ ପିଇବା ପାଣି ନ ଥିବାରୁ ଅନେକ ବାହାରୁ ବୋତଲ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ଡ୍ୟାମରୁ ବୋହି ଆସୁଥିବା କେନାଲ ପାଣିକୁ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ପିଇବା ପାଣି ନ ହେଲେ ବି, ରୋଷେଇ ପାଇଁ ପାଣି ବ୍ୟବସ୍ଥା କରାଯିବା ଜରୁରୀ। ପର୍ଯ୍ୟଟକ ସନ୍ତୋଷ ବେହେରା, ଦିପକ ସାହୁ କହିଛନ୍ତି, ପ୍ରବେଶ ଓ ଭୋଜିଭାତ ପାଇଁ ଫି ଦେଉଛୁ। ଏଣୁ ପାଣି ବ୍ୟବସ୍ଥା କରାଯାଉ। ପାଣି ବ୍ୟବସ୍ଥା ନ ଥିବାରୁ ବାଧ୍ୟ ହୋଇ ବୋତଲ ପାଣି କିଣି ଆଣି ବ୍ୟବହାର କରୁଛୁ। ଫଳରେ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ପର୍ଯ୍ୟଟନ ବିଭାଗ ସହାକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ପର୍ଯ୍ୟଟକଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। କାମ ଚାଲିଛି, ଆଉ କିଛି ଦିନ ପରେ ପିଇବା ପାଣି ବ୍ୟବସ୍ଥା କରାଯିବ।

# ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

## ଦୁର୍ବୃତ୍ତ ହନୁମାନ ବିଗ୍ରହ ଭାଙ୍ଗିବା ଘଟଣା

**ବଡବିଲ, ୨୨।୧(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ନ୍ୟୁ ମାର୍କେଟସ୍ଥିତ ଜୟ ହନୁମାନ ଯୁବକ ସଂଘ ଆଖଡ଼ା ପକ୍ଷରୁ ହନୁମାନ ମନ୍ଦିର ପ୍ରତିଷ୍ଠା ଲାଗି ବୁଧବାର ସକାଳ ୧୦ ଟା ୩୦ ମିନିଟ୍ ସମୟରେ କଳସ ଶୋଭାଯାତ୍ରା କରାଯାଇଛି। ଏଥିରେ ଶତାଧିକ ମହିଳା ସାମିଲ ହୋଇ ବଡବିଲ ସହର ପରିକ୍ରମା କରିଛନ୍ତି। ସୂଚନା ଅନୁଯାୟୀ, ଗତ ଡିସେମ୍ବର ୨୨ ତାରିଖ ରବିବାର ଦିନ ବଡ଼ବିଲ ୱାର୍ଡ ନଂ ୯, ନ୍ୟୁ-ମାର୍କେଟସ୍ଥିତ ଜୟ ହନୁମାନ ଯୁବକ ସଂଘ ଆଖଡ଼ାଦ୍ୱାରା ସ୍ଥାପିତ ମନ୍ଦିରର ହନୁମାନଙ୍କ ବିଗ୍ରହକୁ କେହି ଦୁର୍ବୃତ୍ତ ଆସ୍ଥାନରୁ ବାହାରକରି ଫିଙ୍ଗିଦେଇଥିଲେ। ସୋମବାର ସକାଳେ ଏହି ଘଟଣା ଦେଖାଯାଇଥିଲା। ଏହାର ପ୍ରତିବାଦ କରି ଲୋକେ ମଧୁସୂଦନ ଛକରେ ରାସ୍ତା ଅବରୋଧ କରିଥିଲେ। ସମଗ୍ର ବଡବିଲର ବିଭିନ୍ନ ଛକସ୍ଥାନରେ ରାସ୍ତା ଅବରୋଧ ଓ ପରେ ପରେ ଦୋକାନ ବଜାର ବନ୍ଦ ହୋଇଯାଇଥିଲା। ଏପରିକି ଲୋକେ ବ୍ୟାଙ୍କ ଓ ବିଭିନ୍ନ କାର୍ଯ୍ୟାଳୟଗୁଡିକୁ ଉତ୍ୟକ୍ତ ଲୋକେ ବନ୍ଦ କରିଥିଲେ। ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି ପହଞ୍ଚି ଏ ନେଇ ସୂଚନା ଦେବା ପରେ ଉତ୍ୟକ୍ତ ଲୋକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଘଟଣା ପରେ ଆଖଡ଼ା ସଂଘ ଓ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ପୁନଃ ମନ୍ଦିର ଓ ହନୁମାନଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପାଇଁ ପ୍ରସ୍ତୁତ ହୋଇଥିଲେ। ବୁଧବାର ସ୍ଥାନୀୟ ଡାକ ବଙ୍ଗଳାଛକଠାରୁ ଶତାଧିକ ମହିଳା କଳସ ମୁଣ୍ଡେଇ ସହର ପରିକ୍ରମା କରି ମନ୍ଦିର ପରିସରକୁ ପହଞ୍ଚିଥିବା ଜଣାପଡ଼ିଛି।

# କଟ୍‌ନି ଛଟ୍‌ନି ପ୍ରତିବାଦରେ ଚାଷୀଙ୍କ ଧାରଣା

## ଚାଷୀଙ୍କୁ ଧାର୍ଯ୍ୟ ଦର ପ୍ରଦାନ ଦାବି

ବାସୁଦେବପୁର,୨୨।୧(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଏଡ଼ତାଳ ସେବା ସମବାୟ ସମିତି ଆଗରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ଧାନକ୍ରୟ ବେଳେ କଟ୍‌ନି ଛଟ୍‌ନିକୁ ବିରୋଧ ଚାଷୀ ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ବୁଧବାର ପୂର୍ବାହ୍ନ ୧୧ଟାରୁ ଧାରଣା ଦେଇଛନ୍ତି। ଧାନ ସମିତି ତଥା ମଣ୍ଡିରେ ପ୍ରଦାନ ବେଳେ କଟ୍‌ନୀ ଛଟ୍‌ନୀ କରାଯାଉଥିବାରୁ ଚାଷୀ ଆର୍ଥିକ କ୍ଷତିରେ ପଡୁଛି। ତେଣୁ କଟ୍‌ନୀ ଛଟ୍‌ନୀ ବନ୍ଦ କରାଯାଇ ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ମୂଲ୍ୟ ମିଳୁ ବୋଲି କୃଷକ ସଭା ପକ୍ଷରୁ ମୁକ୍ତିକାନ୍ତ ଘଡ଼େଇ, ହରିହର ବେହେରା ପ୍ରମୁଖ ଦାବି କରିଛନ୍ତି। ଚାଷୀଙ୍କୁ ହଇରାଣ ହରକତ ନ କରି ଉଚିତ ସମୟରେ ଟୋକନ ମୁତାବକ ଚାଷୀଙ୍କଠାରୁ ଧାନକ୍ରୟ କରିବାକୁ ଆନ୍ଦୋଳନରତ ଚାଷୀମାନେ ଦାବିକରିଛନ୍ତି।

ପ୍ରକାଶଯୋଗ୍ୟ, ଏଡ଼ତାଳ ସେବା ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ୭୨୦ ଜଣ ଚାଷୀ ଧାନ ଦେବା ପାଇଁ ଅନଲାଇନ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୭୯୨ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ଆସିଛି। ଏଥିମଧ୍ୟରୁ ଏଫ୍‌ଏକ୍ୟୁ ମାନର ଧାନ ଥିବା ୪୫ କୁଇଣ୍ଟାଲ ଧାନକ୍ରୟ କରାଯାଇଛି ବୋଲି ସମିତି ସମ୍ପାଦକ ସୌମ୍ୟସ୍ମିତ ଦାସ କହିଛନ୍ତି। ଚଳିତ ବର୍ଷ ପାଇଁ ୩୨ ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ୍ ଦିଆଯାଇଥିବା କଥା ସମ୍ପାଦକ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ମିଲରମାନେ ଠିକଣା ସମୟରେ ମଣ୍ଡିରୁ ଧାନ ଉଠାଇବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଧାନ ଠିକ୍ ସମୟରେ ଉଠାଣ ହେଉନାହିଁ। ଏହି ସେବା ସମବାୟ ସମିତିରେ ଧାନ ଉଠାଣ ପାଇଁ ସିମ୍ବଲ ଏଗ୍ରୋ, ଦୁର୍ଗାଫୁଡ଼ ଓ ୱାଇଜିପି ମର୍ଡନ ମିଲଗୁଡ଼ିକ ଅନୁବନ୍ଧିତ ଥିବା ବେଳେ ଏଫ୍‌ଏକ୍ୟୁ ଧାନ ମିଳୁ ନ ଥିବା ଦର୍ଶାଇ ଧାନ ଉଠାଣରେ ସେମାନେ ବିଳମ୍ବ କରୁଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଲର, ସମବାୟ ସମିତି ଓ ଚାଷୀଙ୍କ ମଧ୍ୟରେ ଏକ ଆଲୋଚନାପରେ ୩ଟା ୩୦ ମିନିଟ୍‌ରେ ଚାଷୀଙ୍କ ଧାରଣା ପ୍ରତ୍ୟାହୃତ ହୋଇଛି। ଚାଷୀଙ୍କ ଧାନ ମଣ୍ଡି ମାଧ୍ୟମରେ ଉପଯୁକ୍ତ ମୂଲ୍ୟ ଦେଇ ମିଲରମାନେ କ୍ରୟ କରିବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ଧାନକ୍ରୟ କମିଟି ସଦସ୍ୟ ତଥା ସରପଞ୍ଚଙ୍କ ପ୍ରତିନିଧି ଅମରେନ୍ଦ୍ର ପଲେଇ କହିଛନ୍ତି।



ଧାରଣାରେ ବସିଥିବା ଚାଷୀ।

# କ୍ଷମା ମାଗିଲେ ଯାତ୍ରା ପାର୍ଟି ପରିଚାଳକ

## ଯାତ୍ରା ପେଣ୍ଡାଲରେ ନବୀନ ନବୀନ ଗୀତ

ଚାନ୍ଦବାଲି,୨୨।୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଧାମରା ଗଙ୍ଗାମାତା ପଡ଼ିଆରେ ମକର ସଂକ୍ରାନ୍ତି ଉପଲକ୍ଷେ ଯାତ୍ରା ସ୍ୱର୍ଣ୍ଣମହଲ ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଛି। ଗତ ୧୯ ତାରିଖ ରାତିରେ ଯାତ୍ରା ପେଣ୍ଡାଲରେ ନବୀନ ନବୀନ ଗୀତ ପରିବେଷଣ କରାଯାଇଥିଲା। ଏହାକୁ ନେଇ ଦର୍ଶକ ମହଲରେ ତୀବ୍ର ଉତ୍ତେଜନା ଏବଂ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଗୀତ ପରିବେଷଣ ସମୟରେ ଷ୍ଟେଜ ନିକଟରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ନିଜ ସମର୍ଥକମାନଙ୍କ ସହିତ ଯାତ୍ରା ଦେଖୁଥିଲେ। ଏହି ଘଟଣାକୁ ନେଇ ଭାଜପା ଧାମରାଇ ମଣ୍ଡଳ ପକ୍ଷରୁ ଧାମରା ସାମୁଦ୍ରିକ ଥାନାରେ ଯାତ୍ରା ସ୍ୱର୍ଣ୍ଣମହଲ ନାମରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ସାମୁଦ୍ରିକ ଥାନାଧିକାରୀ ଯାତ୍ରା ପାର୍ଟିର ପରିଚାଳକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଡାକି ପଚରା ଉଚରା କରିଥିଲେ। ପାର୍ଟିର ପରିଚାଳକ ଦିବେଶ ପଣ୍ଡା ନିସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ କୌଣସି ପେଣ୍ଡାଲରେ ଏହି ଗୀତ ପରିବେଷଣ କରାଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଆଉ ଏପରି ଭୁଲ କେବେ ହେବ ନାହିଁ ବୋଲି କହିବା ପରେ ଅଭିଯୋଗର ସମାଧାନ ହୋଇଥିଲା।

# ଧାନ କିଣାଯାଉ ନ ଥିବା ପ୍ରତିବାଦରେ ରାସ୍ତାରୋକୋ

## ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଭଦ୍ରକ, ୨୨।୧(ସନାତନ ରାଉତ)

ଭଦ୍ରକ ବ୍ଲକ କେଦାରପୁର ପଞ୍ଚାୟତରେ ଚାଷୀଙ୍କ ଧାନ କିଣାଯାଉ ନ ଥିବା ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ପଞ୍ଚାୟତର ବହୁ ଚାଷୀ ଭଦ୍ରକ-ଚାନ୍ଦବାଲି ରାସ୍ତାର କୁଣ୍ଡିପୋଲ ଛକ ନିକଟରେ ଧାନବସ୍ତା ରଖି ରାସ୍ତାରୋକୋ କରିଥିଲେ। ଉକ୍ତ ପଞ୍ଚାୟତରେ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ମଣ୍ଡି ଖୋଲିବା ପାଇଁ ନିୟୋଜିତ ହୋଇଥିବା ବେଳେ ଅନ୍ୟ ଏକ ମହିଳା ଗୋଷ୍ଠୀ ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ। ଉଚ୍ଚ ନ୍ୟାୟଳୟ ପକ୍ଷରୁ ଧାନକିଣାରେ ରୋକ ଲଗାଯାଇଥିବାରୁ ଉକ୍ତ ସରକାରୀ ମଣ୍ଡିରେ ଧାନ କିଣାଯାଇପାରୁନାହିଁ। ଅମଳ ପରେ ଦୀର୍ଘଦିନ ଧରି ଧାନ ବିକି ନ ପାରି ପଞ୍ଚାୟତର ଚାଷୀମାନେ ଏହି ସମସ୍ୟାର ସମାଧାନ କରି ଚାଷୀଙ୍କଠାରେ ଧାନ କିଣିବା ଦାବିରେ ରାସ୍ତାରୋକୋ କରିଥିଲେ। ଖବରପାଇ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଜିଲା ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା ସେଠାରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଏ ବାବଦରେ ୨ ମହିଳା ଗୋଷ୍ଠୀ ଓ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଚାଷୀଙ୍କଠାରୁ ଧାନ କିଣା ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।


ଧାନବସ୍ତା ରଖି ରାସ୍ତାରୋକୋ କରାଯାଇଛି।

# ଆପ୍ତିରା ୟୁଜିଏମ୍‌ଇ ସ୍କୁଲରେ ବାର୍ଷିକ କ୍ରୀଡ଼ା

ବନ୍ତ,୨୨।୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ କାଦବରାଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଆପ୍ତିରା ୟୁଜିଏମଇ ବିଦ୍ୟାଳୟରେ ୨ଦିନ ବ୍ୟାପୀ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ାରେ ଶତାଧିକ ଛାତ୍ରୀଛାତ୍ର ଜୁନିଅର ଓ ସିନିଅର ବିଭାଗରେ ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୁଜା ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବରେ ସିଆରସିସି ପ୍ରଦୀପ ପଲେଇ, ପରିଚାଳନା କମିଟି ସଭାପତି ଅଶୋକ ଦାସ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ରତ୍ନାକର ଖିଲାରଙ୍କ ତତ୍ତ୍ୱାବଧାରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ ଶିକ୍ଷକ ଗୋପିନାଥ ଦାଶ, ପ୍ରଭାତ ନାୟକ, ଗୌରାଙ୍ଗ ବିଶ୍ୱାଳ, କୁଳମଣି ନାଏକ, ଜାନକୀବାଳା ଜେନା, ପରିଚାଳନା କମିଟି ସଭ୍ୟା ପୁଷ୍ପଲତା ରାଉତ, ରଶ୍ମିତା ଜେନା, ନମିତା ବିଶ୍ୱାଳ, ମାନସ ରାଉତ ପ୍ରମୁଖ ସହଯୋଗ କରିଥିଲେ।


ବାର୍ଷିକ କ୍ରୀଡାରେ ପ୍ରତିଯୋଗୀମାନେ ଖେଳ ପ୍ରଦର୍ଶନ କରୁଛନ୍ତି।

# କାବ୍ୟ, କଥାର ଧୂରୀଣ ଶିଳ୍ପୀ ଥିଲେ ମହେଶ୍ୱର

ତିହିଡ଼ି,୨୨।୧ (ସଞ୍ଜିତ ବଳ)

କାବ୍ୟ ଓ କଥା ସାହିତ୍ୟର ଧୂରୀଣ ଶିଳ୍ପୀ ଥିଲେ ଡ. ମହେଶ୍ୱର ଦାସ। ସାହିତ୍ୟର ବିଭିନ୍ନ ବିଭାଗରେ ତାଙ୍କ ସୃଷ୍ଟି ପାଠକାଦୃତ ହୋଇଥିଲା। ଦିବଂଗତ କବି ମହେଶ୍ୱରଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଯୋଗଦେଇ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକ୍ ଗୁଆମାଳ ପଞ୍ଚାୟତସ୍ଥିତ ଈଶାଣପୁର ମଠରେ ବୁଧବାର ପୂର୍ବାହ୍ନ ୧୧ଟାରେ କବି ଡ. ମହେଶ୍ୱର ଦାସ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ସଭାରେ ସଂସଦର ସଭାପତି ବିଶିଷ୍ଟ କଥାକାର ମନୋଜ ମହାପାତ୍ରଙ୍କ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ, ମୁଖ୍ୟ ବକ୍ତାଭାବେ ଡ. ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି ମୃତ୍ୟୁଞ୍ଜୟ ପଣ୍ଡା, ସାରଥୀ ପଣ୍ଡା, ଭାଗବତ ସାହୁ, କିଶୋର ପୁହାଣ ପ୍ରମୁଖ ଯୋଗଦେଇ କବି ମହେଶ୍ୱରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ବୈକୁଣ୍ଠନାଥ ଓଝା, ଶିକ୍ଷାବିତ୍ ରମାକାନ୍ତ ଦାସ, ସନାତନ ଜେନା, ଭରତ ସାହୁ, ଭାଗବତ ପତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ଯୁବଗାଳ୍ପିକ ବିପ୍ଳବ ରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଶିକ୍ଷକ ମନ୍ମଥ ଦାସ ସ୍ୱାଗତ ଭାଷଣ, ଶିକ୍ଷାବିତ୍ ହରେକୃଷ୍ଣ ଜେନା ଅତିଥି ପରିଚୟ ଓ ଶିକ୍ଷକ ମାୟାଧର ସାହୁ ଧନ୍ୟବାଦ ଦେଇଥିଲେ। ସ୍ୱର୍ଣ୍ଣପ୍ରଭା ଜେନା, ଜ୍ୟୋତିରେଖା ରାଉଳ, ଶୁଭସ୍ମିତା ଦାସ, କାବ୍ୟାଞ୍ଜଳି ଦାସ, ଜୟଶ୍ରୀ ଖୁଣ୍ଟିଆ, ବିଭୁଦତ୍ତ ପୃଷ୍ଟି, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କବିଙ୍କ ପତ୍ନୀ ମିନାକ୍ଷୀ ଦାସ, କନ୍ୟା ଦେବହୁତି ଦାସଙ୍କ ସମେତ ପରିବାରର ସଦସ୍ୟମାନେ ସଭା ପରିଚାଳନାରେ ସହଯୋଗ କରିଥିଲେ।


ଗାଳ୍ପିକ ବିପ୍ଳବ ରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦକ୍ଷତା ବୃଦ୍ଧି ପରାମର୍ଶରୁ ବଞ୍ଚିତ ହେଲେ ଶିକ୍ଷିତ ବେକାର

ତିହିଡ଼ି,୨୨।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକସ୍ତରୀୟ ଦକ୍ଷତା ବୃଦ୍ଧି ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଏହି ପରାମର୍ଶ ଶିବିରରେ ଯୋଗ ଦେବାରୁ ବହୁ ଶିକ୍ଷିତ ବେକାର ଯୁବତୀ ଯୁବକ ବଞ୍ଚିତ ହୋଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପ୍ରଚାର ପ୍ରସାର ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥାଏ। ବିଭିନ୍ନ ଘରୋଇ ତାଲିମ କେନ୍ଦ୍ରର କର୍ମକର୍ତ୍ତାମାନେ ଯୋଗ ଦେଇଥାନ୍ତି। ମାତ୍ର ଚଳିତ ବର୍ଷ ବ୍ଲକ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପ୍ରଚାର ପ୍ରସାର ହୋଇ ନ ଥିବାରୁ ମାତ୍ର ୮୭ ଜଣ ଯୁବତୀ ଯୁବକ ଶିବିରରେ ଭାଗ ନେଇଥିଲେ। ଫଳରେ ଅନେକ ଏଥିରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ବିଡିଓ ଜ୍ୟୋର୍ତିମୟ କରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ଦକ୍ଷତା ବୃଦ୍ଧି ବିଭାଗ ଅଧିକାରିଣୀ ଗାୟତ୍ରୀ ବେହେରା ଏଥିରେ ଯୋଗ ଦେଇ ଦକ୍ଷତା ବୃଦ୍ଧିର ବିଭିନ୍ନ ମାର୍ଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଜିପିଓ ପ୍ଲାବନ ପଣ୍ଡା, ଦକ୍ଷତା ବୃଦ୍ଧି ବିଭାଗ ମୁଖ୍ୟ କିରାଣୀ ରେଣୁବାଳା ପ୍ରଧାନ, କର୍ମକର୍ତ୍ତା ବିନୀତ ଶେଖର ପ୍ରମୁଖ ଶିବିର ପରିଚାଳନାରେ କରିଥିଲେ। ବିଡିଓ କର କହିଛନ୍ତି, ଅଭିଯୋଗରେ ସତ୍ୟତା ନାହିଁ।

# ଛାତ୍ରୀଛାତ୍ର ଭଲ ମଣିଷ ହେଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହେବ


ବାସୁଦେବପୁର, ୨୨।୧
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଲକ୍ଷ୍ମୀଦାସପୁର ପଞ୍ଚାୟତ ଶଶଧର କ୍ଷୀରୋଦମଣି ନୋଡାଲ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଅଶୋକ ଦାସ ଯୋଗଦେଇ ସଭାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଭଲ ମଣିଷ ହେଲେ ଶିକ୍ଷାର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ଛାତ୍ରୀଛାତ୍ର ପାଠପଢ଼ିବା ସହ ଶୃଙ୍ଖଳା, ଈଶ୍ୱରବିଶ୍ୱାସୀ, ଆତ୍ମସଂଯମୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଭଦ୍ରକ ଚିଙ୍ଗୁଡ଼ିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ବସନ୍ତ ଲେଙ୍କା ଯୋଗଦେଇ ଛାତ୍ରୀଛାତ୍ର ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରି ଅଧ୍ୟୟନ କରି ସଫଳ ହୋଇପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପ୍ରଫୁଲ୍ଲ କୁମାର ଦାସ, ଅଭିମନ୍ୟୁ ଦାସ, ସିଆର୍‌ସିସି ମନୋଜ ଅଗସ୍ତୀ, ସରପଞ୍ଚ ଜାନକୀ ବାରିକ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ମୋ ସ୍କୁଲ କମିଟି ସଭାପତି ବାଦଲ ପୁହାଣ, ପରିଚାଳନା କମିଟି ପ୍ରମୁଖ ସବିତା ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ନାରାୟଣ ଲେଙ୍କା ସଭାପତିତ୍ୱ କରିଥିବା ବେଳେ ରଙ୍ଗାଧର ବିଶ୍ୱାଳ ସ୍ୱାଗତ ଭାଷଣ, ସୁନିତା ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷକ ଗୌରାଙ୍ଗ ସମଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ନାଟକ ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବାରିକ୍, ମୁକ୍ତିକାନ୍ତ ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଭରତ ମଲ୍ଲିକ, ଶଶୀକାନ୍ତ ପଲାଇ, କଲ୍ୟାଣୀ ବଳ, ରଞ୍ଜିତା ବେହେରା, ଚିତ୍ରଲେଖା ମହାନ୍ତି, ପ୍ରଜ୍ଞା ପ୍ରଭାସିନୀ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ବିଧାୟକ ବକ୍ତବ୍ୟ ଦେଉଛନ୍ତି।

# ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ଧାମନଗର,୨୨।୧ (ଦେବେନ୍ଦ୍ର ଆଢିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଶ୍ୟାମପୁର ଜୟନଗରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ତନ୍‌ବୀର ଆବିଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ପାର୍ଥ ସୁନ୍ଦର ମହାକୁଡ଼, ମୁଖ୍ୟ ବକ୍ତା ଧାମନଗର କଲେଜ ଅଧ୍ୟକ୍ଷ ଅଜୟ ବେଜ, ଅନ୍ୟତମ ଅତିଥି ଭାଜପା ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକ, ମନ୍ତ୍ରୀଙ୍କ ଧାମନଗର ନଗର ପ୍ରତିନିଧି କୈଳାଶ ମହାପାତ୍ର, ପ୍ରଧାନଶିକ୍ଷକ ଅରୁଣ ଜେନା ଏବଂ ଭଣ୍ଡାରିପୋଖରୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ସେଠୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅମର ବାରିକ, ସଦବ କାଦ୍ରୀ, ଅକ୍ଷୟ ଘଡ଼େଇ, ନଜାରା ବେଗମ, ସ୍ନେହଲତା ବାରିକ, ଅନୀତା ସ୍ୱାଇଁ, ଘନଶ୍ୟାମ ମହାକୁଡ଼, ମମତାରାଣୀ ସାମଲ, ଚନ୍ଦ୍ରକାନ୍ତ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଶାଶ୍ୱତୀ ପାଢ଼ୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ବିଜୟ ଜେନା ଧନ୍ୟବାଦ ଦେଇଥିଲେ।

# ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା


କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

ଭଦ୍ରକ, ୨୨।୧ (ସନାତନ ରାଉତ)

ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ଯୁକ୍ତ ୩ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷା ବକ୍ତୃତା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ "ଗଣତନ୍ତ୍ରରେ ନେତା ଓ ଜନତା" ଶୀର୍ଷକ ଆୟୋଜିତ ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଶକୁନ୍ତଳା ନାୟକ, ସାହିତ୍ୟିକ ରଜନୀକାନ୍ତ ମହାନ୍ତି ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ନିର୍ବାଚନ ସମୟରେ ଭୋଟରମାନେ ୫୦୦ ଟଙ୍କାରେ ଭୋଟ ବିକ୍ରି କରୁଛନ୍ତି। ନେତାମାନେ ନିଜର ସ୍ୱାର୍ଥ ପାଇଁ ଦଳ ଡିଆଁ ମାରୁଛନ୍ତି। ସୁଦୃଢ଼ ଗଣତନ୍ତ୍ର ପାଇଁ ଉଭୟ ନେତା ଓ ଜନତା କିପରି ସଚେତନ ହେବେ ଓ ଯୁବଶକ୍ତି ହିଁ ତାକୁ ସଫଳ କରିପାରିବେ ବୋଲି ପିଲାମାନଙ୍କର ଚିତ୍ରଣ ବେଶ୍ ପ୍ରଶଂସନୀୟ ଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଅଭାମୟୀ ମହାପାତ୍ର, ଭଦ୍ରକ କଲେଜର ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, ଅବସରପ୍ରାପ୍ତ ଅଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ଆନୁଷଙ୍ଗିକ ସହଯୋଗ କରିଥିଲେ। ଭଦ୍ରକ କଲେଜର ସୁଭାଶିଷ ପଣ୍ଡା ୧ମ, ଚାନ୍ଦବାଲି ବ୍ଲକ ମତୋ କଲେଜ ଜ୍ୟୋର୍ତିମୟୀ ବେହେରା ୨ୟ ଓ ଭଦ୍ରକ କଲେଜର ଆକାଂକ୍ଷା ଦେବରଞ୍ଜିତା ଦାସ ୩ୟ ସ୍ଥାନ ଅଧିକାର କରିଛନ୍ତି।

# ବିଦ୍ୟାଳୟ ମଣିଷ ତିଆରି କାରଖାନା

ବନ୍ତ,୨୨।୧(ହରି ନାରାୟଣ ମହାନ୍ତି)

ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏଠାରେ ଭଲ ମଣିଷ ତିଆରି ହୋଇଥାନ୍ତି। ବୁଧବାର ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ଗୟାଧର ସାହୁଙ୍କ ସମ୍ମାନାର୍ଥେ ଆୟୋଜିତ ୪୩ତମ ଶ୍ରାଦ୍ଧବାର୍ଷିକୀ ତଥା ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ଯୋଗଦେଇ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାରପ୍ରାପ୍ତ ବିଡିଓ ନିଶିକାନ୍ତ ଖୁଣ୍ଟିଆ, ମୁଖ୍ୟ ବକ୍ତା ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶୁଭେନ୍ଦ୍ର କୁମାର ମିଶ୍ର, ବିଇଓ ଡ.ପ୍ରଫୁଲ୍ଲ କୁମାର ସାହୁ, ବିଆରସିସି ହରେକୃଷ୍ଣ ଆପଟ, ମୋ ସ୍କୁଲ ଅଭିଯାନର ସଭାପତି ମୋହନ ଚରଣ ସାହୁ, ଉପ ସଭାପତି ନାରାୟଣ ଚନ୍ଦ୍ର ସାହୁ, ଜିଲା ଓଷ୍ଟା ସଭାପତି ଶଶୀ ଶେଖର କରଶର୍ମା, ପୂର୍ବତନ ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁ, ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ସାହୁ, ସରପଞ୍ଚ ରଜନୀ ସେଠୀ, ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନାରାୟଣ ମିଶ୍ର ଅତିଥି ପରିଚୟ, ବିବରଣୀ ପାଠ ଓ ଶିକ୍ଷକ ମହେଶ୍ୱର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବିଶ୍ୱରଞ୍ଜନ ଦାସ, ସମର ଜେନା, ରତ୍ନାକର ସେଠୀ, ଜନ୍ମେଞ୍ଜୟ ନାୟକ, ସୁକାନ୍ତୀ ସେଠୀ, ପଦ୍ମିନୀ ଦାସ, ଶରତ ଜେନା, ନରେଶ ସାମଲ, ମଧୁସୂଦନ ରାଉତ, ପ୍ରଭାତୀ ନାୟକ, ସଞ୍ଜୁଲତା ଜେନା, ରଜତ ଦାସଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।


ଅତିଥିଙ୍କ ଆଗରେ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରୁଛନ୍ତି।

# ମିଳିଗଲା ଶୁଭଦିନ

ଓଲିଉଡ୍‌ର ବିଶିଷ୍ଟ ପ୍ରଯୋଜକ ବିଜୟ କାନ୍ଦୋଇ ନିକଟରେ ତାଙ୍କ ଦ୍ୱାରା ପ୍ରଯୋଜିତ ତଥା ବହୁ ପ୍ରତୀକ୍ଷିତ ଓଡ଼ିଆ ସିନେମା 'ସନାତନୀ : କର୍ମ ହିଁ ଧର୍ମ'ର ରିଲିଜ ତାରିଖ ଘୋଷଣା କରିଛନ୍ତି। ଏହି ଶୁଭ ଦିନଟି ହେଲା ଆସନ୍ତା ମାସ ୭ ତାରିଖ। ଉକ୍ତଦିନରେ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହାକୁ ଦର୍ଶକ ଦେଖିବାକୁ ପାଇବେ। ବିଦିଶା କ୍ରାଫ୍ଟ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି ବାସୁଦେବ ବରାଡ଼। ଫିଲ୍ମର ସଂଳାପ ମାନସ ରଞ୍ଜନ ସାମଲ ଏବଂ ଦୀପ୍ତି ପଟ୍ଟନାୟକ ଲେଖିଛନ୍ତି। ଗୀତ ରଚନା ଡା. ନିର୍ମଳ ନାୟକ କରିଥିବା ବେଳେ ସଙ୍ଗୀତ ଦେଇଛନ୍ତି ଅଭିଜିତ ମଜୁମଦାର। ''ଏହାର କାହାଣୀ ମୁଖ୍ୟତଃ ଧର୍ମାନ୍ତୀକରଣ ଉପରେ ପର୍ଯ୍ୟବସିତ। କିନ୍ତୁ ତାକୁ ସକାରାତ୍ମକ ଭାବେ ଉପସ୍ଥାପିତ କରାଯିବ, ଯେପରି କାହାକୁ ଆଘାତ ପହଞ୍ଚିବ ନାହିଁ। ଏପରି କି କୌଣସି ଧର୍ମକୁ ବି ଆକ୍ଷେପ କରାଯାଇନାହିଁ ବୋଲି କହନ୍ତି ପ୍ରଯୋଜକ।'' ଏଥିରେ ଓଲିଉଡର ଆଗଧାଡ଼ିର ଅଭିନେତା ସମ୍ବିତଙ୍କୁ ଏକ ଭିନ୍ନ ଚରିତ୍ର ଓ ଗେଟଅପ୍‌ରେ ଦର୍ଶକ ଦେଖିବାକୁ ପାଇବେ ଏବଂ ତାଙ୍କ ନାୟିକା ସାଜିଛନ୍ତି ଆର୍ଲିନ ଅଙ୍କିତା।



'ସନାତନୀ' ଫିଲ୍ମରେ ସମ୍ବିତ

ସମ୍ବିତ– ଆର୍ଲିନଙ୍କ ବ୍ୟତୀତ ପପି ସନ୍ଥୁକା, ଗୁଡ୍ଡୁ, ଜଗନ୍ନାଥ ସେଠ, ଗୋପାଳ ପ୍ରକାଶ ମହାନ୍ତି ଓ ବବଲୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

ପରଦାରେ...

## ଭାଇ

ଏକ ଭିନ୍ନ ସ୍ୱାଦର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଭାଇ'। ଉକ୍ତ ଚଳଚ୍ଚିତ୍ରଟି ଚଳିତ ମାସ ୨୪ ତାରିଖରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ପୃଥ୍ୱୀରାଜ ପଟ୍ଟନାୟକ। ଭାଇ-ଭଉଣୀର ଅନାବିଳ ସ୍ନେହକୁ ନେଇ କାହାଣୀ ଗତିଶୀଳ। ଏଥିରେ ଭାଇ ଭୂମିକାରେ ସୁଜିତ ଅଭିନୟ କରୁଥିବା ବେଳେ ଭଉଣୀ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଦିବ୍ୟା। ଏହାପୂର୍ବରୁ ପୃଥ୍ୱୀରାଜଙ୍କ ନିର୍ଦ୍ଦେଶିତ ତାଣ୍ଡବ, ମାଲ୍ୟଗିରି ଏବଂ 'ଗୁପ୍‌ଚୁପ୍' ଦର୍ଶକାଦୃତ ହୋଇସାରିଛି। ଏହି ଫିଲ୍ମରେ ଅମ୍ଳାନ ଦାସ ଏକ ବିଶେଷ ଭୂମିକାରେ ଅଭିନୟ କରୁଛନ୍ତି। ପୃଥ୍ୱୀରାଜ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। ସଂଳାପ ଲେଖିଛନ୍ତି ରବିନାରାୟଣ ଦାସ। ଅରୁଣ ମନ୍ତ୍ରୀ ଏବଂ ରଞ୍ଜନ ନାୟକଙ୍କ ରଚିତ ଗୀତଗୁଡିକ ସ୍ୱର ଦେଇଛନ୍ତି ନବ୍ସ ସରୋଜ। ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଓଡ଼ିଶା ବାହାରେ ମନାଲି, ଲଦାଖ ଇତ୍ୟାଦି ସ୍ଥାନରେ ମଧ୍ୟ ଏହାର ଶୁଟିଂ ହୋଇଛି। ଆମର ଷ୍ଟୁଡିଓ ଏବଂ ଶ୍ରେୟାନ୍ସ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ 'ଭାଇ'ର ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ ଏବଂ କାଜଲ ରୟ। ଏହି ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ଅଛନ୍ତି।



'ଭାଇ' ଫିଲ୍ମରେ ସୁଜିତ

# ଚିନ୍ତା କରି ନ ଥିଲେ ବାଣୀ



ବାଣୀ କପୁର

ବେଳେବେଳେ ମଣିଷ ଯାହା ଭାବି ନ ଥାଏ ତାହା ଘଟିଥାଏ। ଦେଖୁନାହାନ୍ତି ସେ କେବେ ଚିନ୍ତା କରି ନ ଥିଲେ ତାଙ୍କୁ ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ବ୍ରେକ୍ ମିଳିବ। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ସେ ଏହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ନିଜ ଉପରେ ଶତ ପ୍ରତିଶତ ଭରସା ରଖି ସେ ହଁ ଭରିଥିଲେ। ପରବର୍ତ୍ତୀ ସମୟରେ ଫିଲ୍ମଟିର ଶୁଟିଂ ଶେଷ ହୋଇ ରିଲିଜ ହେଲା, ଆଉ ଚିତ୍ରଟି ବକ୍ସ ଅଫିସରେ ଭଲ ବିଜ୍‌ନେସ୍ ମଧ୍ୟ କରିଥିଲା। ହଁ, ଏଠାରେ ଯାହାଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି ସେ ହେଉଛନ୍ତି ବାଣୀ କପୁର। ଯଶରାଜ ଫିଲ୍ମସ ବ୍ୟାନରରେ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଫିଲ୍ମଟିର ଟାଇଟଲ ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। କେବଳ ସେତିକି ନୁହେଁ, ଏହି ସିନେମା ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମହେଶ ଶର୍ମା। ଏଥିରେ ବାଣୀଙ୍କ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ୨୦୧୩ରେ ରିଲିଜ ହୋଇଥିବା ଉକ୍ତ ଚିତ୍ରର ବଜେଟ ଥିଲା ମାତ୍ର ୨୨ କୋଟି, କିନ୍ତୁ ବକ୍ସ ଅଫିସରେ ଚଳଚ୍ଚିତ୍ରଟି ୭୬କୋଟି ବିଜ୍‌ନେସ୍ କରିବାରେ ସକ୍ଷମ ହୋଇଥିଲା। ବର୍ତ୍ତମାନ ସେ ଅଭିନୟ କରିଥିବା ରାଜ କୁମାର ଗୁପ୍ତାଙ୍କ ଫିଲ୍ମ 'ରେଡ୍-୨' ଚଳିତବର୍ଷ ମେ' ୧ରେ ରିଲିଜ ହେବାକୁ ଯାଉଛି।

# ପରିଶ୍ରମର ଫଳ ମିଳିଛି

**ଜନ୍ମ ଓଡ଼ିଶାରେ କିନ୍ତୁ କର୍ମଭୂମି ମୁମ୍ବାଇ। ଦୀର୍ଘ ୨୦ ବର୍ଷ ଧରି ସେ ଏଡିଟିଂ, ଡବିଂ, ମିକ୍ସିଂ ଏପରି ସେନ୍‌ସର କାମଗୁଡ଼ିକୁ ବେଶ୍ ସୁଚାରୁ ରୂପେ ତୁଲାଇ ପାରିଛନ୍ତି। ସେ ହେଲେ ଡବିଂ ଡାଇରେକ୍ଟର ମାନବ ମହାପାତ୍ର। ନିଜ ବିଷୟରେ ସେ ଯାହା କହନ୍ତି..**

ମୋ କଥା



ମାନବ ମହାପାତ୍ର

''କୌଣସି କାମରେ ସଫଳ ହେବା ସହଜ କଥା ନୁହେଁ। ପୁଣି ମୁମ୍ବାଇ ପରି ସହରରେ ନିଜକୁ ପରିଚିତ କରାଇବାର ସ୍ୱପ୍ନ ମୁଁ ଦିନେ ଦେଖିଥିଲି। ଦୀର୍ଘ ୨୦ ବର୍ଷର ଅକ୍ଲାନ୍ତ ପରିଶ୍ରମ ଆଜି ମୋତେ ତାହା ଆଣି ଦେଇଛି। ହିନ୍ଦୀ ବ୍ୟତୀତ ବିଭିନ୍ନ ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମାଗୁଡିକର ଡବିଂ, ଏଡିଟିଂ, ମିକ୍ସିଂ ପରି ଗୁରୁତ୍ୱପୂର୍ଣ୍ଣ କାମ କରିବାରେ ନିଜକୁ ବ୍ୟସ୍ତ ରଖିଛି। ନିଜ ଆଶାକୁ ପୂରଣ କରିବାକୁ ଦିନେ ମୁଁ ମନ ଦୃଢ଼ କରି ଆଗେଇଥିଲି। ଆଜି ଯେଉଁଠି ପହଞ୍ଚିପାରିଛି ତାହା ମୋ ପରିଶ୍ରମର ଉପଯୁକ୍ତ ମୂଲ୍ୟ ବୋଲି କହନ୍ତି ମାନବ।'' ସୋନପୁର ଜିଲାରେ ଜନ୍ମିତ ମାନବ ଏବେ ମୁମ୍ବାଇରେ ଏଡିଟିଂ, ମିକ୍ସିଂ କ୍ଷେତ୍ରରେ ଜଣେ ପରିଚିତ ନାମ। ଏପରି ସେ 'ରୁଦ୍ର ସଲିଟ୍ୟୁନୋଜ କମ୍ପାନୀ' ନାମକ ଏକ ସଂସ୍ଥା ଖୋଲିଛନ୍ତି। ସେ ପୁଣି କହନ୍ତି, ''ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣାରୁ ଆଜି ସବୁ ସମ୍ଭବ ହୋଇଛି। ମୋତେ ମିଳିଥିବା ପ୍ରତିଟି କାମକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ନିକଟରେ 'ପୁଷ୍ପା-୨'ର ପୋଷ୍ଟ ପ୍ରଡକ୍ସନ କାମ କରିବା ବେଳେ ତାହା ସତେଯେମିତି ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଏହାବ୍ୟତୀତ 'ଲକି ଭାସ୍କର', 'ମାର୍କୋ', 'ଖୁସି', 'ଗଡଫାଦର', 'ହିଟ୍-୨', 'ଗୋଲ୍ଡ', 'ରାମା ରାଓ ଅନ ଡିୟୁଟି', 'ଇନେମି' ଆଦି ପ୍ରୋଜେକ୍ଟର ଏଡିଟିଂ, ମିକ୍ସିଂ କାମ ଶେଷ କରିଛି। ଏହାବ୍ୟତୀତ ସୋନି, ଷ୍ଟାର ଗୋଲ୍ଡ, କଲର୍ସ, ଜୀ, ବିଫରୟୁ ଏବଂ ଏଣ୍ଟରଟେନ୍‌ପରି ନାମୀ ଚ୍ୟାନେଲ ସହ ମୁଁ ମଧ୍ୟ ଜଡିତ।''

# ଅପେକ୍ଷା ଦୁଇ ଘଣ୍ଟାର

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏକଦା ତାଙ୍କୁ ଏକ ଶୁଟିଂ ସେଟ୍‌ରେ ପାଖାପାଖି ଦୁଇ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ କ'ଣ ପାଇଁ ଜାଣିବେନି? ଶୁଟିଂ ସମୟରେ ତ ଲଞ୍ଚ ଆଉ ଡିନର ବ୍ରେକ୍ ନିଶ୍ଚୟ ଥିବ। ହେଲେ ସେ ପୁଣି ଖାଇବାକୁ ଏତେ ସମୟ କାହିଁକି ଅପେକ୍ଷା କଲେ? କଥା କ'ଣ କି ସେଦିନ ତାଙ୍କର ମନ ହେଲା ବଟର ଚିକେନ ଆଉ ନାନ୍ ଖାଇବାକୁ। ହେଲେ ଡିନରରେ ସେଦିନ ସେପରି ଆୟୋଜନ ନ ଥିଲା। ତେଣୁ ପ୍ରଯୋଜକ ବାଧ୍ୟ ହୋଇ ଅନନ୍ୟାଙ୍କର ଏହି ପସନ୍ଦୀୟ ଖାଦ୍ୟ ନିକଟସ୍ଥ ଏକ ହୋଟେଲରୁ ମଗାଇଥିଲେ। ଯଦିଓ ଖାଦ୍ୟ ଆସି ଶୁଟିଂ ସେଟ୍‌ରେ ପହଞ୍ଚିବାକୁ ପାଖାପାଖି ଦୁଇ ଘଣ୍ଟା ଲାଗିଯାଇଥିଲା ହେଲେ ସେ ପର୍ଯ୍ୟନ୍ତ ଅନନ୍ୟା ଅପେକ୍ଷା କରିଥିଲେ। କେବଳ ସେତିକି ନୁହେଁ ତାଙ୍କ ଖାଇବା ପାଇଁ ଯେମିତି ଶୁଟିଂ ପ୍ରଭାବିତ ନ ହୁଏ ତେଣୁ ତା' ଭିତରେ ଦୁଇଟ୍ ଶଟ୍ ମଧ୍ୟ ସେ ଦେଇସାରିଥିଲେ। ଏ ବିଷୟରେ ଅନନ୍ୟା କହନ୍ତି, ''ଏଭଳି ଘଟଣା ଘଟିଥିଲା 'ଖେଲ୍ ଖେଲ୍ ମେଁ' ଶୁଟିଂ ସମୟରେ। ଯେତେବେଳେ ପ୍ରଯୋଜକ ଭୂଷଣ କୁମାର ମୋ ଖାଇବା ବିଷୟରେ ଜାଣିବାକୁ ପାଇଲେ ସେ ବିଳମ୍ବ ନ କରି ସେଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ଏକ ହୋଟେଲରୁ ମୋ ପାଇଁ ବଟର ଚିକେନ୍ ଆଉ ନାନ୍ ମଗାଇଥିଲେ। ହେଲେ ତା' ଭିତରେ ମୁଁ ଦୁଇଟି ଶଟ୍ ଦେଇ ସାରିଥିଲି।'' ବର୍ତ୍ତମାନ ଅନନ୍ୟା ଅଭିନୟ କରିଥିବା 'ଶଙ୍କରା'ର ଶୁଟିଂ ନିକଟରେ ଶେଷ ହୋଇଛି।



ଅନନ୍ୟା

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ

ଦକ୍ଷିଣ ଭାରତୀୟ ସିନେମା ଜଗତରେ ଅନ୍ୟତମ ପରିଚିତା ଅଭିନେତ୍ରୀ ହେଉଛନ୍ତି ଅନୁଷ୍କା ସେଟ୍ଟି। ହେଲେ ଅଭିନୟ କ୍ଷେତ୍ରରେ ପାଦ ଥାପିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି? ଏହାପୂର୍ବରୁ ସେ ଯୋଗ ପ୍ରଶିକ୍ଷଣ ଦେଉଥିଲେ। କେବଳ ସେତିକି ନୁହେଁ, ଏ କ୍ଷେତ୍ରରେ ସେ ମଧ୍ୟ ସାଉଁଟି ଥିଲେ ବେଶ୍ ପ୍ରଶଂସା। ଏକଦା ତାଙ୍କୁ ଅଭିନୟକୁ କ୍ୟାରିୟର କରିବାକୁ ପଡ଼ିବ ସେ କଥା ସେ କେବେ ଭାବି ନ ଥିଲେ। ଥରେ ବିଶିଷ୍ଟ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ଏକ ଫିଲ୍ମର ଅଡିଶନରେ ସିଲେକ୍ଟ ହେବା ପରେ ଅଭିନୟ ପ୍ରତି ତାଙ୍କର ମନ ଢଳିଥିଲା। ଅନୁଷ୍କାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ସୁପର' ଏବଂ ଏହା ୨୦୦୫ରେ ରିଲିଜ ହୋଇଥିଲା। ଏହାର ନାୟକ ସାଜିଥିଲେ ନାଗାର୍ଜୁନ। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ଅନୁଷ୍କା ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ।



ଅନୁଷ୍କା

# ଆଞ୍ଜେଲ

ସସ୍‌ପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଞ୍ଜେଲ'। ଏହି ଚିତ୍ରଟି ଚଳିତ ମାସ ୩୧ରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ସଂଘମିତ୍ରା ବେହେରା। ଶୁଭମ ସିନେ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ଏହାର କାହାଣୀ ଅନୁସାରେ ଜଣେ ସାହସୀ ପୋଲିସ ଅଧିକାରୀ ସୂର୍ଯ୍ୟକାନ୍ତ ସାମନ୍ତରାୟଙ୍କ ୮ ବର୍ଷର ଝିଅକୁ ତାଙ୍କ ବାସଭବନରୁ ଅପହରଣ କରାଯାଇଛି। ଅନ୍ୟପକ୍ଷରେ ନିଜ ବିଭାଗର ଖ୍ୟାତିକୁ ବଞ୍ଚାଇରଖିବା ପାଇଁ ୨୪ଘଣ୍ଟା ମଧ୍ୟରେ ମାଷ୍ଟରମାଇଣ୍ଡକୁ



'ଆଞ୍ଜେଲ' ଫିଲ୍ମରେ ପାର୍ଥ

ଧରିବା ପୋଲିସ ବିଭାଗ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଯାଇଛି। ତେବେ କିଏ କରିଛି ଏ ଅପହରଣ ଏବଂ କାହିଁକି କରିଛି? ସୂର୍ଯ୍ୟକାନ୍ତ ମାଷ୍ଟରମାଇଣ୍ଡକୁ ଧରି ପାରିବେ ତ ? ଏସବୁ ପ୍ରଶ୍ନଗୁଡ଼ିକର ଉତ୍ତର ରହିଛି ସିନେମାରେ। ଚଳଚ୍ଚିତ୍ରର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜିତେନ୍ଦ୍ରୀୟ ପ୍ରଧାନ। ପାର୍ଥସାରଥି ରାୟ, କାଭ୍ୟା କିରଣ, ପ୍ରସନଜିତ ମହାପାତ୍ର, ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୃଜନ, ସୂର୍ଯ୍ୟକାନ୍ତ ଦଳେଇ, ଟୁକୁନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଶିଶୁ କଳାକାର ସାଇ ତ୍ରିଷ୍ଟା ଆଞ୍ଜେଲ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ ଚନ୍ଦ୍ର ପରିଡା। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଶେଷ ଦାସ। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡିଆ ପ୍ଲାନରର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।

# ସନ୍ନିଙ୍କ ଗଡ୍‌ଫାଦର

ବଲିଉଡ୍‌ରେ ସନ୍ନି ଦେଓଲ ଅଭିନୟରେ କେତେକ ପାରଙ୍ଗମ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ପ୍ରଥମ ଫିଲ୍ମ 'ବେତାବ' ହେଉ ଅବା 'ଘାୟଲ', 'ଦାମିନୀ', 'ଗଦ୍ଦର-ଏକ ପ୍ରେମ କଥା', 'ଜିତ୍' ଏବଂ 'ବର୍ଡର' ପରି ସୁପରହିଟ୍ ଫିଲ୍ମରେ ସେ ନିଜ ଅଭିନୟ ଛାପ ଛାଡିଯାଇଛନ୍ତି। ତେବେ ସେ କାହା ଅଭିନୟ ଦ୍ୱାରା ବେଶି ପ୍ରଭାବିତ ହୋଇଛନ୍ତି? ହିନ୍ଦୀ ସିନେମାରେ ହି-ମ୍ୟାନ୍ ଭାବରେ ପରିଚିତ ଧର୍ମେନ୍ଦ୍ରଙ୍କ ଏହି ଜ୍ୟେଷ୍ଠ ପୁତ୍ର ନିଜ ପିତାଙ୍କୁ ଗଡ୍‌ଫାଦର ଭାବରେ ମାନି ଥାଆନ୍ତି। ସିନେମା ସମ୍ପର୍କିତ ପ୍ରତିଟି କଥା ସେ ତାଙ୍କ ସହ ଶେୟାର କରିବାକୁ ଭୁଲି ନ ଥାନ୍ତି। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସନ୍ନି ବର୍ମିଂହାମ୍‌ରେ ଆକ୍ଟିଂ କୋର୍ସ କରିବାକୁ ଯାଉଥିଲେ। ସେତେବେଳେ ସେ ନିଜ ସହ ଧର୍ମେନ୍ଦ୍ର ପିନ୍ଧୁଥିବା ଏକ ଜିନ୍ସକୁ ସାଙ୍ଗରେ ନେଇଥିଲେ। ପରଦା ଉପରେ ଆକ୍ସନ ଭୂମିକାକୁ ଜୀବନ୍ତ ଭାବରେ ତୁଲାଇଥିବା ଏହି ଅଭିନେତା ଯେତେବେଳେ ଧର୍ମେନ୍ଦ୍ରଙ୍କ ସାମନାରେ ବସନ୍ତି ସେତେବେଳେ ସେ କେତେ ଶାନ୍ତ ତାହା ଦେଖିବାକୁ ମିଳିଥାଏ। ଏପର୍ଯ୍ୟନ୍ତ ସେ କଦାପି ତାଙ୍କ ପାପାଙ୍କ ସମ୍ମୁଖରେ ମୁଣ୍ଡ ଟେକି କଥା ହୋଇ ନାହାନ୍ତି। ଦୀର୍ଘ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ସେ ନିଜକୁ ବଲିଉଡ୍ ସହ ଜଡିତ ରଖିଛନ୍ତି। ତାଙ୍କ ଅଭିନୀତ 'ଲାହୋର ୧୯୪୭', 'ଜାଟ୍' ଏବଂ 'ବର୍ଡର ୨' ଚଳିତବର୍ଷ ରିଲିଜ ହେବାର ଯୋଜନା ରହିଛି।

# ପୋଷାହାତୀ ଭବାନୀ ଅସୁସ୍ଥ



ପୋଷାହାତୀ ଭବାନୀ।

**ବାରିପଦା,୨୨।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ୬୦ ବର୍ଷର କୁମ୍‌କୀ ପୋଷାହାତୀ ଭବାନୀ ଅସୁସ୍ଥ ହୋଇପଡ଼ିଛି। ତା'ର ସ୍ୱଭାବରେ ପରିବର୍ତ୍ତନ ହେବାରୁ ପ୍ରାଣୀ ଚିକିତ୍ସକମାନେ ଚିକିତ୍ସା ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ୨୦୦୧ରେ କର୍ଣ୍ଣାଟକରୁ ତାଲିମପ୍ରାପ୍ତ ଦନ୍ତାହାତୀ ମହିନ୍ଦ୍ରା, ଶୋଭା ଓ ଭବାନୀଙ୍କୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା। ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରହି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଥିଲା। ଭବାନୀ ପିଠିରେ ବସି ବନ କର୍ମଚାରୀମାନେ ପାଟ୍ରୋଲିଂ ଭଳି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପନ୍ନ କରୁଥିଲେ। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ହାତୀଙ୍କୁ ଘଉଡ଼ାଇବାରେ ଭବାନୀ ସହଯୋଗ କରୁଥିଲା। କିଛିଦିନ ତଳେ ମହାବଳ ବାଘୁଣୀ ଜିନ୍ନତ ଓ ଯମୁନାକୁ ଟ୍ରାକିଂ କରିବା ପାଇଁ ଜେନାବିଲ ରେଞ୍ଜରେ ମହିନ୍ଦ୍ରା, ରାଜକୁମାର, ଶିବାନୀ ଓ ଭବାନୀଙ୍କୁ ରଖାଯାଇଥିଲା। ତେବେ ଜାନୁଆରୀ ୧୨ ତାରିଖ ରାତି ୧୦ଟା ସମୟରେ ମହିନ୍ଦ୍ରାର ମୃତ୍ୟୁ ହୋଇଥିବା ବେଳେ ଏବେ ଭବାନୀ ମଧ୍ୟ ରୋଗାକ୍ରାନ୍ତ ହୋଇପଡ଼ିଛି। ମଙ୍ଗଳବାର ରାତିରେ ସେ ବାଉଁଶପତ୍ର ଖାଇବା ସହ ପାଖାପାଖି ୫୦ ଲିଟର ପାଣି ପିଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ହାତୀଟି ଖାଦ୍ୟ ପାନୀୟ ଗ୍ରହଣ କରି ଚଳପ୍ରଚଳ କରୁଥିବା ସୂଚନା ମିଳିଛି। ତା'ର ଚିକିତ୍ସା ପାଇଁ ବନ ବିଭାଗ ତତ୍ପରତା ପ୍ରକାଶ କରିଛି।

# ଭିତରକନିକାରେ ୧୫ ବଉଳା କୁମ୍ଭୀର ବଢ଼ିଲେ

**ରାଜନଗର,୨୨।୧**
**(ଭାସ୍କର ରାଉତରାୟ)**



ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧିପାଇଛି। ୨୦୨୪ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡିକରେ ୧୮୧୧ଟି ବଉଳାକୁମ୍ଭୀର ଥିଲେ। ଚଳିତବର୍ଷ ଏହି ସଂଖ୍ୟା ୧୮୨୬କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷଠାରୁ ଚଳିତ ବର୍ଷ ୧୫ଟି କୁମ୍ଭୀର ଅଧିକ ଥିବା ବୁଧବାର ପ୍ରକାଶିତ ଗଣନା ରିପୋର୍ଟରୁ ଜଣାପଡ଼ିଛି।

ଚଳିତବର୍ଷ ଭିତରକନିକାରେ କନିକା ରେଞ୍ଜର ପାଇଁଶାଳାମାଉଥରୁ ଏଫ୍‌ଆର୍‌ଏଚ୍‌ଜେଠି ମଧ୍ୟରେ ୨ଟି, ଏଫଆର୍‌ଏଚ୍ ଜେଠିରୁ ଖୋଳାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଟିମ୍ ଗଣନା ସମୟରେ ଠାବ କରିଛନ୍ତି। ଚଳିତ ମାସ ୧୯ ତାରିଖରୁ ୨୧ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବବିଜ୍ଞାନୀ, ଗବେଷକ, କୁମ୍ଭୀର ବିଶାରଦ ଡ. ସୁଧାକର କରଙ୍କ ନେତୃତ୍ୱରେ ୨୨ଟି ଟିମ୍ କୁମ୍ଭୀର ଗଣନା କରିଥିଲେ। ଏହି ଗଣନା ସମୟରେ କୁମ୍ଭୀର ଶାବକ (ଛୁଆ) ଅର୍ଥାତ୍ ୨ ଫୁଟରୁ କମ ଲମ୍ବର କୁମ୍ଭୀର ୫୮୫ଟି, ବର୍ଷକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ କୁମ୍ଭୀର ୪୦୩ଟି, ଦୁଇବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟ ଲମ୍ବର କୁମ୍ଭୀର ୩୨୮ ଟି, ୪ ରୁ ୫ ବର୍ଷର ଅର୍ଥାତ୍ ୬ରୁ ୮ ଫୁଟ ଲମ୍ବର କୁମ୍ଭୀର ୧୬୪ଟି ଦେଖିବାକୁ ମିଳିଥିବା ବେଳେ ବଡ଼ କୁମ୍ଭୀର ଅର୍ଥାତ ୮ ଫୁଟରୁ ଅଧିକ ଲମ୍ବର ୩୪୬ଟି କୁମ୍ଭୀର ଗଣନା ବେଳେ ଠାବ କରାଯାଇଛି ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ୧୯୭୬ ମସିହାଠାରୁ ଭିତରକନିକାରେ କୁମ୍ଭୀର ଗଣନା କରାଯାଉଛି। ହୁଲିଡଙ୍ଗାରେ ପାରମ୍ପରିକ ପଦ୍ଧତି ସହିତ ପଲିଗନ ସର୍ଚ୍ଚ ଆପ୍ ମାଧ୍ୟମରେ କୁମ୍ଭୀର ଗଣନା କରାଯାଇଥିଲା। ଚଳିତବର୍ଷ କୁମ୍ଭୀର ଗଣନା ପ୍ରକ୍ରିୟାକୁ ୫୦ବର୍ଷ ପୂରିଛି। ଏହି ଗଣନା ସୂର୍ଯ୍ୟ ଉଦୟ ଏବଂ ସୂର୍ଯ୍ୟାସ୍ତ ପରେ ଅନ୍ଧାର ମଧ୍ୟରେ କରାଯାଇଥାଏ।

# ମାଓବାଦୀ ତାଲିମ ଶିବିରକୁ କବ୍‌ଜାକଲେ ଯବାନ

**ମାଲକାନଗିରି, ୨୨।୧**
**(ଦୁର୍ଯ୍ୟୋଧନ ପାତ୍ର)**



ଯବାନମାନେ ମାଓବାଦୀ ସ୍ତୁପକୁ ଭାଙ୍ଗୁଛନ୍ତି।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଭଜିଗୁଡ଼ା ଜଙ୍ଗଲରେ ମାଓବାଦୀମାନେ ନିର୍ମାଣ କରିଥିବା ହାଇଟେକ୍ ତାଲିମ ଶିବିରକୁ ଯବାନମାନେ ନିଜ କବ୍‌ଜାକୁ ଆଣିଛନ୍ତି। କୋବ୍ରା ବାଟାଲିୟନର ଯବାନମାନେ ବୁଧବାର ମାଓବାଦୀ ଦମନ ନିମନ୍ତେ ତଲାସି ଅଭିଯାନ କରୁଥିବା ବେଳେ ଉକ୍ତ ତାଲିମ ଶିବିରକୁ ଠାବ କରିଥିଲେ। ମାଓବାଦୀ ଗଡ଼କୁ ଧ୍ୱଂସ କରିବାକୁ ହେଲେ ଏହି ଶିବିରକୁ ମଧ୍ୟ ନଷ୍ଟକରିବାର ଆବଶ୍ୟକତା ଥିବାରୁ ଏହାକୁ ନିଜ ଅକ୍ତିଆରକୁ ନେଇଛନ୍ତି ଯବାନ। ଏହି ତାଲିମ ଶିବିରରେ ନିର୍ମିତ ସ୍ମାରକୀ ସ୍ତମ୍ଭକୁ ମଧ୍ୟ ଭାଙ୍ଗିଦେଇଛନ୍ତି। ଏହି ଶିବିରଟି ମାଓବାଦୀ ସଙ୍ଗଠନ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥିବାବେଳେ ଅନେକ ସମୟରେ ସେମାନେ ଏଠାରୁ ହିଁ ବିଭିନ୍ନ ଆକ୍ରମଣର ଯୋଜନା କରୁଥିଲେ। ତାଲିମ ଶିବିରରେ ମାଓବାଦୀମାନେ ବଡ଼ ବଡ଼ ଗଛକୁ ମଧ୍ୟ ବିଭିନ୍ନ ତାଲିମ ପାଇଁ ବ୍ୟବହାର କରୁଥିବାବେଳେ ସେଠାରେ ବିଧିବଦ୍ଧ ଭାବରେ କଂକ୍ରିଟ ବାରାକ ଏବଂ କୁଡ଼ିଆ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା, ଯାହାକୁ ଯବାନମାନେ ନଷ୍ଟକରିବା ସହ ଏହି ଶିବିରକୁ ନିଜ ଆୟତ୍ତକୁ ନେଇ ଅଞ୍ଚଳରେ ମାଓବାଦୀ ସଙ୍ଗଠନକୁ ଦୁର୍ବଳ କରିଥିବା କୁହାଯାଉଛି।

# ୧ରୁ ଅନ୍‌ଲାଇନରେ ଶିମିଳିପାଳ ପ୍ରବେଶ ଅନୁମତି

**ବାରିପଦା,୨୨।୧**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଏଣିକି କେବଳ ଅନ୍‌ଲାଇନ ମାଧ୍ୟମରେ ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ପ୍ରଦାନ କରାଯିବ। ଆସନ୍ତା ଫେବୃଆରୀ ୧ରୁ ଏହି ବ୍ୟବସ୍ଥା ଲାଗୁ ହେବ। ଯେଉଁମାନେ ଅନ୍‌ଲାଇନରେ ବୁକ୍ କରିଥିବେ,ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଶିମିଳିପାଳର ପିଠାବଟା ଓ କାଳିକାପ୍ରସାଦ (ଜାମୁଆଣି) ଗେଟ୍ ଦେଇ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରୁଥିଲେ। ବ୍ୟକ୍ତିଗତ ଯାନବାହନ ପାଇଁ ପର୍ଯ୍ୟଟନ ପରମିଟ ପ୍ରଦାନରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ଆସନ୍ତା ୧ରୁ କେବଳ ଅନ୍‌ଲାଇନ୍ ମାଧ୍ୟମରେ ବୁକ୍ କରିଥିବା ପର୍ଯ୍ୟଟକମାନଙ୍କୁ ପ୍ରବେଶ କରିବାକୁ ପରମିଟ୍ ପ୍ରଦାନ କରାଯିବା ନେଇ ନିୟମ ଜାରି କରାଯାଇଛି। ତତ୍କାଳ ଭାବେ ଶିମିଳିପାଳ ମଧ୍ୟକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ପ୍ରବେଶ ପାଇଁ କେବଳ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଶିମିଳିପାଳ ଡଟ୍ ଓଆର୍‌ଜି/ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଇକୋଟୁର ଓଡ଼ିଶା ଡଟ୍‌କମ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏ ନେଇ ବିଭାଗୀୟ ପତ୍ରସଂଖ୍ୟା ୧୪/୨୨ ଜାନୁଆରୀ ୨୦୨୫ ଅନୁଯାୟୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି।

# 'ଲୋକଙ୍କୁ ମିଳିବ କମ୍ ବିଦ୍ୟୁତ୍ ଖର୍ଚ୍ଚ ହେଉଥିବା ଉପକରଣ'

**ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)**

> ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ଉପସ୍ଥାପନା ପ୍ରଦର୍ଶନ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ବୁଧବାର ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ଏନର୍ଜି ଏଫିସିଏନ୍ସି ସର୍ଭିସ(ଇଇଏସ୍‌ଏଲ୍)ର ବରିଷ୍ଠ ଅଧିକାରୀ ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ସହ ସହଭାଗିତାରେ କାର୍ଯ୍ୟକରି ଉପଭୋକ୍ତାଙ୍କୁ କମ୍ ବିଦ୍ୟୁତ୍ ଖର୍ଚ୍ଚ ହେଉଥିବା ଉପକରଣ ସୁଲଭ ମୂଲ୍ୟରେ ଯୋଗାଇଦେବା ବିଷୟରେ ଆଲୋଚନା କରାଯାଇଛି। ଉର୍ଜାବୀର, ଜିଓଭିଇଏଏସ୍‌ଇଇ ଭଳି ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଏନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି। ସରକାରୀ ଅଫିସ ଗୁଡିକରେ ବହୁବର୍ଷ ଧରି ଚାଲି ଆସୁଥିବା ପୁରୁଣା ଫ୍ୟାନ୍‌ଗୁଡ଼ିକୁ ବଦଳାଇ ଶକ୍ତି ସଂରକ୍ଷଣ କରୁଥିବା ଫ୍ୟାନ ଓ ବୈଦ୍ୟୁତିକ ଉପକରଣ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଛି। ଯୋଜନାଗୁଡ଼ିକୁ ଭଲଭାବେ ତର୍ଜମାକରି ଆଗାମୀ ପଦକ୍ଷେପ ନେବା ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ ପ୍ୟାରୀମୋହନ ମିଶ୍ର ଏବଂ ଇଇଏସ୍‌ଏଲ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ବାହାଘର ଶୋଭାଯାତ୍ରାରେ ବାଣ ବିସ୍ଫୋରଣ, ଯୁବକ ମୃତ

**ତାଳଚେର,୨୨।୧ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ବର ଘରୁ ବିବାହ ଶୋଭାଯାତ୍ରା ବାହାରୁଥିବା ବେଳେ ବାଣ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଣ୍ଢୁବା ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏହି ଅଘଟଣ ଘଟିଛି। ମୃତ ଯୁବକ ତାଳଚେର ଥାନା ସନ୍ଥପଡ଼ା ଗ୍ରାମର ଉଗ୍ରସେନ ବେହେରା (୪୫) ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ଗ୍ରାମରୁ ଏକ ବିବାହ ଶୋଭାଯାତ୍ରା ବାହାରି ଦେବଗଡ଼ ଅଭିମୁଖେ ଯାଉଥିଲା। ଏହି ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଥିବା ବେଳେ ଉଗ୍ରସେନ ଫୁଟାଉଥିବା ବାଣ ଗଛିତ ଥିବା ବାଣ ଉପରେ ପଡିବାରୁ ବିସ୍ଫୋରଣ ହୋଇଥିଲା। ଫଳରେ ଉଗ୍ରସେନଙ୍କ ମୃତ୍ୟୁ ହୋଇଥିବା ରେଙ୍ଗାଳି ଆଇଆଇସି ଜୟନ୍ତ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


## OFFICE OF DISTRICT COLLECTOR, KHORDHA (EXCISE SECTION)

NOTICE INVITING APPLICATION FOR SETTLEMENT OF 1 (ONE) NO. OF IMFL "OFF" SHOP AND 1 (ONE) NO. OF COUNTRY LIQUOR SHOP IN BHUBANESWAR EXCISE DISTRICT

No. 300, Ex., Dtd. Date : 20.01.2025

**No.F-121** : Applications are invited for settlement of **1 (One) No. of IMFL "OFF" Shop and 1 (One) No. of Country Liquor Shop** in Bhubaneswar Excise District for the remaining period of 2024-25 by way of lottery.

The persons interested to participate may apply in **'Form-B'** through the portal **https://stateexcise.odisha.gov.in** from **17.01.2025 to 30.01.2025 (5:30 P.M.)**. Lottery will be conducted on **31.01.2025** at **4:00 P.M.** in **DRDA Conference Hall, Collectorate, Khordha.**

The details of the shop to be settled and the terms and conditions applicable thereof are available in the said website and the notice boards of the District Excise Office, Bhubaneswar and Collectorate, Khordha.

Toll Free No. 18003456713.

By Order of Collector
Sd./- Superintendent of Excise, Bhubaneswar

OIPR-36016/11/0001/2425

See Career Appointment on every Wednesday & Saturday

## ODISHA UNIVERSITY OF TECHNOLOGY AND RESEARCH P.O.
MAHALAXMI VIHAR, BHUBANESWAR - 751 029

Notice No. OUTR/SELS/CSCEDS/2024-25/25 Date : 20.01.2025

**No.KK-326 : E-Tenders are invited** under two bid systems from reputed Original Manufacturers/Registered Firms/Authorised Dealers/Agencies for supply of "Drone under CSCEDS Project" of **School of Electronic Sciences at OUTR, Bhubaneswar".**

Date of available inTenders Odisha Portal : 22.01.2025 at 06.00 P.M.

Last date and time of submission of Bid : 12.02.2025 upto 6.00 P.M. For details : Please visit : http://tendersodisha.gov.in & http://www.outr.ac.in For Technical query please contact : Prof. Tapas Kumar Patra, Phone No - 9438020131, Email : tkpatra@outr.ac.in

Sd./- REGISTRAR
OIPR-16005/11/0058/2425

## ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା ୩୧୨ ତା୨୦।୦୧।୨୦୨୫

**ନୋଟିସ** No.C-1516

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୪।୦୨।୨୦୨୫ରିଖଠାରୁ ତା୧୭।୦୨।୨୦୨୫ରିଖ ପର୍ଯ୍ୟନ୍ତ ଖଣ୍ଡଗିରିଠାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ। ଏହି ମେଳାରେ ଦୋକାନ / ମିନାବଜାର ଇତ୍ୟାଦି ନିମନ୍ତେ ସ୍ଥାନ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟବସାୟୀ / ଅନୁଷ୍ଠାନ ମଣ୍ଡଳ ଆୟୁକ୍ତ (I/C) ଦକ୍ଷିଣ ପଶ୍ଚିମ ମଣ୍ଡଳ, ରେଣ୍ଟାଲ କଲୋନୀ, ଭୁବନେଶ୍ୱରଙ୍କ ନିକଟରେ ତା୨୮।୦୧।୨୦୨୫ରିଖ ଅପରାହ୍ନ ଘ୪.୦୦ଟିକା ମଧ୍ୟରେ ବିଗତ ବର୍ଷର ପୁରାତନ ରସିଦର କପି ଓ ପରିଚୟପତ୍ର ସହିତ ସାଦା କାଗଜରେ ଦରଖାସ୍ତ କରିପାରିବେ। ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଆବଶ୍ୟକ ସ୍ଥଳେ କ୍ଷମତାପ୍ରାପ୍ତ ଅଧିକାରୀ ଉପରିସ୍ଥ ନିୟମକୁ ପରିବର୍ତ୍ତନ କରିପାରିବେ। ଚୟନ ସର୍ତ୍ତାବଳୀ ମହାନଗର ନିଗମ ଦକ୍ଷିଣ ପଶ୍ଚିମ ମଣ୍ଡଳ ଦ୍ୱାରା ଗଠିତ ଚୟନ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯାଇ ଚୟନ କରାଯିବ।

ସ୍ୱା./- ମଣ୍ଡଳ ଆୟୁକ୍ତ (I/C)
(ଦକ୍ଷିଣ ପଶ୍ଚିମ ମଣ୍ଡଳ)
OIPR-13002/11/0139/2425 ଭୁବନେଶ୍ୱର ମହାନଗର ନିଗମ

## ODISHA PUBLIC SERVICE COMMISSION, CUTTACK

**NOTICE**
No.539/P.S.C., Dt. 21.01.2025
(1E-11-2024/25) (DR-II)

**No.D-241** : In continuation to this office Notice No. 243/PSC, dt. 10.01.25, it is for information of all concerned that the Written Examination for recruitment to the post of **Assistant Microbiologist**, Group-B of Odisha Food Testing Laboratory cadre under Health & Family Welfare Department, pursuant to the Advertisement No. **07 of 2023-24** will be held at Cuttack zone as per the following programme.

**Programme of Examination**

| Date | Time | Name of the Examination Centre and Address | Total Candidates alloted |
|---|---|---|---|
| 18.02.2025 (Tuesday) | 10.00 A.M. to 01.00 P.M. | KMBB Science Higher Secondary School, CAMPUS-II, Naranpur, Trisulia, CUTTACK - 754005 | 352 |

The candidates are required to download their **"Admission certificate"** and **"Instruction to Candidates"** from website of the Commission **(www.opsc.gov.in)** from **12.02.2025 onwards**.

OIPR-12002/11/0139/2425 Sd./- Secretary

## OFFICE OF THE BASUDEVPUR MUNICIPALITY BHADRAK

No. 344 Date : 18.01.2025

**E-Procurement Notice**
BID Identification No. BM_TCN_06_2024-25

**No.C-1511** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const works as mentioned in DTCN
2. No. of works : 05 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 22.01.2025 (10 A.M.) to 28.01.2025
6. Last date and time for receipt : 28.01.2025 up to 5.00 P.M.
7. Bids received online shall be opened on : 29.01.2025 from 11 A.M. onwards
8. Name and address of the Officer Inviting Bid : Executive Officer, Basudevpur Municipality

Sd./- Executive Officer
Basudevpur Municipality
OIPR-13135/11/0011/2425

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା - ମାଲକାନଗିରି
## OFFICE OF THE PANCHAYAT SAMITI, CHITRAKONDA, DIST. - MALKANGIRI

e-mail : ori-kudumulugumma@nic.in, Mob No. - 8658570050

TENDER CALL NOTICE No.- 03/ 2024-25 DATED : 20.01.2025

**No.i-435** : Sealed tenders are invited from the registered "D & C" and C & B Class Contractors of the state PWD (R&B)/Water Resources/Rural works/M.I/CPWD in prescribed form to be eventually drawn in P.W.D. form No.P1.The filled in tender form shall be received through registered/speed post only at Office of the Block Development Officer, Chitrakonda, Dist. - Malkangiri by 5.00 P.M. of 12th Feb, 2025 for the work **"AS PER THE FOLLOWING TABLE" for the year 2024-25 on GPLF building & Samagra Sikshya. The last date of selling and dropping of tender papers is 11.02.2025 and 12.02.2025**. All the tender forms received shall be opened before the tender committee in the presence of the tenderers or their authorized representatives at 12.00 A.M. on 14th Feb, 2025 at the Block Conference Hall of Chitrakonda. The details of the Tender Schedule of the said projects is appended with this as **Annexure-I**.

The detailed terms and conditions is available in the official website https://ww.malkangiri.nic.in.

The detail last date & time of receipt of tender paper, date and time of opening of tender paper, venue etc. are mentioned in the bid documents. The Authority reserves the right to reject any or all tenders without assigning any reason thereof.

Sd./- Block Development Officer, Chitrakonda
OIPR-19312/11/0006/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, KHARIAR

Phone No.06671-224074, e-mail: eerwkhariar@gmail.com

**e-Procurement Notice**
BID IDENTIFICATION NO.RWKHR-11/2024-25 (Online)

**No.O-1306:**Bid documents consisting of Work, Estimated Cost, EMD, Cost of Tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the Work: Roads & Building Works. 2. Total No. of Works: 13 Nos. 3. Estimated Cost: 1.68 to 13.45 Lakhs. 4. Period of Completion: 1 (One) Calendar Months. 5. Other details:-

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, R.W. Division, Khariar | RWKHR-11/2024-25 (Online) | 27.01.2025 At 10.00 AM | 03.02.2025 Upto 5.00 PM | 03.02.2025 Upto 11.00 AM | 04.02.2025 at 11.00 AM |

Further details can be seen from the website www.tendersodisha.gov.in.

OIPR-25152/11/0006/2425 Sd./- Executive Engineer, Rural Works Division, Khariar

## GOVERNMENT OF ODISHA
No.O-1310
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE:SUNDARGARH

AT/PO-SANKARA, SUNDARGARH-770020,E-mail address:serw_sundargarh@yahoo.com

No.Tender Online-RWCCESNG-16 of 2024-25, Letter No.64/ Dtd.18.01.2025

**e-Procurement Notice**

1. Type of the Work: Building. 2. Class of Contractor: As specified in the column-6 of the Annexure. 3. Time of Completion: As specified in the column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-16 of 2024-25 | 28.01.2025 11.00 AM | 12.02.2025 5.00 PM | 11.02.2025 5.00 PM | 13.02.2025 11.00 AM | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer (I/C)
Rural Works Circle, Sundargarh
OIPR-25133/11/0030/2425

## TENDER NOTICE FOR OFFICE STATIONARY & CONSUMABLE ITEMS OF FMMC&H, BALASORE (2024-25)

**Tender No.232/S/FMMCHB Date:20.01.2025**

No.E-698: FMMC&H, Balasore invites sealed Tender from registered Firm/ Agencies/ Company for **Office stationary & Consumable** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in** . Authority reserves every rights to reject all or any of the Tender without assign any reason thereof.

Sd./- Superintendent
OIPR-10134/11/0030/2425 FMMC&H, Balasore

## TENDER NOTICE FOR WATER PURIFIER & CONSUMABLE ITEMS OF FMMC&H, BALASORE (2024-25)

**Tender No.234/S/FMMCHB Date:20.01.2025**

No.E-700: FMMC&H, Balasore invites sealed Tender from registered Firm/ Agencies/ Company for **Water purifier & Consumable** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in** . Authority reserves every rights to reject all or any of the Tender without assign any reason thereof.

Sd./- Superintendent
OIPR-10134/11/0032/2425 FMMC&H, Balasore

## TENDER NOTICE FOR ELECTRICAL & ELECTRONICS ITEMS OF FMMC&H BALASORE (2024-25)

**Tender No.230/S/FMMCHB Date:20.01.2025**

No.E-696: FMMC&H, Balasore invites sealed Tender from registered Firm/ Agencies/ Company for **Electrical & electronics** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025,11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/www.blsmch.nic.in** . Authority reserves every rights to reject all or any of the Tender without assign any reason thereof.

Sd./- Superintendent
OIPR-10134/11/0028/2425 FMMC&H, Balasore

## TENDER NOTICE FOR HOSPITAL BEDDING CLOTHING & GARMENTS ITEMS OF FMMC&H, BALASORE (2024-25)

**Tender No.235/S/FMMCHB Date:20.01.2025**

No.E-701: FMMC&H, Balasore invites sealed Tender from registered Firm/ Agencies/ Company for **Hospital Bedding clothing & garments** items for FMMC&H, Balasore. The proposal in the prescribed format along with all supportive documents should reach to the Office of the Superintendent, Remuna, FMMCH, Balasore by **Dt. 05.02.2025 upto 5 PM** through Registered Post/ Speed Post/ Courier only and the same will be opened on **dt. 06.02.2025, 11 AM** at Office chamber of Superintendent, Remuna, FMMCH, Balasore. Application from as well as other details will be available and downloaded from district website **www.baleswar.nic.in/ www.blsmch.nic.in** . Authority reserves every rights to reject all or any of the Tender without assign any reason thereof.

Sd./- Superintendent
OIPR-10134/11/0033/2425 FMMC&H, Balasore

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ପ୍ରୀଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟ୍ୟାକ୍ସ ସ୍ଲାବ୍‌ରେ ହୋଇପାରେ ପରିବର୍ତ୍ତନ

**ବଜେଟ ୨୦୨୫**

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ଫେବୃଆରୀ ପହିଲାରେ ଦେଶର ସାଧାରଣ ବଜେଟ ଉପସ୍ଥାପିତ ହେବାକୁ ଯାଉଛି ଏବଂ ଏଥର ଟ୍ୟାକ୍ସ ସ୍ଲାବ୍‌ରେ ପରିବର୍ତ୍ତନ ଏବଂ ନୂତନ ଟିକସ ବ୍ୟବସ୍ଥା ନେଇ ଆଲୋଚନା ହେଉଛି। ଏହି ବଜେଟ ସାଧାରଣ ନାଗରିକ, ବିଶେଷକରି ମଧ୍ୟବିତ୍ତ ଏବଂ ଉଚ୍ଚ ଆୟକାରୀଙ୍କ ପାଇଁ ଆୟକର କ୍ଷେତ୍ରରେ ଅନେକ ଆଶ୍ୱସ୍ତି ଆଶା କରାଯାଉଛି। ୨୦୨୫ ବଜେଟରେ ନୂତନ ଟିକସ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସମୁକ୍ତ କରିବାକୁ ସରକାର ବିଚାର କରୁଛନ୍ତି। ଏହାର ଅର୍ଥ ହେଉଛି ଯଦି ଜଣଙ୍କର ବାର୍ଷିକ ଆୟ ୧୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି ତେବେ ତାଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ ମଧ୍ୟବିତ୍ତମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିବ। ସୂଚନା ଥାଉକି, ବର୍ତ୍ତମାନ, ଯଦି କାହାର ବାର୍ଷିକ ଆୟ ୧୫ ଲକ୍ଷରୁ ଅଧିକ, ତେବେ ଏହା ଉପରେ ୩୦% ଟିକସ ଆଦାୟ କରାଯାଏ। ମାତ୍ର ୨୦୨୫ରୁ ୨୦ଲକ୍ଷ ମଧ୍ୟରେ ଆୟ ଥିବା ଲୋକଙ୍କ ପାଇଁ ବଜେଟ ୨୦୨୫ ରେ ଏକ ନୂତନ ସ୍ଲାବ୍ ପ୍ରଚଳନ କରାଯାଇପାରେ। ଏହି ନୂତନ ସ୍ଲାବ୍‌ରେ ଟ୍ୟାକ୍ସ ୩୦%ରୁ ୨୫% କୁ ହ୍ରାସ କରାଯାଇପାରେ। ଏହି ପରିବର୍ତ୍ତନ ବିଶେଷ ଭାବରେ ଉଚ୍ଚ ଆୟକାରୀ ଗୋଷ୍ଠୀ ପାଇଁ ଶୁଭଙ୍କର ହୋଇପାରେ ଏବଂ ସେମାନେ ଭାରି ଟିକସ ହାରକୁ ଏଡାଇପାରିବେ। ନୂତନ ଟିକସ ବ୍ୟବସ୍ଥାରେ ୭.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ନାହିଁ। ଯଦି ଏହି ସୀମା ୧୦ ଲକ୍ଷକୁ ବୃଦ୍ଧି କରାଯାଏ, ତେବେ ଅନେକ ଲକ୍ଷ ଲୋକ ଏଥିରୁ ଉପକୃତ ହେବେ। ଏହି ପରିବର୍ତ୍ତନ ପରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ସମ୍ପୂର୍ଣ୍ଣ ଟିକସମୁକ୍ତ ହୋଇପାରିବ, ଯେଉଁ କାରଣରୁ ଛୋଟ ଏବଂ ମଧ୍ୟବିତ୍ତ ଲୋକମାନେ ଅଧିକ ଲାଭ ପାଇପାରିବେ। ଅଧିକ କରଦାତାଙ୍କୁ ନୂତନ କର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ଏହାର ଉଦ୍ଦେଶ୍ୟ ରହିଛି। ବଜେଟ ୨୦୨୫ରେ ମଧ୍ୟବିତ୍ତ ଲୋକଙ୍କୁ ରିଲିଫ ଦେବା ସହ ଏହା ଭାରତୀୟ ଅର୍ଥନୀତିରେ ପ୍ରେରଣା ଯୋଗାଇବ। ଟିକସ ଛାଡ଼ ଏବଂ ସ୍ଲାବ୍‌ରେ ପରିବର୍ତ୍ତନ ହେତୁ ଲୋକଙ୍କ ହାତରେ ଅଧିକ ଟଙ୍କା ରହିବ, ଯାହା ସେମାନେ ଖର୍ଚ୍ଚ କରିପାରିବେ। ଏହା ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି ଘଟାଇବ ବୋଲି ଆଶା କରାଯାଉଛି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୨।୧

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୬୭ (୫୬୬.୬୩) ପଏଣ୍ଟ ବଢ଼ି ୭୬,୪୦୫ (୭୬,୪୦୪.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୧ (୧୩୦.୭୦) ପଏଣ୍ଟ ବୃଦ୍ଧି ଘଟି ୨୩,୧୫୫ (୨୩,୧୫୫.୩୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଇପିଏଫ୍‌ଓରେ ଯୋଡ଼ିହେଲେ ୧୪.୬୩ ଲକ୍ଷ ସଦସ୍ୟ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

କର୍ମଚାରୀଙ୍କ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ) ନଭେମ୍ବର ୨୦୨୪ ପାଇଁ ଅସ୍ଥାୟୀ ବେତନ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁଯାୟୀ, ୨୦୨୪ ନଭେମ୍ବରରେ ୧୪.୬୩ ଲକ୍ଷ ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଛନ୍ତି। ୨୦୨୪ ଅକ୍ଟୋବର ତୁଳନାରେ ନଭେମ୍ବରରେ ସଦସ୍ୟଙ୍କ ସଂଖ୍ୟାରେ ୯.୦୭% ବୃଦ୍ଧି ରେକର୍ଡ କରାଯାଇଛି। ସେହିପରି ୨୦୨୩ ନଭେମ୍ବର ତୁଳନାରେ ସଦସ୍ୟଙ୍କ ସଂଖ୍ୟା ୪.୮୮% ବୃଦ୍ଧି ପାଇଛି। ଇପିଏଫ୍‌ଓ ତଥ୍ୟ ଅନୁଯାୟୀ, କର୍ମଚାରୀଙ୍କ ମଧ୍ୟରେ ରୋଜଗାରର ସୁଯୋଗ ଏବଂ ଲାଭ ବିଷୟରେ ସଚେତନତା ବୃଦ୍ଧି ପାଇଛି। ଇପିଏଫ୍‌ଓ କହିଛି ଯେ, ନଭେମ୍ବର ଇପିଏଫ୍‌ଓରେ ଯୋଡ଼ି ହୋଇଥିବା ସଦସ୍ୟଙ୍କ ମଧ୍ୟରେ ପ୍ରାୟ ୮.୭୪ ଲକ୍ଷ ନୂତନ ସଦସ୍ୟ ଅଛନ୍ତି। ଅକ୍ଟୋବର ତୁଳନାରେ ନୂତନ ସଦସ୍ୟଙ୍କ ଯୋଗଦାନ ୧୬.୫୮% ବୃଦ୍ଧି ପାଇଛି। ବାର୍ଷିକ ଭିତ୍ତିରେ ୨୦୨୩ ନଭେମ୍ବର ତୁଳନାରେ ନୂତନ ସଦସ୍ୟଙ୍କ ସଂଖ୍ୟାରେ ୧୮.୮୦% ବୃଦ୍ଧି ଘଟିଛି। ୧୮ ରୁ ୨୫ ବର୍ଷ ବୟସ ବର୍ଗରେ ଯୋଗ ଦେଇଥିବା ସଦସ୍ୟଙ୍କ ସଂଖ୍ୟା ସର୍ବାଧିକ ରହିଛି। ୨୦୨୪ ନଭେମ୍ବରରେ ଇପିଏଫ୍‌ଓରେ ଯୋଗ ଦେଇଥିବା ସଦସ୍ୟମାନଙ୍କ ମଧ୍ୟରୁ ୫୪.୯୭% ୧୮-୨୫ ବୟସ ବର୍ଗର ଅଟନ୍ତି।

# ବଜେଟ ପୂର୍ବବର୍ତ୍ତୀ ସମୟ ସୁନା କିଣିବାର ସୁବର୍ଣ୍ଣ ସୁଯୋଗ:ହଂସ

ଭୁବନେଶ୍ୱର,୨୨।୧

ଚଳିତ ବର୍ଷ ଫେବୃଆରୀରେ ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବେ। ଏହି ସମୟରେ ସରକାର ସୁନା ଉପରେ ସୀମାଶୁଳ୍କ ବଢ଼ାଇପାରନ୍ତି। ଏପରିକି ଶୁଳ୍କ ବଢ଼ିଲେ ସୁନା ଦର ମଧ୍ୟ ସେହି ଅନୁସାରେ ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ବଜାର ବିଶେଷଜ୍ଞଙ୍କ ମତ ଅନୁସାରେ ବର୍ତ୍ତମାନ ସୁନା ଦର କମ୍ ରହିଛି। ଏହି ସମୟରେ ଆବଶ୍ୟକ ସୁନା କିଣିନେବା ଏକ ଲାଭଦାୟୀ ପନ୍ଥା ହେବ। ସେହିଭଳି ୨୦୨୪ ଜୁଲାଇ ୨୩ରେ ପାରିତ ବଜେଟ ଅନୁଯାୟୀ ସୁନାର ସୀମାଶୁଳ୍କ ୧୫%ରୁ କମି ୬% ହୋଇଯାଇଥିଲା। ଏହା ଫଳରେ ସୁନା ଆମଦାନୀ ଆଖିଦୃଶିଆ ଭାବେ ବୃଦ୍ଧି ପାଇଥିଲା ବୋଲି ଲାଲ୍‌ଚାନ୍ଦ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ ସଞ୍ଜୟ ହଂସ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ଗତ ବର୍ଷର ଏହି ଆମଦାନୀ ଶୁଳ୍କରେ ହ୍ରାସ ବ୍ୟବସ୍ଥାର ଭାରସାମ୍ୟ ରକ୍ଷାକରିବା ନେଇ ସରକାର ନିଶ୍ଚିତ ଚିନ୍ତା କରିବେ ଆକଳନ କରାଯାଉଛି ବୋଲି ହଂସ କହିଥିଲେ।


(ଶତାୟୁଭବ) ତୃତୀୟ ଜନ୍ମଦିନର ଶୁଭେଚ୍ଛା



ପ୍ରୀଶା

କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ,
ଓଠେ ଥାଉ ହସ ଜୀବନ ସାରା
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା ।

ଆଶୀର୍ବାଦ ସହ: ପାପା, ମାମା, ଜେଜେ, ଜେଜେମା, ସୀମାଅପା ଓ ଲିମାଅପା ।

ଧ-୭୬୦୪୦


# ଇଡିଆଇଆଇ ଜରିଆରେ ସ୍ଥାୟୀ ଇକୋ ସିଷ୍ଟମ ସୃଷ୍ଟି




ଭୁବନେଶ୍ୱର,୨୨।୧ (ଅଭୟ ଦାଶ)

ବେଦାନ୍ତ ଲିମିଟେଡ୍ ଓଡ଼ିଶାରେ ଉଦ୍ୟୋଗିତା ଓ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଧ୍ୟାନ ଦେଉଛି। ଏପରିକି ଓଡ଼ିଶାର ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଦିଗରେ କମ୍ପାନୀ ବିଭିନ୍ନ ପକ୍ଷକ୍ଷେପ ଗ୍ରହଣ ସହ ଅହମଦାବାଦର ଏଣ୍ଟରପ୍ରେନିୟୋରଶିପ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଇଡିଆଇଆଇ) ଜରିଆରେ ସ୍ଥାୟୀ ଇକୋ ସିଷ୍ଟମ ସୃଷ୍ଟି କରିବାକୁ ଯୋଜନା ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଲିମିଟେଡ୍‌ର ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ପ୍ରକଳ୍ପ ହେଉଛି, ବେଦାନ୍ତ ଲିମିଟେଡ୍ ସହଭାଗିତାରେ ଇଡିଆଇଆଇ ଦ୍ୱାରା ମିଳିତ ଭାବେ ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ମହିଳା ଉଦ୍ୟୋଗୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ସଶକ୍ତ କରିବା। ଏହି ମହତ ଉଦ୍ଦେଶ୍ୟ ଓ ପ୍ରଭାବଶାଳୀ ପଦକ୍ଷେପ ଦ୍ୱାରା ବେଦାନ୍ତ ଏକ ସ୍ଥାୟୀ ଇକୋ ସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଉଲ୍ଲେଖଯୋଗ୍ୟ, ବେଦାନ୍ତ ଲିମିଟେଡ୍ ସିଏସ୍‌ଆର୍ ପଦକ୍ଷେପର ଏକ ଅଂଶ ଭାବେ ଏହା ୨୦୨୨ ଅଗଷ୍ଟରେ ଆରମ୍ଭ ହୋଇଥିବାବେଳେ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ପ୍ରକଳ୍ପ ଝାରସୁଗୁଡ଼ା କାରଖାନା ଆଖପାଖରେ ଥିବା ତିନୋଟି ବ୍ଲକ୍‌ରେ ମହିଳାମାନଙ୍କ ଭିତରେ ଉଦ୍ୟୋଗିତା ଓ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଏ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି, ଏହାର କାର୍ଯ୍ୟକାଳ ଶେଷ ସୁଦ୍ଧା ସମବାୟ ଆଧାରକୁ ୧୦,୦୦୦ ସଂଗୃହୀତ ସଦସ୍ୟଙ୍କୁ ବିସ୍ତାରିତ କରିବା ସହିତ ମହିଳାଙ୍କ ଭିତରେ ୧୦୦% କାର୍ଯ୍ୟକ୍ଷମ ସ୍ଥିରତା ହାସଲ ଉପରେ ଏହା ବିଶେଷ ଧ୍ୟାନ ଦେଇଥାଏ।

# ଅଟୋମୋଟିଭ ଇସ୍ପାତ ଉତ୍ପାଦନ କରିବ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ

ଭୁବନେଶ୍ୱର,୨୨।୧

ଆର୍ସେଲରମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ମିଳିତ ଉଦ୍ୟୋଗ 'ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ'ର ଅତ୍ୟାଧୁନିକ ଅଟୋମୋଟିଭ ଇସ୍ପାତ କାରଖାନାକୁ ୨୦୨୫ରେ କାର୍ଯ୍ୟକ୍ଷମ କରିବାକୁ ଘୋଷଣା କରାଯାଇଛି। ଚଳିତ ବର୍ଷଠାରୁ ଉନ୍ନତ ଅଟୋମୋଟିଭ ଇସ୍ପାତ ଦ୍ରବ୍ୟ ଉତ୍ପାଦନ ପାଇଁ କମ୍ପାନୀର ସମର୍ପିତ ଦୁଇଟି ଅତ୍ୟାଧୁନିକ ଉତ୍ପାଦନ ଲାଇନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ସମଗ୍ର ଅଟୋମୋବାଇଲ କ୍ଷେତ୍ର ପାଇଁ ଆବଶ୍ୟକ ଉଚ୍ଚସ୍ତରୀୟ ଇସ୍ପାତ ଆମଦାନୀ ବଦଳରେ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ପ୍ରୋତ୍ସାହିତ କରାଯିବ। ଏହାବ୍ୟତୀତ ସମସ୍ତ ଉତ୍ପାଦ ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଏବଂ ନିପ୍ପନ ଷ୍ଟିଲ୍‌ର ଗୁଣବତ୍ତା ମାନକ ସହ ମେଳଖାଇବ। ବର୍ତ୍ତମାନ ବିଶ୍ୱସ୍ତରରେ ଉପଲବ୍ଧ କିଛି ଅଫର ଭାରତରେ ପ୍ରଥମ ଥର ପାଇଁ ଉତ୍ପାଦନ କରାଯିବ।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଇଓ ଦିଲୀପ ଉମେନ କହିଛନ୍ତି, ଆମର ଉତ୍ସର୍ଗୀକୃତ ଦୁଇଟି ୟୁନିଟ୍ ଅଟୋମୋଟିଭ୍ କ୍ଷେତ୍ରର ବିକଶିତ ଆବଶ୍ୟକତା ଅନୁଯାୟୀ ଉଚ୍ଚମାନର ପ୍ରିମିୟମ ଇସ୍ପାତ ସମାଧାନ ପ୍ରଦାନ କରିବାର ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଆମର ବିସ୍ତୃତ ଉତ୍ପାଦ ଏବଂ ସେବା ସହ ଆମେ ଅଟୋମୋଟିଭ ନିର୍ମାତାମାନଙ୍କ ମଧ୍ୟରେ ଭଲ ଏବଂ ପସନ୍ଦଯୋଗ୍ୟ ସ୍ଥିତିରେ ରହିଛୁ। ଏହା କାର୍ଯ୍ୟକ୍ଷମ ହେବା ପରେ ଏହି ସଂଯୋଗଗୁଡ଼ିକ କେବଳ ନୂତନ ବିଶ୍ୱସ୍ତରରେ ବ୍ୟାପକ ଭାବେ ସ୍ୱୀକୃତିପ୍ରାପ୍ତ ଅଫର ଉତ୍ପାଦନ କରିବାକୁ ସକ୍ଷମ କରିବ ନାହିଁ ବରଂ ଆମର ପୋର୍ଟଫୋଲିଓ ଏବଂ ଆମର ବଜାର ଅଂଶ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ। ଦେଶର ଇସ୍ପାତ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବା ପାଇଁ ଆମ ରଣନୀତିରେ ଏହି ସମ୍ପ୍ରସାରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ସୁଦୃଢ଼ କରିବାରେ ମଧ୍ୟ ସହାୟକ ହେବ।ସେହିଭଳି ମୂଳ କମ୍ପାନୀର ବୈଷୟିକ ଜ୍ଞାନକୁ ଉପଯୋଗକରି ଏକ କଣ୍ଟିନ୍ୟୁଅସ ଗାଲଭାନାଇଜିଂ ଲାଇନ୍ (ସିଜିଏଲ୍) ଏବଂ ଏକ କଣ୍ଟିନ୍ୟୁଅସ ଗାଲଭାନାଇଜିଂ ଏବଂ ଆନେଲିଂ ଲାଇନ୍ (ସିଜିଏଏଲ୍)କୁ ୨୦୨୫ ମଧ୍ୟରେ କାର୍ଯ୍ୟକ୍ଷମ କରାଯିବ। ଚଳିତ ବର୍ଷରେ ଏହି ଦୁଇ ଲାଇନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି।

# ଆଇଫୋନ୍‌ରେ ଟ୍ରୁକଲର କାର୍ଯ୍ୟକ୍ଷମ

ଭୁବନେଶ୍ୱର,୨୨।୧

ପ୍ରିମିୟମ ସ୍ମାର୍ଟଫୋନ୍ ଆଇଫୋନ୍‌ରେ ଯୋଗାଯୋଗ ପ୍ଲାଟ୍‌ଫର୍ମ ଟ୍ରୁକଲର କାର୍ଯ୍ୟକ୍ଷମ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂଆ ଅପ୍‌ଡେଟ୍ ବର୍ତ୍ତମାନ ସବୁଠି ଆଇଫୋନ୍ ବ୍ୟବହାରକାରୀଙ୍କୁ ଟ୍ରୁକଲରର ସ୍ପାମ୍ ଏବଂ ସ୍କାମ୍ ଅବରୋଧ କ୍ଷମତାର ସମ୍ପୂର୍ଣ୍ଣ ଶକ୍ତି ପ୍ରଦାନ କରୁଛି। ବର୍ତ୍ତମାନ ଏହି ଅପ୍‌ଡେଟ୍ ଆଇଫୋନ୍‌ର ଆଣ୍ଡ୍ରଏଡ୍ ସମକକ୍ଷ ସମସ୍ତ ପ୍ରକାର କଲ୍ ଚିହ୍ନଟ କରିବାର କ୍ଷମତା ରଖିଛି। ଏହା ଆପଲର ଲାଇଭ୍ କଲର ଆଇଡି ଲୁକ୍‌ଅପ୍ ଫ୍ରେମ୍‌ୱାର୍କ ଦ୍ୱାରା ସମ୍ଭବ ହୋଇଛି, ଯାହା ବିଶେଷକରି ଟ୍ରୁକଲର ଭଳି ଆପ୍‌ଗୁଡ଼ିକ ପାଇଁ ଏକ ଗୋପନୀୟତା ସଂରକ୍ଷଣ ଉପାୟରେ ଲାଇଭ୍ କଲର ଆଇଡି ପ୍ରଦାନ କରିବା ପାଇଁ ବିକଶିତ ହୋଇଛି। ଏ ସମ୍ପର୍କରେ ଟ୍ରୁକଲରର ସିଇଓ ରିସିସ୍ ଝୁନ୍‌ଝୁନ୍‌ୱାଲା କହିଛନ୍ତି, ଆଇଫୋନ୍‌ରେ ଟ୍ରୁକଲରର ସମ୍ପୂର୍ଣ୍ଣ ଶକ୍ତି ଆଣିବାକୁ ଆମେ ଉତ୍ସାହିତ ଅଛୁ। ଆଇଫୋନ୍ ଉପଭୋକ୍ତା ସଂଖ୍ୟାରେ ଆମର ପ୍ରଚୁର ସମ୍ଭାବନା ଏବଂ ଅଭିବୃଦ୍ଧି ରହିଛି। ଟ୍ରୁକଲରର ଆଣ୍ଡ୍ରଏଡ୍ ଅଭିଜ୍ଞତା ସହ ସମାନତା ସେମାନଙ୍କ ଇଚ୍ଛା ତାଲିକାର ଶୀର୍ଷରେ ରହିଛି।

# ୯ ମାସରେ ୨୦୦୭ କୋଟିର ପିଏଟି ରେକର୍ଡ

ନୂଆଦିଲ୍ଲୀ,୨୨।୧

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ୍ (ଏଲ୍‌ଟିଏଫ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଥିଲା। ଏପରିକି ଗତ ୯ମାସରେ କମ୍ପାନୀ ୨,୦୦୭ କୋଟି ଟଙ୍କାର ସମନ୍ୱିତ ପିଏଟି ରେକର୍ଡ କରିଛି, ଯାହାକି ୨୦୨୩ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସିକ ଏବଂ ମୋଟ ୯ ମାସର ରେକର୍ଡ ତୁଳନାରେ ୧୪% ଅଧିକ ବୋଲି କୁହାଯାଇଛି। ୨୦୨୪ ଡିସେମ୍ବର ୩୧ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସରେ ସମନ୍ୱିତ ପିଏଟି ୬୨୬ କୋଟି ଟଙ୍କା ରହିଥିଲା। ଏଲ୍‌ଟିଏଫ୍‌ର ଏମ୍‌ଡି ତଥା ସିଇଓ ସୁଦୀପ୍ତ ରାୟ କହିଛନ୍ତି, ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ କେତେକ ମାକ୍ରୋ ଚ୍ୟାଲେଞ୍ଜ ସତ୍ତ୍ୱେ ଆମେ ପରିସ୍ଥିତିକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିଛୁ।


# Classified Everyday

0674-2580101, 9692975378



**REAL ESTATE**


**SALE**

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399.** D-2670

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 6370277334.** D-2671

**G+2 residential building Mukunda Prasad Housing Board near Industrial Police Station, Barunei Bypass Road, Khorda. Contact- 9337371391, 7978836746.** D-2653

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




A four storied building (on Patia-Infocity main road) with Six Halls & five bedrooms with Toilet and another building in same plot with Five rooms and Toilets to be rented. Suitable for Nursing Home/ Office/ Coaching Center. 9078630318, 9435193999. D-2673




Newly open health benefits SPA special Offer @ 799 Bapujinagar. 8018429809. D-76189

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I, SHIEKH HYDER, aged about 58years, S/o- Shiekh Myjar, resident of At-Andilo, P.O./P.S.- Balianta, Dist.-Khurda, PIN-752101, Odisha, Mob. No.- 9937867677 do hereby declare to the general public that I have lost the original registered sale deed No.-2536, dt. 09.06.1994 and record of right of Khata No.- 616/94 in the name of Shiekh Myjar @ Maijhar Ali during the super cyclone of the year 1999 and hence I do not possess the same. D-75589

**AFFIDAVIT**

By virtue of an affidavit sworn before Executive Magistrate, Banpur, Khurda, dated- 06.01.2025, I Chuchula Biswal, Address: Village- Gandhinagar, P.O./P.S.- Balugaon, Dist.- Khurda, Odisha, 752030 declare that I have changed my son's name from Chiranjiv Biswal to Ayaan Chuchu Biswal. Henceforth, he shall be known as Ayaan Chuchu Biswal for all purposes. Chuchula Biswal D-2666

**Email** ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

By virtue of an affidavit dt-21.01.2025 before the Court of Executive Magistrate, Khordha, I Laxmipriya Patra, At/ P.O./P.S.- Nirakarpur, Dist.-Khordha have changed by name from Laxmipriya Patra to AYESHA FATMA, W/o- Ijhar Alli Saha as per my husband's title for all purposes. D-2667

ମୁଁ ସୁଜାତା ସାମନ୍ତରାୟ ଓରଫ ବିଷ୍ଣୁପ୍ରିୟା ସାମନ୍ତରାୟ, ସ୍ୱା- ରଞ୍ଜନ ସାମନ୍ତରାୟ ଓରଫ ରଞ୍ଜନ କୁମାର ସାମନ୍ତରାୟ, ଗ୍ରାମ- ଜରିପୁଟ, ଖୋରଧା, Affidavit No.- 216/22-01-2025 ଅନୁଯାୟୀ ଘୋଷଣାକରୁଛି ଯେ, ଆଜିଠାରୁ L.I.C. ସହିତ ସମସ୍ତ କ୍ଷେତ୍ରରେ ମୋର ନାମ ଶ୍ରୀମତୀ ସୁଜାତା ସାମନ୍ତରାୟ ରୂପେ ବିବେଚନା କରାଯିବ। ଧ-73572

By virtue of an affidavit before Executive Magistrate, Bhadrak, I, Kalyani Bala Nayak (55 Years), W/o- Dr. Santosh Kumar Jena, presently residing At- Mathasahi (Dhanigadhia), P.O.- Charmpa, P.S./Dist.- Bhadrak and permanent residing of Tulasipur, P.O.- Bidanasi, Dist.- Cuttack declare that my actual name is Kalyani Bala Nayak as per Aadhar Card. But in some records my name has been wrongly mentioned Kalyani Nayak. Both names are same and one person. D-2674

# ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁଦର୍ଶନ ପ୍ରଧାନ**

ଆବିର୍ଭାବ: ୦୫।୦୭।୧୯୨୯
ତିରୋଧାନ: ୧୨।୦୧।୨୦୨୫
ଧଉରାଗୋଠ, ଅନୁଗୋଳ, ବଇଣ୍ଡା
ତୁମେ ଯେଉଁଠି ବି ଥାଅ ଭଗବାନ ତୁମକୁ ଭଲରେ ରଖନ୍ତୁ ।
ଶୋକସନ୍ତପ୍ତ: ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ପ୍ରଧାନ ପରିବାରବର୍ଗ

ଧ-୨୬୬୮

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଲୋଭା ଦାସ**

ବିଶ୍ୱାଳପଡ଼ା,କିଶୋର ନଗର,କଟକ ସଦର
ତିରୋଧାନ ତା: ୧୨।୦୧।୨୦୨୫
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୁମ ଆତ୍ମା ଶାନ୍ତିରେ ରହିଥାଉ ।
ହତଭାଗ୍ୟ ପୁତ୍ର: କୈଳାସ, ରମେଶ ଓ ବିଳାସ
(ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ, କଟକ ଜୋନ୍ ନଂ- ୭)
ପୁତ୍ରବଧୂ, ନାତି, ନାତୁଣୀ, ଅଣନାତି, ନାତୁଣୀ, ପରିବାର ଓ ବନ୍ଧୁବର୍ଗ ।

ଧ-୨୬୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି



**୰ ଦେବରାଜ ପ୍ରଧାନ**

ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ ୰ଦୋଳ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭
ତିରୋଧାନ:୦୪.୦୨.୨୦୨୪
ଶ୍ରଦ୍ଧାଞ୍ଜଳି ସଭା -
୨୩.୦୧.୨୦୨୫ (ଗୁରୁବାର) ସଂନ୍ଧ୍ୟା ୬.୦୦ ଘଟିକା
ଡିହସାହି, ଗତିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ,
ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହୈମବତୀ
୰ ଦେବରାଜ ପ୍ରଧାନ, ଟ୍ରଷ୍ଟି,
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଡ଼ଃ. ପ୍ରଫେସର ବୁଦ୍ଧଦେବ ମିଶ୍ର

ଧ-୨୬୭୨

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

**ବାହାନଗା, ୨୨।୧(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବିଦ୍ୟାଳୟ ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷା ତଥା ତାଲିମ ଶିବିର ବାହାନଗା ବ୍ଲକ ଖନ୍ତାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶିବିର ଜାନୁଆରୀ ୨୦ରୁ ଆରମ୍ଭ ହୋଇ ୨୨ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜିଲାର ୧୨ଟି ବ୍ଲକରୁ ୬୦ଜଣ ଛାତ୍ରୀଛାତ୍ର ଯୋଗଦେଇ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ତଥା ଜିଲା ଜୁନିଅର ରେଡକ୍ରସ ଅଧକ୍ଷା ପ୍ରାଚୀତନୟା ଗିରି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ମୁଖ୍ୟବକ୍ତା ଭାବେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଧୀରେଶ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର, ଜିଲା ଜୁନିୟର ରେଡକ୍ରସ ଅଧିକାରୀ ତଥା ନୀଳଗିରି ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସିମୁଳିଆ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରକାଶ ମହାଳିକ, ବାଲେଶ୍ୱର ଜିଲା ଜୁନିୟର ରେଡ଼କ୍ରସ ସେକ୍ରେଟାରୀ ଅଶୋକ କୁମାର ନାୟକ, ଖନ୍ତାପଡ଼ା ସରପଞ୍ଚ ଯଶୋମତୀ ମହାଳିକ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୀପକ ମାଲଦାସ ଉପସ୍ଥିତ ଥିଲେ। ରେଡକ୍ରସର ଯୁଗ୍ମ ସମ୍ପାଦକ ବାମନ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାସ୍ତରରୁ ବିଭିନ୍ନ ବିଭାଗରେ ଶ୍ରେଷ୍ଠ କୃତିତ୍ୱ ଲାଭ କରିଥିବା ୧୨ଜଣ ଜୁନିୟର ଏବଂ ୨ଜଣ ଗାଇଡ କାଉନସିଲର ଆସନ୍ତା ଫେବୃଆରୀ ୩ରୁ ୭ମଧ୍ୟରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ତାଲିମ ଶିବିରରେ ଯୋଗଦାନ କରିବେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ରାଧା ମଦନମୋହନଙ୍କ ପୁଷ୍ପାଭିଷେକ

**ବାଲିଆପାଳ, ୨୨।୧(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଇସ୍କନ ରାଧା ମଦନ ମୋହନ ମନ୍ଦିରରେ ବୁଧବାର ସନ୍ଧ୍ୟାରେ ଶ୍ରୀଶ୍ରୀ ରାଧା ମଦନମୋହନଙ୍କ ପୁଷ୍ପାଭିଷେକ କାର୍ଯ୍ୟକ୍ରମ ଶେଷ ହୋଇଛି। ବ୍ରାହ୍ମ ମୁହୂର୍ତ୍ତରୁ ମନ୍ଦିରର ନୀତିକ୍ରାନ୍ତି ଆରମ୍ଭ ହୋଇ ଭିନ୍ନ ଭିନ୍ନ ପୂଜାର୍ଚ୍ଚନା ପରେ ମଧ୍ୟାହ୍ନରେ ଭୋଗ ଆରତୀ ପରେ ଭକ୍ତମାନେ ପ୍ରାସାଦ ସେବନ କରିଥିଲେ। ଅପରାହ୍ନରୁ ଭଜନ କୀର୍ତ୍ତନ ଓ ପରମ ପୂଜ୍ୟ ପାଦ ପୂର୍ଣ୍ଣଚନ୍ଦ୍ର ଗୌର ଦାସ ବ୍ରହ୍ମଚାରୀଙ୍କ ଦ୍ୱାରା ଭକ୍ତମାନେ ହରି କଥା ଶ୍ରବଣ କରିଥିଲେ। ସନ୍ଧ୍ୟାରେ ଅମୃତ ବେଳାରୁ ଶ୍ରୀଶ୍ରୀ ରାଧା ମଦନମୋହନଙ୍କ ପୁଷ୍ପାଭିଷେକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଶତାଧିକ ମହିଳା ପୁରୁଷ ଭକ୍ତ କୁଇଣ୍ଟାଲ କୁଇଣ୍ଟାଲ ନାନାପ୍ରକାର ଫୁଲ ରାଧା ମଦନମୋହନଙ୍କ ପାଦପଦ୍ମରେ ଅର୍ପଣ କରିଥିଲେ। ମନ୍ଦିର ପ୍ରତିଷ୍ଠାତା ଡା ହରେକୃଷ୍ଣ ଦାସ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

# କଂଗ୍ରେସର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରଭାସ କର ମହାପାତ୍ର ଓ ଅନ୍ୟମାନେ।

**ମୋରଡ଼ା, ୨୨।୧(ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁର ନୂଆସାହିଠାରେ ବୁଧବାର ପୂର୍ବାହ୍ନ ୧୨ଟାରେ କଂଗ୍ରେସର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ମୋରଡ଼ା ବ୍ଲକର ୨୦ଟି ପଞ୍ଚାୟତର କଂଗ୍ରେସ କର୍ମୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେ ନେଇ ପ୍ରଭାସ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜେଶ ପଡ଼ିଆରୀ, ଶଶଧର ବେହେରା, ତାପସ ରଞ୍ଜନ ରାଉତ, ଭବାନୀଶଙ୍କର ମହାନ୍ତ,ମଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଜୟଚନ୍ଦ୍ର ମହାନ୍ତ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱତାରିଣୀ ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ

**ଛେନାପଦି, ୨୨।୧(ନିରାକାର ପରିଡା)**

କେନ୍ଦୁଝର ଜିଲା ଛେନାପଦିସ୍ଥିତ ବିଶ୍ୱତାରିଣୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନଦିଆ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଶ୍ରୀ ଶୁଭସ୍ମିତା ପଳିତା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପକ ବିଶ୍ୱଜିତ ରାଉତ, ଅଧ୍ୟାପିକା ଆଳତୀ ଦାଶ, ପଲିଶ୍ରୀ ପାଇକରାୟ, ସୁରଭି ପାଢ଼ୀ, ଶୁଭଶ୍ରୀ ରାଉତ, ସ୍ୱର୍ଣ୍ଣମଞ୍ଜରୀ ପଣ୍ଡା, ସୁମିତ୍ରା ବେହେରା ପ୍ରମୁଖଙ୍କ ସହ କଲେଜର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ଅଙ୍ଗଦାନ କରି ଅମର ହେଲେ ଲତା

**ପାଟଣା, ୨୨।୧(ବୀରକିଶୋର ଦାଶ)**

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଯମୁନାପଶି ପଞ୍ଚାୟତ ଅନ୍ତର୍ଗତ କୋଡ଼ଖମଣ ଗ୍ରାମର ଲତା ମହାନ୍ତ(୫୮) ମୃତ୍ୟୁ ପରେ ଅଙ୍ଗଦାନ କରି ଅମର ହୋଇଯାଇଛନ୍ତି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ପରେ ପରିବାର ଲୋକଙ୍କ ସହମତିକ୍ରମେ ତାଙ୍କ ଯକୃତ ଅନ୍ୟଜଣଙ୍କଠାରେ ପ୍ରତିରୋପିତ ହୋଇଛି। ସରକାରୀ ନିୟମ ଅନୁଯାୟୀ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଗ୍ରାମରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ପ୍ରକାଶ ଯେ, କୋଡ଼ଖମଣ ଗ୍ରାମର କୁଳମଣି ମହାନ୍ତ ଜଣେ ସାଧାରଣ କୃଷକ ହୋଇଥିବା ବେଳେ ଏକମାତ୍ର ପୁଅ ପୁରୁଷୋତ୍ତମ କନଷ୍ଟେବଲ ଭାବରେ କାର୍ଯ୍ୟରତ ଅଛନ୍ତି। କୁଳମଣୀଙ୍କ ସ୍ତ୍ରୀ ଲତା ଗତ ଜାନୁଆରୀ ୧୬ରେ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ରାତି ୧୦ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପରିବାର ଲୋକେ ଲତାଙ୍କ ଯକୃତକୁ ଦାନ କରିଥିଲେ। ବୁଧବାର ମୃତଦେହ ଗାଁରେ ପହଞ୍ଚିବା ପରେ ଗାଁ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅପରାହ୍ନ ୩ଟା ୪୦ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକ ମାତ୍ର ପୁଅ ପୁରୁଷୋତ୍ତମ ମୁଖାଗ୍ନି ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏଡିଏମ୍ ମନ୍ଦରଧର ମାହାଲା, ଚମ୍ପୁଆ ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ବ୍ଲକ୍ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝି, ସ୍ଥାନୀୟ ରେଭିନ୍ୟୁ ଇନ୍ସପେକ୍ଟର ନିବେଦିତା ସେଠୀ, ପଞ୍ଚାୟତ ଏଡିଓ ଦେବାଶିଷ ରାଉତ ପ୍ରମୁଖ ଅନ୍ତେଷ୍ଟି କ୍ରିୟାରେ ସାମିଲ ହୋଇଥିଲେ।

# ବଦଳିଲେ ୭ ଫରେଷ୍ଟର

**କେନ୍ଦୁଝର, ୨୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡର ବିଭିନ୍ନ ରେଞ୍ଜ ଅଧୀନରେ କାମ କରିଆସୁଥିବା ୭ ଜଣ ଫରେଷ୍ଟରଙ୍କ ବଦଳି ହୋଇଛି। ଶରତ ପଟ୍ଟନାୟକଙ୍କ ବଦଳି କେନ୍ଦୁଝର ରେଞ୍ଜ ଜଂଘିରା ସେକ୍ସନରୁ ବଡ଼ବିଲ ରେଞ୍ଜ ଗୁଆଲିକୁ ବଦଳି ହୋଇଛି। ସେଠାରେ କାମ କରୁଥିବା ଫରେଷ୍ଟର ଅକ୍ଷୟ ମହାନ୍ତିଙ୍କ ବଦଳି କେନ୍ଦୁଝର ରେଞ୍ଜ ଟାଉନ ସେକ୍ସନକୁ ହୋଇଛି। ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନର ପ୍ରମୋଦ କୁମାର ବେହେରାଙ୍କ ତେଲକୋଇ ରେଞ୍ଜ ବିମଳା ସେକ୍ସନକୁ ବଦଳି ହୋଇଛି। ସେଠାରେ କାମ କରୁଥିବା କୌଶଲ୍ୟା ମହାନ୍ତଙ୍କ ବଦଳି କେନ୍ଦୁଝର ରେଞ୍ଜ ଜଂଘିରା ସେକ୍ସନକୁ ହୋଇଛି। ଡିଭିଜନ ଅଫିସରେ ଥିବା ନଗେନ୍ଦ୍ର ଜେନାଙ୍କ ବଦଳି ଘଟଗାଁ ରେଞ୍ଜ ଢେଙ୍କିକୋଟ ସେକ୍ସନକୁ ହୋଇଥିବା ବେଳେ ଡିଭିଜନରେ ଥିବା ଚିତରଞ୍ଜନ ପରିଡ଼ାଙ୍କ ବଦଳି ଚମ୍ପୁଆ ରେଞ୍ଜ ଅଫିସକୁ ହୋଇଛି। କେନ୍ଦୁଝର ରେଞ୍ଜର ଟାଉନ ସେକ୍ସନର ପ୍ରଦୀପ ବାରିକଙ୍କ ବଦଳି ଚମ୍ପୁଆ ରେଞ୍ଜର ଉଖୁଣ୍ଡା ସେକ୍ସନକୁ ବଦଳି ହୋଇଥିବା ଜଣାପଡ଼ିଛି।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ଦାବି


**କରଞ୍ଜିଆ, ୨୨।୧(କବିତା ମହାନ୍ତ):**

କରଞ୍ଜିଆ ଏନଏସି ଅଧୀନ ୧୨ନଂ. ୱାର୍ଡ଼ରେ ରହିଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଓ କାର୍ଯ୍ୟାଳୟ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ପାଇଁ ମୟୂରଭଞ୍ଜ ଜିଲାପାଳଙ୍କଠାରେ ଚାଷୀମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବର୍ଜ୍ୟବସ୍ତୁ, ଆବର୍ଜନା ଓ ମଇଳା ବୁହା ହୋଇ ନୂଆସାହି ଦେଇ ଉକ୍ତ ପ୍ଲାଣ୍ଟକୁ ପ୍ରତ୍ୟେହ ଯାଉଛି। ଉକ୍ତ ଆବର୍ଜନା ବୁହା ହେଲା ବେଳକୁ ସାହିରେ ଉତ୍କଟ ଗନ୍ଧ ହେବା ସହିତ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି। ଏବାବଦରେ ସାହି ଲୋକେ ବାରମ୍ବାର ଏନଏସି କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରି ଆସୁଛନ୍ତି। ଅପରପକ୍ଷରେ ନୂଆସାହିରୁ ଧାତିଙ୍ଗପଦା ଦେଇ ଉକ୍ତ ପ୍ରକଳ୍ପ ପର୍ଯ୍ୟନ୍ତ ଏକ ଗୋଚର ଜମି ରହିଛି। ଏହି ଜମିକୁ କିଛି ଲୋକ ଜବରଦଖଲ କରିଛନ୍ତି।ଉକ୍ତ ଜମି ଉପରେ ଏକ ସରକାରୀ ରାସ୍ତା ନିର୍ମାଣ ପାଇଁ ଚାଷୀମାନେ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଏଠାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ମଧ୍ୟ ଦାବି କରାଯାଇଛି। କରଞ୍ଜିଆର ବରିଷ୍ଠ ଓକିଲ ପ୍ରଦୀପ ଚୌଧୁରୀ ଏ ବାବଦରେ କରଞ୍ଜିଆ ଏନଏସି.ର ଉପାଧ୍ୟକ୍ଷଙ୍କୁ ସାକ୍ଷାତ କରି ରାସ୍ତା ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଉପାଧ୍ୟକ୍ଷ ସ୍ୱରୂପ ପରିଜା କହିଛନ୍ତି ଯେ, ଉକ୍ତ ଜବରଦଖଲ ହୋଇଥିବା ଜମିକୁ ଚିହ୍ନଟ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ରାସ୍ତା ପରେ ବଳକା ଜମିକୁ ଭୂମିହୀନ ଲୋକଙ୍କ ପାଇଁ ବାସଗୃହ ନିର୍ମାଣ କରାଯିବା ଲକ୍ଷ୍ୟ ରହିଛି।

# ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ: ୧୫ ଶ୍ରମିକ ଆହତ, ୨ ଗୁରୁତର

**ଜଳେଶ୍ୱର, ୨୨।୧(ରବିନାରାୟଣ ପାତ୍ର)**

ଜଳେଶ୍ୱର ଥାନା ଅଧୀନ ବାଣିଦାଛକ ନିକଟରେ ପିକ୍‌ଅପ ଭ୍ୟାନ(ନଂ. ଓଡି୧୧ଏଏଫ୨୮୦୭) ୩୫ଜଣ ଶ୍ରମିକଙ୍କୁ ଧରି ୫୭ ରାଜ୍ୟ ରାଜପଥରେ ଗଲା ବେଳେ ରାସ୍ତା କଡକୁ ଓଲଟି ପଡିଥିଲା। ସେଥିରେ ଖୁନ୍ଦାଖୁନ୍ଦି ହୋଇ ବସିଥିବା ଶ୍ରମିକ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଜିକେ ଭଞ୍ଜ ହସ୍‌ପିଟାଲକୁ ଆଣିଥିଲେ। ଏଥିରେ ୧୫ଜଣ ଆହତ ହୋଇଥିବା ବେଳେ ୨ଜଣ ସଙ୍କଟାପନ୍ନ ଅଛନ୍ତି। ଗୁରୁତର ୨ଜଣ ହେଲେ ମୟୂରଭଞ୍ଜ ଜିଲାର ନିତୁଆପଦାର ଯଶୋଦା ଦେହୁରୀ, ନୂଆସାହିର ସୁଲୋଚନା ଟୁଡୁ। ଜଳେଶ୍ୱର ପୋଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ଭାରତୀୟ ବୋଲର ପ୍ରଭାବୀ

କୋଲକାତା, ୨୨।୧

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ବୁଧବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଆରମ୍ଭ ହୋଇଛି। ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଇଂଲଣ୍ଡ ଇନିଂସକୁ ୨୦ ଓଭରରେ ୧୩୨ ରନରେ ସୀମିତ ରଖିଛନ୍ତି। ଟସ୍ ଜିତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ପ୍ରଥମ ଓଭରର ୩ୟ ବଲ୍‌ରେ ଫିଲ୍ ସଲ୍ଟ (୦) ଓ ତୃତୀୟ ଓଭରର ୫ମ ବଲ୍‌ରେ ବେନ୍ ଡକେଟ (୪)ଙ୍କୁ ଆଉଟ କରି ଇଂଲଣ୍ଡର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଏହା ପରେ ମଧ୍ୟ ଇଂଲଣ୍ଡ ବ୍ୟାଟରଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଅବ୍ୟାହତ ରହିଥିଲା। ଅଧିନାୟକ ଜୋସ୍ ବଟଲରଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଇଂଲଣ୍ଡ ବ୍ୟାଟର ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ବଟଲର ଗୋଟିଏ ପଟରେ ଘରୋଇ ବୋଲରଙ୍କୁ ମୁକାବିଲା କରି ୪୪ ବଲ୍‌ରୁ ଦ୍ରୁତ ୬୮ ରନ ସ୍କୋର କରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୮ ଚୌକା ଓ ୨ ଛକା ମାରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଅନ୍ୟପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଘଟିବାରୁ ଇଂଲଣ୍ଡ ଅଲ୍‌ଆଉଟ ହୋଇ ଯାଇଥିଲା। ହାରି ବ୍ରୁକ୍ ଦ୍ୱିତୀୟ ସର୍ବାଧିକ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ଉଇକେଟ ନେଇଥିବାବେଳେ ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ୨ଟି ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୩୨/ଅଲ୍‌ଆଉଟ (ଜୋସ ବଟଲର-୬୮, ବରୁଣ ଚକ୍ରବର୍ତ୍ତୀ-୩/୨୩, ଅର୍ଶଦୀପ ସିଂ-୨/୧୭, ହାର୍ଦ୍ଦିକ ପାଣ୍ଡ୍ୟା-୨/୪୨, ଅକ୍ଷର ପଟେଲ-୨/୨୨)।



ଉଇକେଟ ନେବାପରେ ଅର୍ଶଦୀପ ସିଂ।

## ଅର୍ଶଦୀପଙ୍କ ମାଇଲଖୁଣ୍ଟ

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ବୁଧବାର ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଟି୨୦ କ୍ରିକେଟ ମ୍ୟାଚରେ ସେ ୟୁଜବେନ୍ଦ୍ର ଚହଲଙ୍କ ନାମରେ ଥିବା ୯୬ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୨୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଅର୍ଶଦୀପ କ୍ୟାରିୟରର ୬୧ତମ ମ୍ୟାଚରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଯାହାକି ଚହଲଙ୍କ ମ୍ୟାଚ ସଂଖ୍ୟାଠାରୁ ୧୯ କମ୍। ଚହଲ ୮୦ ମ୍ୟାଚରୁ ୯୬ ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ। ୨୫ ବର୍ଷୀୟ ଏହି ପ୍ରତିଭା ସମ୍ପନ୍ନ ବୋଲର ଡେବ୍ୟୁ କରିବା ପରଠାରୁ ଭାରତର ଅଧିକାଂଶ ମ୍ୟାଚ ଖେଳି ଆସିଛନ୍ତି। ସେ ୨ ଥର ୪ ଉଇକେଟ ସଫଳତା ହାସଲ ମଧ୍ୟ କରିଛନ୍ତି। ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ହେଉଛି ୪/୯। ଏଠାରେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚରେ ସେ ପ୍ରଥମେ ଫିଲ୍ ସଲ୍ଟଙ୍କୁ ଆଉଟ କରି ଚହଲଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହାପରେ ବେନ୍ ଡକେଟଙ୍କ ଉଇକେଟ ନେଇ ରେକର୍ଡର ଅଧିକାରୀ ହୋଇ ଯାଇଥିଲେ।

## ଶାମିଙ୍କୁ ନେଇ ଚର୍ଚ୍ଚା

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ମହମ୍ମଦ ଶାମି ଭାରତୀୟ ଚୂଡ଼ାନ୍ତ ଏକାଦଶରେ ସାମିଲ ନ ହେବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଶାମି ସମ୍ଭବତଃ ସମ୍ପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି ବୋଲି ଅନୁମାନ କରାଯାଉଛି। ମ୍ୟାଚ ପୂର୍ବରୁ ଶାମି କିଛି ସମୟ ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ମାତ୍ର ଚୂଡ଼ାନ୍ତ ଏକାଦଶରେ ସାମିଲ ନ ହେବାରୁ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ ବିଳମ୍ବ ହୋଇଛି।

# ବେଙ୍ଗଲ ଟାଇଗର୍ସର ଦ୍ୱିତୀୟ ବିଜୟ


ମ୍ୟାଚ ବିଜୟରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଖେଳାଳି।

**ମହିଳା ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଚାଲିଥିବା ମହିଳା ହକି ଇଣ୍ଡିଆ ଲିଗ୍‌ରେ ବୁଧବାର ଶ୍ରାଚୀରର୍ ବେଙ୍ଗଲ ଟାଇଗର୍ସ ୨-୦ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ବିଜୟୀ ଦଳ ପକ୍ଷରୁ ମୁଲାନ କାଥରିନ ୨୧ ଓ ୩୩ତମ ମିନିଟରେ ଗୋଲ ଦୁଇଟି ସ୍କୋର କରିଥିଲେ। ଚଳିତ ଲିଗ୍‌ରେ ୫ ମ୍ୟାଚରୁ ବେଙ୍ଗଲ ଟାଇଗର୍ସର ଏହାଥିଲା ଦ୍ୱିତୀୟ ବିଜୟ। ୨ ପରାଜୟ ଓ ୧ ଶୁଟ୍‌ଆଉଟ ପରାଜୟ ସହ ୭ ପଏଣ୍ଟ ପାଇ ଏହି ଦଳ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଦିଲ୍ଲୀ ଦଳ ୫ ମ୍ୟାଚରୁ ୪ର୍ଥ ପରାଜୟ ସହ ୩ ପଏଣ୍ଟରେ ରହି ପ୍ରଥମ ଦଳଭାବେ ଏଲିମିନେଟ ହୋଇଯାଇଛି।

# ରାଜ୍ୟସ୍ତରୀୟ ସ୍ଲିଙ୍ଗ୍-ସଟ୍ ପ୍ରତିଯୋଗିତା ୨୬ରେ


ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ସ୍ଲିଙ୍ଗ୍-ସଟ୍ ଓଡ଼ିଶା ଅନୁକୂଲ୍ୟରେ ପ୍ରଥମ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଚଳିତ ମାସ ୨୬ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ସ୍ଲିଙ୍ଗ୍-ସଟ୍ ଓଡ଼ିଶାର ଅଫିସିଆଲମାନେ ଏହି ପ୍ରତିଯୋଗିତାକୁ ପରିଚାଳନା କରିବେ। ସ୍ଲିଙ୍ଗ୍-ସଟ୍ ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ଆୟୋଜକଙ୍କର ଏହା ଏକ ଅଭିନବ ପ୍ରୟାସ। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ମହିଳା ଓ ପୁରୁଷ ଏବଂ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ନିକଟରେ ହେବାକୁ ଥିବା ଜାତୀୟ ସ୍ଲିଙ୍ଗ ଶଟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ।

# ତୃଣମୂଳ ସ୍ତରରୁ ପ୍ରତିଭାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ : କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ଏବଂ ତୃଣମୂଳ ସ୍ତରରୁ କ୍ରୀଡ଼ାବିତମାନଙ୍କୁ ସୁଯୋଗ ପ୍ରଦାନ କରିବା ସହ କ୍ରୀଡ଼ା ପ୍ରତିଭା ବିକାଶ ନିମନ୍ତେ ଆରମ୍ଭ ହୋଇଛି ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ୧୫ ବର୍ଷରୁ କମ୍ ବର୍ଗରେ ଆୟୋଜନ ହେଉଛି। ପ୍ରଥମ ଚରଣରେ ରାଜ୍ୟର ୧୬ଟି ସ୍ଥାନ ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ରାଉରକେଲାରେ ସିଏମ ଟ୍ରଫି ଫୁଟବଲ ଅନୁଷ୍ଠିତ ହେଉଛି। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ଆୟୋଜନ ହେବା ସମ୍ପର୍କରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ସୁନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ କରିବା ହେଉଛି ଆମ ଲକ୍ଷ୍ୟ। ସିଏମ ଟ୍ରଫି ଫୁଟବଲର ଆୟୋଜନ ମାଧ୍ୟମରେ ତୃଣମୂଳ ସ୍ତରରେ କ୍ରୀଡ଼ାବିତମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ନିମନ୍ତେ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରାଯାଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ସମସ୍ତ କ୍ରୀଡ଼ାବିତ ନିଶ୍ଚିତରୂପେ ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଆମ ସମସ୍ତଙ୍କ ପାଇଁ ଗୌରବ ଆଣିବେ ବୋଲି କ୍ରୀଡ଼ାମନ୍ତ୍ରୀ କହିଛନ୍ତି।


ସୂର୍ଯ୍ୟବଂଶୀ ସୂରଜ

ସୂଚନାଯୋଗ୍ୟ ଯେ, ସିଏମ ଟ୍ରଫି ଫୁଟବଲ୍ ଚାମ୍ପିୟନଶିପ୍ ବିଭିନ୍ନ ଚରଣରେ ଅନୁଷ୍ଠିତ ହେବ। ପ୍ରାରମ୍ଭିକ ଚରଣରେ ଏହା ଜିଲାମାନଙ୍କରେ ରହିଥିବା ବିଭିନ୍ନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଉଛି। ଏହାପରେ ଜିଲା ସ୍ତରରୁ ମନୋନୀତ ମୋଟ ୩୧ ଦଳକୁ (୩୦ଟି ଜିଲାରୁ ୩୦ଟି ଦଳ ଏବଂ ଭୁବନେଶ୍ୱରରୁ ଗୋଟିଏ ଦଳ) ୪ ଗୋଟି କ୍ଲଷ୍ଟର (କ୍ଲଷ୍ଟର- ସମ୍ବଲପୁର, ଭୁବନେଶ୍ୱର, ଜୟପୁର ଏବଂ କେନ୍ଦୁଝର)ରେ ବିଭକ୍ତ କରାଯାଇ ପ୍ରତିଯୋଗିତାର ଆୟୋଜନ କରାଯିବ। ସିଏମ ଟ୍ରଫି ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲ ଜୟପୁର ଓ ରାଉରକେଲାରେ ଏବଂ ଫାଇନାଲ ଭୁବନେଶ୍ୱରରେ ଅନୁଷ୍ଠିତ ହେବ।

**ଚାମ୍ପିୟନ୍ସ ଟ୍ରଫିରେ ଡ୍ରେସ୍ କୋଡ୍**

# ଆଇସିସି ଗାଇଡଲାଇନ ମାନିବ ଭାରତ

**ନୂଆଦିଲ୍ଲୀ, ୨୨।୧ (ପି.ଟି.):** ଆସନ୍ତା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ ପକ୍ଷରୁ ଧାର୍ଯ୍ୟ ଗାଇଡଲାଇନ୍‌କୁ ମାନିବ। ଅଫିସିଆଲ ଜର୍ସିରେ ପାକିସ୍ତାନ ଲେଖାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିରୋଧ କରୁଛି ବୋଲି ଯାହା ଆଲୋଚନା ହେଉଛି ତାହା ଭିତ୍ତିହୀନ ବୋଲି ସମ୍ପାଦକ ଦେବଜିତ ସାଇକିଆ ପ୍ରକାଶ କରିଛନ୍ତି। ଚାମ୍ପିୟନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହେବ। ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଯିବାକୁ ଭାରତ ମନା କରିଦେବାପରେ ହାଇବ୍ରିଡ୍ ମୋଡ୍‌ରେ ଏହି ନିଷ୍ପତ୍ତି ହୋଇଛି। ଚାମ୍ପିୟନ୍ସ ଟ୍ରଫି ଅବସରରେ ବିସିସିଆଇ ଆଇସିସିର ସମସ୍ତ ୟୁନିଫର୍ମ ନିୟମ ମାନିବ ବୋଲି ସାଇକିଆ ସ୍ପଷ୍ଟ କରିଛନ୍ତି। ଅନ୍ୟ ଦଳ ଗୁଡ଼ିକ ଯେଉଁ ଲୋଗୋ ଏବଂ ଡ୍ରେସ୍ କୋଡ୍ ପାଳନ କରିବେ ଭାରତ ମଧ୍ୟ ତାହା କରିବ ବୋଲି ସେ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଟିମ୍ ଜର୍ସିରେ 'ପାକିସ୍ତାନ' (ଆୟୋଜକ ଦେଶ) ଲେଖାକୁ ନେଇ ଭାରତ ଆପତ୍ତି ଉଠାଇଛି ବୋଲି ମିଡିଆ ରିପୋର୍ଟମାନ ପ୍ରକାଶ ପାଇଛି। ମାତ୍ର ପ୍ରକୃତରେ ବିସିସିଆଇ କେବେହେଲେ ଲୋଗୋ ଗାଇଡଲାଇନ୍‌କୁ ମାନିବାରେ ଚିନ୍ତା ପ୍ରକଟ କରିନାହିଁ। ପାକିସ୍ତାନ ଯେତେବେଳେ ୫୦ ଓଭର ଆଇସିସି ବିଶ୍ୱକପ ଖେଳିବାକୁ ଭାରତ ଆସିଥିଲା ବାବର ଆଜମ ଏବଂ ତାଙ୍କ ଦଳର ସଦସ୍ୟ ଆୟୋଜକ ଦେଶର ନାମଥିବା ଜର୍ସି ପରିଧାନ କରିଥିଲେ। ଏହା ହେଉଛି ଟୁର୍ନାମେଣ୍ଟ ପ୍ରୋଟୋକଲ। ହାଇବ୍ରିଡ୍ ମଡେଲରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବ। ଏପରିକି ପାକିସ୍ତାନ ବିପକ୍ଷ ମ୍ୟାଚ ମଧ୍ୟ ଏଠାରେ ଅନୁଷ୍ଠିତ ହେବ। ଭାରତ ଯଦି ସେମିଫାଇନାଲ କିମ୍ବା ଫାଇନାଲ ଯାଏ ତେବେ ସେହି ମ୍ୟାଚ ଗୁଡ଼ିକ ମଧ୍ୟ ଦୁବାଇରେ ଆୟୋଜନ ହେବ ବୋଲି ସ୍ପଷ୍ଟ କରାଯାଇଛି।

# ସିନର, ଶେଲଟନ ସେମିଫାଇନାଲରେ


କ୍ୱାର୍ଟର ଫାଇନାଲ ଜିତିବାପରେ ଜାନିକ ସିନରଙ୍କ ପ୍ରତିକ୍ରିୟା।

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୨୨।୧

ଟପ୍ ସିଡ୍ ଜାନିକ ସିନର ଓ ୨୧ତମ ସିଡ୍ ବେନ୍ ଶେଲଟନ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଇଟାଲୀର ସିନର ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ୬-୩, ୬-୨, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଆସନ୍ତା ୨୪ରେ ପ୍ରଥମ ସେମିଫାଇନାଲରେ ସିନର ଆମେରିକାର ବେନ୍ ଶେଲଟନଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଶେଲଟନ ୬-୪, ୭-୫, ୪-୬, ୭-୬ (୭/୪) ସେଟ୍‌ରେ ଇଟାଲୀର ଅଣସିଡେଡ ଲୋରେଞ୍ଜୋ ସୋନେଗୋଙ୍କୁ ପରାସ୍ତ କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଜର୍ମାନୀର ଆଲେକଜାଣ୍ଡର ଜେଭରେଭଙ୍କ ମଧ୍ୟରେ ମୁକାବିଲା ହେବ।

## ସ୍ୱିଟେକ-କିଜ୍ ସେମିଫାଇନାଲ

ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ଇଗା ସ୍ୱିଟେକ ଓ ୧୯ଶ ସିଡ୍ ମାଡିସନ କିଜ୍‌ଙ୍କ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ପୋଲାଣ୍ଡର ସ୍ୱିଟେକ ୬-୧, ୬-୨ ସେଟ୍‌ରେ ଆମେରିକାର ଇମା ନାଭାରୋଙ୍କୁ ପରାସ୍ତ କରିଛନ୍ତି। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଆମେରିକାର କିଜ୍ ୩-୬, ୬-୩, ୬-୪ରେ ୨୮ତମ ସିଡ୍ ୟୁକ୍ରେନର ଇଲିନା ସ୍ୱେତଲିନାଙ୍କୁ ହରାଇ ଦେଇଛନ୍ତି। ଅନ୍ୟ ସେମିଫାଇନାଲରେ ବେଲାରୁଷର ଆରିନା ସାବାଲେଙ୍କା ଓ ସ୍ପେନର ପାଉଲା ବଦୋସାଙ୍କ ମଧ୍ୟରେ ଲଢ଼େଇ ହେବ।

ପୁରୁଷ ଡବଲ୍ସରେ ଟିମ୍ ପୁଜ୍ ଓ କେଭିନ କ୍ରାୱେଜ ଯୋଡ଼ି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ଯୋଡ଼ି କ୍ୱାର୍ଟର ଫାଇନାଲରେ ଜୁଲିଆନ କାଶ ଓ ଲିୟଡ ଗ୍ଲାସପୁଲଙ୍କୁ ୭-୬ (୧୧/୯), ୭-୬ (୭/୫) ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ମହିଳା ଡବଲ୍ସରେ ଟେଲର ଟାଉନସେଣ୍ଡ-କାଟରିନା ସିନିକୋଭା ଯୋଡ଼ି ୬-୧, ୬-୫ରେ କ୍ରିଷ୍ଟିନା ମାଲଡେନୋଭିଚ୍ ଓ ଝାଙ୍ଗ ଶୁଇଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ଚାମ୍ପିୟନଶିପ୍‌ର ୧୫ ଏସ୍ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଏହା ବ୍ୟତୀତ ୭ ଏସ ବର୍ଗରେ ଦଳ ରନରଅପ୍ ହୋଇଛି। କିଟ୍-କିସ୍ ଆଥଲେଟିକ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ୧୫ଏସ ଫାଇନାଲରେ କିଟ୍ ୧୫-୧୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ପରାସ୍ତ କରିଛି। ପଞ୍ଜାବର ଲଭଲି ପ୍ରଫେଶନାଲ ୟୁନିଭର୍ସିଟିକୁ ୪୧-୦ରେ ହରାଇ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ୭ଏସ୍ ଫାଇନାଲରେ ଶିବାଜୀ ବିଶ୍ୱବିଦ୍ୟାଳୟଠାରୁ କିଟ୍ ୫-୧୫ରେ ହାରି ଯାଇଛି। ଲଭଲି ପ୍ରଫେଶନାଲ ୟୁନିଭର୍ସିଟି ୪୩-୦ରେ ୟୁନିଭର୍ସିଟି ଅଫ୍ ମୁମ୍ବାଇକୁ ହରାଇ ତୃତୀୟ ସ୍ଥାନ ହାସଲ କରିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀର ୧୫ ଏସ୍ ବର୍ଗରେ ଚାମ୍ପିୟନ କିଟ୍ ଦଳ।

# ସିନ୍ଧୁ, ଲକ୍ଷ୍ୟ ସେନ୍ ଭାରତର ନେତୃତ୍ୱ ନେବେ

**ନୂଆଦିଲ୍ଲୀ, ୨୨।୧ (ପି.ଟି.):** ଡବଲ ଅଲିମ୍ପିକ୍ ମେଡାଲିଷ୍ଟ ପି.ଭି. ସିନ୍ଧୁ ଓ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ମେଡାଲିଷ୍ଟ ଲକ୍ଷ୍ୟ ସେନ୍ ଆସନ୍ତା ବ୍ୟାଡ୍‌ମିଣ୍ଟନ ଏସିଆ ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ୧୪ ଜଣିଆ ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ଚାଇନାର କ୍ୱିଙ୍ଗଡୋଠାରେ ଫେବୃଆରୀ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୦୨୩ରେ ଦୁବାଇରେ ଅନୁଷ୍ଠିତ ପ୍ରତିଯୋଗିତାର ଗତ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା।

# ଖୋ ଖୋ ବିଶ୍ୱକପ୍ ଦଳକୁ କ୍ରୀଡ଼ାମନ୍ତ୍ରୀଙ୍କ ସମ୍ବର୍ଦ୍ଧନା


କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନ୍ୟ ଅତିଥିଙ୍କ ଗହଣରେ ଭାରତୀୟ ମହିଳା ଖୋ ଖୋ ଦଳ।

ନୂଆଦିଲ୍ଲୀ, ୨୨।୧

ସର୍ବପ୍ରଥମ ଖୋ ଖୋ ବିଶ୍ୱକପରେ ଚାମ୍ପିୟନ ହୋଇ ଭାରତୀୟ ମହିଳା ଓ ପୁରୁଷ ଦଳ ଇତିହାସ ରଚିଛି। ଫଳରେ ଦୁଇ ଦଳକୁ ଏବେ ଅଭିନନ୍ଦନର ସୁଅ ଛୁଟିଛି। ଏହି କ୍ରମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଦୁଇ ଦଳକୁ ସମ୍ବର୍ଦ୍ଧିତ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଦଳ ପୂରା ଭାରତକୁ ଗର୍ବିତ କରିଛନ୍ତି ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ପ୍ରତୀକ ୱାଇକରଙ୍କ ନେତୃତ୍ୱାଧୀନ ପୁରୁଷ ଓ ପ୍ରିୟଙ୍କ ଇଙ୍ଗଲେଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଫାଇନାଲରେ ନେପାଳକୁ ପରାସ୍ତ କରି ବିଶ୍ୱ ଚାମ୍ପିୟନ ହୋଇଥିଲା। ପ୍ରଥମଥର ପାଇଁ ଅନୁଷ୍ଠିତ ଏହି ବିଶ୍ୱକପରେ ୨୩ଟି ଦେଶ ଅଂଶଗ୍ରହଣ କରିଥିଲେ। ପୁରୁଷ ବର୍ଗରେ ୨୦ ଓ ମହିଳାରେ ୧୯ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ